READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524





ସ୍ପୋର୍ଟ୍ସ ଲିଟ୍ ଫେଷ୍ଟିଭାଲ ଉଦ୍‌ଘାଟନ କରୁଛନ୍ତି ମୁଖ୍ୟମନ୍ତ୍ରୀ


ବର୍ଷ-୨ | ସଂଖ୍ୟା-୪୩ | ୦୫ - ୧୧ ନଭେମ୍ବର, ୨୦୧୮ | ଭୁବନେଶ୍ୱର | Monday Weekly | VOL-2 | ISSUE-43 | 05th - 11th NOVEMBER, 2018 | BHUBANESWAR | ₹ 5/- (8 Pages)



## ଚୌକି ପାଇଁ ପ୍ରତିଶ୍ରୁତି ଭୁଲିଗଲା ବିଜେପି : ନବୀନ



**ଭୁବନେଶ୍ୱର :** ବିଜୁ ଜନତା ଦଳ ପକ୍ଷରୁ ଅକ୍ଟୋବର ୨ ତାରିଖ ପବିତ୍ର ଗାନ୍ଧି ଜୟନ୍ତୀରୁ ଆରମ୍ଭ ହୋଇ ନଭେମ୍ବର ୩୦ ପର୍ଯ୍ୟନ୍ତ ଚାଲିବାକୁ ଥିବା ଜନସଂପର୍କ ପଦଯାତ୍ରା ୪୩ ନମ୍ବର ୱାର୍ଡର ଲକ୍ଷ୍ମୀସାଗର ମେଳନ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା। ଏହି ପଦଯାତ୍ରାରେ ଦଳର ସଭାପତି ତଥା ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ କାର୍ଯ୍ୟକ୍ରମରେ ଉପସ୍ଥିତ ଜନସାଧାରଣଙ୍କୁ ସ୍ୱାଗତ କରିଥିଲେ। ଶ୍ରୀ ପଟ୍ଟନାୟକ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଅକ୍ଟୋବର ୨ରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ସାରା ରାଜ୍ୟରେ ବେଶ୍ ଭଲ ଭାବରେ ଚାଲିଛି। ଏଥିପାଇଁ ଆମର କର୍ମୀ ଭାଇ-ଭଉଣୀମାନଙ୍କୁ ମୋର ଧନ୍ୟବାଦ। ଆମେ କଥା ନୁହେଁ, କାମରେ ବିଶ୍ୱାସ କରୁ। ମୁଁ ଆପଣମାନଙ୍କୁ ୪ଟି କଥା କହିଥିଲି। ନମ୍ବର ୧- ଖାଦ୍ୟ ସୁରକ୍ଷା, ନମ୍ବର ୨- ଘର, ନମ୍ବର ୩-ସ୍ୱାସ୍ଥ୍ୟ ଓ ନମ୍ବର ୪- ସାମାଜିକ ନିରାପତ୍ତା। ଭାରତ ସରକାରଙ୍କ ନିୟମରେ ବହୁ ଗରିବ ଲୋକ, ଯୋଗ୍ୟ ହିତାଧିକାରୀ ଏସବୁ ସୁବିଧାରୁ ➤ ପୃ-୬

## ଏକତାର ପ୍ରତିମୂର୍ତ୍ତି ଲୋକାର୍ପିତ

**ନୂଆଦିଲ୍ଲୀ :** ବିଶ୍ୱର ସର୍ବୋଚ୍ଚ ପ୍ରତିମୂର୍ତ୍ତି ନିର୍ମାଣ କରି ଇତିହାସ ରଚିଛି ଭାରତ। ଏହାର ଉଚ୍ଚତା ରହିଛି ୧୮୨ ମିଟର। ଦେଶର ପ୍ରଥମ ସ୍ୱରାଷ୍ଟ୍ର ମନ୍ତ୍ରୀ, ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୪୩ତମ ଜନ୍ମ ବାର୍ଷିକ ଅବସରରେ ନର୍ମଦା ନଦୀ କୂଳରେ ଏହି ପ୍ରତିମୂର୍ତ୍ତିକୁ ଗତ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାତି ଉଦ୍ଦେଶ୍ୟରେ ଲୋକାର୍ପିତ କରିଛନ୍ତି। ପ୍ରଧାନମନ୍ତ୍ରୀ ଏହି ସମାରୋହ ଅବସରରେ ସେଠାରେ ପ୍ରତିଷ୍ଠିତ ସଂଗ୍ରହାଳୟ, ପ୍ରଦର୍ଶନୀ ଓ ପରିଦର୍ଶକ ଗ୍ୟାଲେରୀ ବୁଲି ଦେଖିଥିଲେ। ପ୍ରାୟ ୧୫୩ ମିଟର ଉଚ୍ଚରେ ସ୍ଥାପିତ ଦର୍ଶକ ଗ୍ୟାଲେରୀରେ ଏକାସଙ୍ଗେ ୨୦୦ ପର୍ଯ୍ୟଟକ ବସିବା ଭଳି ବ୍ୟବସ୍ଥା ରହିଛି। ସେଠିାରୁ ଦର୍ଶକମାନେ ସର୍ଦ୍ଦାର ସରୋବର ଡ୍ୟାମ, ଜଳଭଣ୍ଡାର ତଥା ସାତପୁରା ଏବଂ ବିନ୍ଧ୍ୟ ପର୍ବତମାଳାର ଅନୁପମ ଦୃଶ୍ୟକୁ ଉପଭୋଗ କରିପାରିବେ। ପଟେଲଙ୍କ ଦୃଢ଼ ସଙ୍କଳ୍ପ ଓ ଅଦମ୍ୟ ସାହସ ନିକଟରେ ଭାରତକୁ ଖଣ୍ଡ ଖଣ୍ଡ କରାଯିବା ଷଡ଼ଯନ୍ତ୍ର ହାର ମାନିଥିଲା। ପଟେଲଙ୍କ ପୂଣ୍ୟ ଜନ୍ମତିଥିରେ ତାଙ୍କ ପ୍ରତିମୂର୍ତ୍ତିକୁ ଲୋକାର୍ପିତ କରି ଅନୁଷ୍ଠିତ ସାଧାରଣ ସଭାରେ ପ୍ରଧାନମନ୍ତ୍ରୀ ସର୍ଦ୍ଦାରଙ୍କ ମୂର୍ତ୍ତି ନିର୍ମାଣକୁ ବିରୋଧ କରୁଥିବା ଲୋକଙ୍କୁ ସମାଲୋଚନା କରିଥିଲେ। ସେ କହିଥିଲେ, ଦେଶର ଜାତୀୟ ନେତା ପଟେଲଙ୍କ ସୁଉଚ୍ଚ ସ୍ମାରକୀ ନିର୍ମାଣ ନିଷ୍ପତ୍ତି ନେଇ ସେ କୌଣସି ବଡ଼ ଅପରାଧ କରିନାହାନ୍ତି। ନର୍ମଦା ଜିଲ୍ଲାର ସର୍ଦ୍ଦାର ସରୋବର ଡ୍ୟାମ ଅବବାହିକାରେ ପ୍ରତିଷ୍ଠିତ ପଟେଲଙ୍କ ସ୍ମାରକୀକୁ 'ଏକତାର ପ୍ରତିମୂର୍ତ୍ତି' ନାମ ଦିଆଯାଇଛି। ➤ ପୃ-୬



## 'ଉଦ୍ୟୋଗ ବିକାଶରେ ରାଷ୍ଟ୍ରର ବିକାଶ'




**କଟକ :** ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ ଓ ୟୁକୋ ବ୍ୟାଙ୍କର ମିଳିତ ସହଭାଗିତାରେ ସ୍ଥାନୀୟ ଶହୀଦ ଭବନଠାରେ ସହଯୋଗ ଓ ସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ଏବଂ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗଗୁଡ଼ିକର ବିକାଶ ହେଲେ ରାଷ୍ଟ୍ରର ଅର୍ଥନୈତିକ ବିକାଶ ସମ୍ଭବ ବୋଲି କହିଥିଲେ। କେନ୍ଦ୍ର ମନ୍ତ୍ରୀ ପ୍ରଧାନ କହିଥିଲେ ଯେ ପ୍ରଧାମନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମ୍ପୃକ୍ତ ଉଦ୍ୟୋଗଗୁଡ଼ିକ ପାଇଁ ଆବଶ୍ୟକ ପୁଞ୍ଜି, ବଜାର, କାରବାର ସମ୍ବନ୍ଧୀୟ ସୁଗମ ବ୍ୟବସ୍ଥା ନିମନ୍ତେ ଏକ ଐତିହାସିକ ଅଭିଯାନ ଆରମ୍ଭ କରିଛନ୍ତି। ଦେଶର ଅର୍ଥନୈତିକ ବିକାଶ ନିମନ୍ତେ ଉଦ୍ୟୋଗୀମାନେ ପୂର୍ବରୁ ପୁଞ୍ଜି ପାଇଁ ବ୍ୟାଙ୍କକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଉଥିଲେ। କିନ୍ତୁ ସେମାନଙ୍କୁ ଟଙ୍କା ମିଳୁ ନଥିଲା। ଏବେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନରେ ଦେଶରେ ବୈଷୟିକ ଜ୍ଞାନକୌଶଳର ବିକାଶ ଯୋଗୁଁ ବ୍ୟାଙ୍କ ଗ୍ରାହକଙ୍କ ଦ୍ୱାରଦେଶରେ ଅର୍ଥ ଯୋଗାଇ ଦେଉଛନ୍ତି। ତାହା ପୁଣି ଋଣ ମାଗିବାର ୫୯ ମିନିଟ ମଧ୍ୟରେ। ଏ ପରିପ୍ରେକ୍ଷୀରେ ଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ କ୍ରେଡିଟ ପ୍ଲସ ସେବା ମାଧ୍ୟମରେ ବ୍ୟାଙ୍କ ଏହି ଉଦ୍ୟୋଗୀଙ୍କ ନିକଟରେ ପହଞ୍ଚିବା ନିମନ୍ତେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଦୂର ସଞ୍ଚାର ତଥା ବେତାର ପ୍ରସାରଣ ମାଧ୍ୟମରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ➤ ପୃ-୬

### ତିତ୍‌ଲି ପ୍ରଭାବିତଙ୍କ ପାଇଁ ପ୍ୟାକେଜ୍ ଘୋଷଣା

## ସବୁଦିନିଆ ଫସଲ କ୍ଷତି ପାଇଁ ୧୮ ହଜାର



**ଭୁବନେଶ୍ୱର :** ତିତ୍‌ଲି ବାତ୍ୟା ଓ ପରବର୍ତ୍ତୀ ବନ୍ୟାରେ ବିଭିନ୍ନ ଜିଲ୍ଲାରେ, କୃଷି, ପଶୁସମ୍ପଦ ଓ ଆନୁସଙ୍ଗିକ କ୍ଷେତ୍ର ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ବୁଧବାର ସଚିବାଳୟରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ବୈଠକରେ ସେ ସବୁର ସମୀକ୍ଷା କରିଛନ୍ତି। ଋଷୀଙ୍କୁ ସହାୟତା ପୁନରୁଦ୍ଧାର ପାଇଁ ପ୍ୟାକେଜ୍ ଘୋଷଣା କରିଛନ୍ତି। ଗଞ୍ଜାମ, ଗଜପତି ଓ ରାୟଗଡ଼ାର କ୍ଷତିଗ୍ରସ୍ତ ଚାଷୀମାନେ ଏହି ସହାୟତା ରାଶି ପାଇବେ। ସରକାର ୩୭ଟି କ୍ଷେତ୍ରରେ ପ୍ରଭାବିତ ଚାଷୀଙ୍କୁ ସହାୟତା ଦେବେ। ଜଳସେଚନ, କୃଷି, ମତ୍ସ୍ୟ ଓ ପଶୁପାଳନରେ ସହାୟତା ମିଳିବ। କ୍ଷୁଦ୍ର ଓ ନାମମାତ୍ର ଚାଷୀ କୃଷି ସବ୍‌ସିଡି ପାଇବେ। ୩୩ ପ୍ରତିଶତ ଫସଲ ନଷ୍ଟ ହୋଇଥିବା ଚାଷୀଙ୍କୁ ଇନପୁଟ୍ ସବ୍‌ସିଡି ମିଳିବ। ୨୦୧୮ ଖରିଫର ସ୍ୱଳ୍ପ ମିଆଦୀ ଋଣକୁ ମଧ୍ୟମ ମିଆଦୀରେ ପରିବର୍ତ୍ତନ କରାଯିବ। ଚଳିତ ବର୍ଷ ଫସଲ ଋଣ ଶୁଝିବା ଅବଧିକୁ ୨୦୧୯ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଖଜଣା ଓ ଜଳ କର ସମ୍ପୂର୍ଣ୍ଣ ଛାଡ଼ ହେବ। ଏଥିସହିତ ହାଇସ୍କୁଲ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ସମସ୍ତ ଦେୟ ଓ ପରୀକ୍ଷା ଫି' ଛାଡ଼ ସହ ପ୍ରାଥମିକ ସ୍କୁଲର ପିଲାମାନଙ୍କୁ ମାଗଣାରେ ଅତିରିକ୍ତ ଦୁଇ ହଳ ୟୁନିଫର୍ମ ଓ ପାଠ୍ୟପୁସ୍ତକ ପ୍ରଦାନ କରାଯିବ। ବୈଠକ ପରେ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ କହିଛନ୍ତି, ରବି ଫସଲ କରୁଥିବା ଚାଷୀଙ୍କୁ ଉନ୍ନତମାନର ବିହନ ଯୋଗାଇ ଦିଆଯିବ। ଅଚଳ ଜଳସେଚନ ପ୍ରକଳ୍ପକୁ ସଚଳ କରାଯିବ। କ୍ଷତିଗ୍ରସ୍ତ ଜଳସେଚିତ ଜମିର ହେକ୍ଟର୍ ପିଛା ୧୩ ହଜାର ୫୦୦ ଟଙ୍କା, ଅଣ ଜଳସେଚିତ ଜମିକୁ ହେକ୍ଟର୍ ପିଛା ୬୮୦୦ ଟଙ୍କା, ସବୁଦିନିଆ ଫସଲ କ୍ଷେତ୍ରରେ ହେକ୍ଟର ପିଛା ୧୮ହଜାର ଟଙ୍କା ମିଳିବ। ଏହି ରିହାତି ସବୁଦିନିଆ ଫସଲ କ୍ଷେତ୍ରରେ କୌଣସି ଚାଷୀଙ୍କ ପାଇଁ ୨୦୦୦ ଟଙ୍କାରୁ କମ୍ ହେବନାହିଁ। ଅନ୍ୟାନ୍ୟ ଫସଲ କ୍ଷେତ୍ରରେ ଏହା ୧୦୦୦ ଟଙ୍କାରୁ କମ୍ ହେବନାହିଁ। ୨୦୧୮-୧୯ ରବି ଫସଲ ପାଇଁ ତିତ୍‌ଲି ପ୍ରଭାବିତ ଅଞ୍ଚଳ ଚାଷୀମାନଙ୍କୁ ୧ ଲକ୍ଷ ୨୦ ହଜାର ଡାଲି ଜାତୀୟ ଶସ୍ୟବୀଜ, ୩୦ ହଜାର ତୈଳବୀଜ ମିନି କିଟ୍ ଏବଂ ୫୦ ହଜାର ପନିପରିବା ମଞ୍ଜିର କିଟ୍‌କୁ ମିଶାଇ ସମୁଦାୟ ୨ ଲକ୍ଷ କିଟ୍ ଯୋଗାଇ ଦିଆଯିବ। ରବି ଋତୁ ପାଇଁ ତିତ୍‌ଲି ପ୍ରଭାବିତ ଜିଲ୍ଲାଗୁଡ଼ିକରେ ୨୦ ହଜାର ହେକ୍ଟର ଚାଷ ଜମିରେ ବିଭିନ୍ନ କୃଷି ପ୍ରଦର୍ଶନ କାର୍ଯ୍ୟକ୍ରମ କରାଯିବ। କାଜୁ, ଆମ୍ବ, ନଡ଼ିଆ, କିଆ, ➤ ପୃ-୬

### ୯ ପର୍ଯ୍ୟନ୍ତ ଚାଲିବ ଆଇନଜୀବୀଙ୍କ ଆନ୍ଦୋଳନ

## ହାଇକୋର୍ଟ ବାର୍‌ରୁ ୩ ଓକିଲ ବହିଷ୍କୃତ




**କଟକ :** ଆଇନଜୀବୀଙ୍କୁ ପୋଲିସର ମାଡ଼ ଘଟଣାରେ ଚାଲିଥିବା ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନର ଅବଧି ୯ ତାରିଖ ଯାଏ ବୃଦ୍ଧି ପାଇଛି। ପୁନଶ୍ଚ ଓକିଲଙ୍କ ଏକତା ଭଙ୍ଗ କରିବା ସହ ଆନ୍ଦୋଳନକୁ ଭଣ୍ଡୁର ଉଦ୍ୟମ କରିବା ଅଭିଯୋଗରେ ୩ ଆଇନଜୀବୀଙ୍କୁ ହାଇକୋର୍ଟ ବାର୍‌ରୁ ବହିଷ୍କାର କରାଯାଇଛି। ହାଇକୋର୍ଟ ବାର୍ ଆସୋସିଏସନ୍‌ର ସାଧାରଣ ପରିଷଦ ବୈଠକରେ ସର୍ବ ସମ୍ମତିକ୍ରମେ ଏପରି ନିଷ୍ପତ୍ତି ନିଆଯାଇଛି। ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁଯାୟୀ ହାଇକୋର୍ଟ ବାର୍‌ରେ ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନର ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ବୈଠକରେ କ୍ରିମିନାଲ୍ କୋର୍ଟସ୍ ବାର୍, କଟକ ବାର୍, ସ୍ୟାଟ୍ ବାର୍, କ୍ୟାଟ୍ ବାର୍, ଡେବଟ୍ ରିକଭରୀ ବାର୍, ଟ୍ୟାକ୍ସ ବାର୍ ଆଦି ୧୦ଟି ବାର୍‌ର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ବୈଠକରେ ବାର୍ ବିରୋଧୀ କାର୍ଯ୍ୟ ପାଇଁ ବିଜେଡି ଲିଗାଲ୍ ଫଣ୍ଟ୍‌ର ଆବାହକ ଆଇନଜୀବୀ ମିଲନ୍ କାନୁନ୍‌ଗୋ, ଉପଦେଷ୍ଟା ଅସୀମ୍ ଅମିତାଭ ଦାସ ଏବଂ ବାର୍‌ର ଉପସଭାପତି ବଂଶୀଧର ଶତପଥୀଙ୍କୁ ବହିଷ୍କାର କରାଯାଇଛି। ଏଥିସହ ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ଟହଲି ଚରଣ ମହାନ୍ତିଙ୍କୁ ମଧ୍ୟ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି ବୋଲି ହାଇକୋର୍ଟ ବାର୍‌ର ସମ୍ପାଦକ ସତ୍ୟବ୍ରତ ମହାନ୍ତି ସୂଚନା ଦେଇଛନ୍ତି। ଶୁକ୍ରବାର ହାଇକୋର୍ଟ ବାର୍‌ରେ ଆୟୋଜିତ ବୈଠକରେ ସମସ୍ତ ବାର୍‌ର କର୍ମକର୍ତ୍ତା କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଜାରି ରଖିବାକୁ ମତ ଦେବା ସହ ଓକିଲଙ୍କୁ ମାଡ଼ ମାରିଥିବା ପୋଲିସ ଗିରଫ ନ ହେବା ପର୍ଯ୍ୟନ୍ତ କୋର୍ଟ କାର୍ଯ୍ୟରେ କେହି ଯୋଗ ଦେବେ ନାହିଁ ବୋଲି କହିଥିଲେ। ➤ ପୃ-୬

### ବକ୍ରବାଣୀ



ଚାଲିଛି ଓକିଲ ପୋଲିସ ଲଢ଼େଇ
ଛାମୁଁ ଶୋଇଛନ୍ତି ଚଦର ଘୋଡେଇ
ଛୋଟିଆ କଥାକୁ ଅଯଥା ବଢ଼େଇ
ଦୁଇ ଦଳଙ୍କୁ ଦେଲେ ଗଛ ଚଢ଼େଇ
ବ୍ରଣଟା ବଢ଼ିକି କ୍ୟାନ୍ସର ହେଲାଣି
ପୋଲିସ ଷ୍ଟ୍ରାଇକ ଡାକରା ଦେଲାଣି
ଶାସକ ବିରୋଧୀ ଏକାଠି ହେଇକି
ଲଣ୍ଡାକୁ ନଚାନ୍ତି ଶପଥ ପାଇଁକି
ମିଶ୍ର ବୁଢ଼ା ପଣ୍ଡାକୁ ଧରି ବଇଛି
ଶପଥ ପାଇଁକି ଅଝଟ କରୁଛି।

—— ଟୁଟୁ







## କେମିତି କଟିବ ଏ ସପ୍ତାହ

**ମେଷ** – ଏ ସପ୍ତାହରୁ ଆପଣଙ୍କର ଭାଗ୍ୟ ଉଦୟ ଆରମ୍ଭ ହେବ। ଉନ୍ନତି ପାଇଁ ପଥ ପରିଷ୍କାର ହେବା ସହିତ ଶତ୍ରୁମାନେ ଦୂରେଇ ଯିବେ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ଲାଭାବନ ହେବା ସହିତ ଆଗକୁ ଗତିକରିବା ଆଶା ଦେଖାଦିଏ। ପରିବାରରେ ଶାନ୍ତି ବଜାୟ ରହିବ।

**ବୃଷ** – ସୋମବାର ଯଶପ୍ରାପ୍ତି ଓ ସମ୍ମାନିତ ହେବାର ଯୋଗ ରହିଛି। ଏହାବ୍ୟତୀତ ଏ ସପ୍ତାହର ସମସ୍ତ ବାର ଅଶୁଭ ଫଳ ପ୍ରଦାନ କରିବାର ଜଣାପଡେ। ଗୃହରେ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇପାରେ। ତେଣୁ ଜଗିରଖି ଚଳିବାକୁ ହେବ।

**ମିଥୁନ** – ସୋମବାରରୁ ବୁଧବାର ଅତ୍ୟନ୍ତ ଅଶୁଭ ଫଳ ପ୍ରଦାନ କରିବ। କିନ୍ତୁ ସପ୍ତାହର ଶୁକ୍ରବାର ଏବଂ ଶନିବାର ଯଥେଷ୍ଟ ଶୁଭଫଳ ପ୍ରାପ୍ତିର ଯୋଗ ରହିଛି। ରବିବାର ଦିନଟି ଅଶୁଭ ଓ ଘାତଚନ୍ଦ୍ର ଯୋଗ ରହିଛି।

**କର୍କଟ** – ସୋମବାର ପ୍ରଚୁର ଧନଲାଭ ହେବ। ମଙ୍ଗଳବାର ଚୋରି ଭୟ ରହିଛି। ବୁଧବାର ଦିନ ଯଶପ୍ରାପ୍ତି ହେବ। ଗୁରୁବାର ହାନୀକାରକ ଏବଂ ଶୁକ୍ରବାର ସାହାଯ୍ୟକାରୀ ଶନି ଅଶୁଭରେ ଥିବା ଜଣାଯାଏ।

**ସିଂହ** – ସପ୍ତାହଟି ଆପଣଙ୍କ ପାଇଁ ଅତ୍ୟନ୍ତ ଅଶୁଭକାରକ। ହତାସା ଓ ନୈରାଶ୍ୟରେ ସପ୍ତାହସାରା ଗତି କରିବାକୁ ପଡିବ। ପରିବାରରେ ଅଶାନ୍ତି ଦେଖାଦେବ। ତେଣୁ ଜଗିରଖି ଚଳିବାକୁ ହେବ।

**କନ୍ୟା** – ସୋମବାର, ମଙ୍ଗଳବାର ସମସ୍ତ ପ୍ରକାର ଶୁଭଫଳ ପ୍ରାପ୍ତିଯୋଗ ରହିଛି। ବୁଧବାର, ଗୁରୁବାର ଓ ଶନିବାର ଅଶୁଭ ଫଳ ପ୍ରଦାନ କରିବ। ଶୁକ୍ରବାର ଦିନ ଧନପ୍ରାପ୍ତିର ଯୋଗ ରହିଅଛି। ଶନି ଓ ରବିବାର ବହୁତ ଶୁଭ ଅଟେ।

**ତୁଳା** – ସୋମବାରରୁ ବୁଧବାର ପର୍ଯ୍ୟନ୍ତ ସମସ୍ତ ଶୁଭଫଳ ପ୍ରାପ୍ତ ସହ ଭଲ ଯୋଗ ରହିଛି। ଗୁରୁବାରରୁ ଶନିବାର ମଧ୍ୟରେ ମିଶ୍ରିତ ଫଳ ପାଇବାର ଆଶା ଦେଖାଯାଏ। ସପ୍ତାହଟି ଭଲରେ କଟିବ।


**ବିଛା** – ସାପ୍ତାହିକ ଗଣନା ଅନୁଯାୟୀ ଏ ସପ୍ତାହରେ ଆପଣ ସମସ୍ତ ପ୍ରକାର ଶୁଭଫଳ ଲାଭ କରିବେ। କିନ୍ତୁ ଶନିବାର ବନ୍ଧନ ଭୟ ଯୋଗ ରହିଥିବାରୁ ସତର୍କତା ଅବଲମ୍ବନ କରିବା ଜରୁରୀ।

**ଧନୁ** – ଏ ସପ୍ତାହ ଆପଣଙ୍କ ପାଇଁ ଆଦୌ ଶୁଭପ୍ରଦ ନୁହେଁ। ପ୍ରତ୍ୟେକ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବାକୁ ହେବ। ଶୁଭଫଳ ଅପେକ୍ଷା ସପ୍ତାହ ସାରା ବିଶେଷ ଅଶୁଭ ଫଳ ପ୍ରଦାନ କରିବ।

**ମକର** – ସପ୍ତାହର ଆରମ୍ଭରୁ ଗୁରୁବାର ପର୍ଯ୍ୟନ୍ତ ଅତ୍ୟନ୍ତ ଅଶୁଭଯୋଗ, ହତାଶାଭାବ ଏବଂ ଦ୍ରବ୍ୟ ହାନୀର ଆଶଙ୍କା ରହିଛି। ଶୁକ୍ରବାରଠାରୁ ରବିବାର ପର୍ଯ୍ୟନ୍ତ ପ୍ରେମ ସମ୍ପର୍କ ବୃଦ୍ଧି ଏବଂ ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପରିବାରରେ ଶାନ୍ତି ବଜାୟ ରହିବ।

**କୁମ୍ଭ** – ସପ୍ତାହର ଆରମ୍ଭରୁ ପରିବାରରେ ହସଖୁସି ଲାଗି ରହିବ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ସଫଳତା ଲାଭ କରିବେ। ମାନସମ୍ମାନ ବୃଦ୍ଧି ସହ ଦ୍ରବ୍ୟଲାଭ, ଅର୍ଥଲାଭ ଏବଂ ସମସ୍ତ ପ୍ରାପ୍ତିର ସୁବର୍ଣ୍ଣଯୋଗ ରହିଛି।

**ମୀନ** – ସପ୍ତାହର ପ୍ରଥମ ଦିନରୁ ଶୁଭଫଳ ପ୍ରଦାନ କରିବା ଆରମ୍ଭ ହେବ। ପରିବାରରେ ଶାନ୍ତି ବିରାଜମାନ କରିବା ସହିତ ସର୍ବସମ୍ପଦ ଲାଭ ଯୋଗ ଦେଖାଦିଏ। ବିଭିନ୍ନ ଦିଗରୁ ଅର୍ଥଲାଭ ରହିଛି।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

### ଏମଏସ୍ଏମ ଶିଳ୍ପୋଦ୍ୟୋଗୀଙ୍କ ପାଇଁ ମୋଦିଙ୍କ ସ୍ୱତନ୍ତ୍ର ଯୋଜନାର ଶୁଭାରମ୍ଭ

# ୫୯ ମିନିଟ୍‌ରେ ମିଳିବ ୧ କୋଟି ଋଣ



**ନୂଆଦିଲ୍ଲୀ :** ଏମଏସ୍ଏମଇ (ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ) ଶିଳ୍ପୋଦ୍ୟୋଗୀଙ୍କୁ ଋଣ ସହାୟତା ଯୋଗାଇଦେବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ର ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଏକ ସ୍ୱତନ୍ତ୍ର ଯୋଜନାର ଶୁଭାରମ୍ଭ କରିଛନ୍ତି। ଏମଏସ୍ଏମଇ ଉଦ୍ୟୋଗୀମାନଙ୍କୁ ମାତ୍ର ୫୯ ମିନିଟ୍‌ରେ କୋଟିଏ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଣ ପାଇଁ ମୋଦୀ ଶୁକ୍ରବାର ଏକ ସ୍ୱତନ୍ତ୍ର ପୋର୍ଟାଲ ଉଦ୍‌ଘାଟନ କରିଛନ୍ତି। ଜଣେ ଉଦ୍ୟୋଗୀ ତାଙ୍କ ବାସଭବନରୁ ଅଫିସ୍ ଯିବା ପାଇଁ ଯେତିକି ସମୟ ଲାଗିଥାଏ ତା'ଠାରୁ କମ୍ ସମୟ ମଧ୍ୟରେ ଜଣଙ୍କୁ ଋଣ ମଞ୍ଜୁର କରାଯିବ ବୋଲି ଶ୍ରୀ ମୋଦୀ ଏହି ଉଦ୍‌ଘାଟନ ଅବସରରେ କହିଛନ୍ତି। ସମଗ୍ର ଦେଶରେ ୭୨ ହଜାର ଏମ୍ଏସ୍ଏମ୍ଇ ଅନୁଷ୍ଠାନକୁ ଏହି ଯୋଜନାରେ ସାମିଲ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏମ୍ଏସ୍ଏମଇ କ୍ଷେତ୍ରର ଦ୍ରୁତ ଅଭିବୃଦ୍ଧି ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୧୨ ସୂତ୍ରୀ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିବା ବେଳେ ଏହି ଯୋଜନା ତନ୍ମଧ୍ୟରୁ ଅନ୍ୟତମ। ଏଥିରେ ଉଦ୍ୟୋଗୀମାନଙ୍କ ପାଇଁ ୧ କୋଟି ଟଙ୍କାର ଋଣ ବ୍ୟବସ୍ଥା ରହିଛି। ସେହିଭଳି ଜିଏସ୍‌ଟି ଅନ୍ତର୍ଭୁକ୍ତ ଶିଳ୍ପାନୁଷ୍ଠାନଗୁଡ଼ିକ ଋଣ ପାଇବା କ୍ଷେତ୍ରରେ ଜିଏସ୍‌ଟି ପୋର୍ଟାଲକୁ ଉପଯୋଗ କରିପାରିବେ। ଉଦ୍ୟୋଗୀମାନେ ଜିଏସ୍‌ଟି ଫାଇଲ କରିବା ବେଳେ ସେମାନଙ୍କ ପାଇଁ ଋଣର ଆବଶ୍ୟକତା ସମ୍ପର୍କରେ ଅବଗତ ହେବାକୁ ସଂପୃକ୍ତ ପୋର୍ଟାଲରେ ବ୍ୟବସ୍ଥା ରହିଛି ବୋଲି ଶ୍ରୀ ମୋଦୀ କହିଛନ୍ତି। ଏହାଛଡ଼ା ଜିଏସ୍‌ଟି ଅନ୍ତର୍ଭୁକ୍ତ ଉଦ୍ୟୋଗୀମାନଙ୍କ ପାଇଁ ୨% ସୁଧ ରିହାତି ବ୍ୟବସ୍ଥା ରହିଛି। ଅନ୍ୟପକ୍ଷରେ ରପ୍ତାନିକାରୀ ଶିଳ୍ପାନୁଷ୍ଠାନ ପାଇଁ ଋଣ ବ୍ୟବସ୍ଥାରେ ୩ରୁ ୫% ପର୍ଯ୍ୟନ୍ତ ସୁଧ ରିହାତି ମିଳିବ। ସେହିପରି କୌଣସି ଉଦ୍ୟୋଗ ପ୍ରତିଷ୍ଠା କ୍ଷେତ୍ରରେ ପ୍ରଚଳିତ ପରିବେଶ ନୀତିରେ କୋହଳ କରାଯିବା ସହ ଏମ୍ଏସ୍ଏମ୍ଇ କ୍ଷେତ୍ର ପାଇଁ 'ସିଙ୍ଗଲ ଏୟାର୍ ଆଣ୍ଡ୍ ୱାଟର୍ କ୍ଲିଅରାନ୍ସ' ବ୍ୟବସ୍ଥା କରାଯାଇଛି। କେନ୍ଦ୍ର ସରକାରଙ୍କ ଏହି ଯୋଜନା ଦୀପାବଳି ଅବସରରେ ଏମଏସ୍ଏମଇ କ୍ଷେତ୍ର ପାଇଁ ଉପହାର ବୋଲି କୁହାଯାଇଛି। ହେଲେ ବିରୋଧୀ କଂଗ୍ରେସ ଦଳ ପକ୍ଷରୁ ଏହି ଯୋଜନାକୁ ଏନ୍‌ଡିଏ ସରକାରଙ୍କ ଚାଲ୍ ବୋଲି କୁହାଯିବା ସହ ଆଗାମୀ ନିର୍ବାଚନରେ ଦେଶର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପୋଦ୍ୟୋଗୀମାନଙ୍କ ଭୋଟ୍ ହାତେଇବା ଲାଗି ଉଦ୍ଦିଷ୍ଟ ବୋଲି ଦଳୀୟ ମୁଖ୍ୟ ରାହୁଲ ଗାନ୍ଧୀ କହିଛନ୍ତି।

## ୧୦ଦିନ ମଧ୍ୟରେ ରାଫେଲ ଜେଟ୍ ସମ୍ପର୍କିତ ତଥ୍ୟ ଦିଅ : ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ :** ବୁଧବାର ସୁପ୍ରିମକୋର୍ଟ ୧୦ ଦିନ ଭିତରେ ମୁଦ ଲଫାପାରେ ରାଫେଲ ଜେଟ୍ ମୂଲ୍ୟ ସମେତ ଅନ୍ୟାନ୍ୟ ତଥ୍ୟ ଜଣାଇବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ ଜେଟ୍‌ର ବୈଷୟିକ ଜ୍ଞାନକୌଶଳ ସମ୍ପର୍କିତ ତଥ୍ୟ ଲୋଡ଼ିନାହାନ୍ତି। ଅପରନ୍ତୁ ସାର୍ବଜନୀନଯୋଗ୍ୟ ତଥ୍ୟ ପରିବେଷଣରେ ଅସୁବିଧା ନାହିଁ ବୋଲି ସୁପ୍ରିମକୋର୍ଟ ସ୍ୱଷ୍ଟ କରିଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ, ଜଷ୍ଟିସ୍ ୟୁୟୁ ଲଳିତ ଓ କେଏମ୍ ଯୋଶେଫଙ୍କ ନେଇ ଗଠିତ ଖଣ୍ଡପୀଠ ଆଇନଜୀବୀ ମନୋହରଲାଲ ଶର୍ମା ଓ ବିନୀତ ଧଣ୍ଡାଙ୍କ ଦୁଇଟି ପିଟିସନ୍‌ର ଶୁଣାଣି କରିଥିଲେ। ଦୁଇଟିଯାକ ପିଟିସନ୍ ଭାରତ-ଫ୍ରାନ୍ସ ମଧ୍ୟରେ ହୋଇଥିବା ରାଫେଲ୍ ଲଢୁଆ ଜେଟ୍ ମାମଲା ଉପରେ ଆଧାରିତ। ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ନଭେମ୍ବର ୧୪ ଧାର୍ଯ୍ୟ କରାଯାଇଛି। ଶୁଣାଣି ସମୟରେ ରାଫେଲ ଜେଟ୍ ମୂଲ୍ୟ ଖଣ୍ଡପୀଠକୁ ଜଣାଇବା ସମ୍ଭବ ନୁହେଁ ବୋଲି ଆଟର୍ଣ୍ଣି ଜେନେରାଲ କେକେ ଭେନୁଗୋପାଲ କହିଥିଲେ। ତେବେ ଖଣ୍ଡପୀଠ ଜେଟ୍ ମୂଲ୍ୟ ସମ୍ପର୍କିତ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗତ ଅକ୍ଟୋବର ୧୦ରେ ସୁପ୍ରିମକୋର୍ଟ କେନ୍ଦ୍ରଠାରୁ ମୁଦ ଲଫାପାରେ ରାଫେଲ ଜେଟ୍ ନିଷ୍ପତ୍ତି ପ୍ରକ୍ରିୟା, ମୂଲ୍ୟସୂଚୀ ଓ ବୈଷୟିକ ଜ୍ଞାନକୌଶଳ ତଥ୍ୟ ଲୋଡ଼ିଥିଲେ। ୨୦୧୯ରୁ ଫ୍ରାନ୍ସର ଡାସାଲ୍ଟ ଏଭିଏସନ୍ ଭାରତକୁ ଫାଇଟର୍ ଜେଟ୍ ଯୋଗାଣ ଆରମ୍ଭ କରିବ। ରାଫେଲ ରାଜିନାମାକୁ ଆଧାର କରି ବିରୋଧୀ କଂଗ୍ରେସ କ୍ଷମତାସୀନ ବିଜେପି ମେଣ୍ଟକୁ ସାଧାରଣରେ ସମାଲୋଚନା କରିଆସୁଛି। ଚଳିତ ମାସ ଆରମ୍ଭରେ ଡାସାଲ୍ଟ କହିଥିଲା ଯେ ଭାରତକୁ ୩୬ଟି ରାଫେଲ୍ ଜେଟ୍ ବିକିବା ପଛରେ ଭାରତର ଶିଳ୍ପପତି ଅନିଲ ଅମ୍ବାନୀଙ୍କ ସହ ମିଶି କାମ କରିବା ଉଦ୍ଦେଶ୍ୟ ଅଛି। ଭାରତକୁ ୩୬ଟି ରାଫେଲ୍ ଜେଟ୍ ଯୋଗାଣ ବାବଦରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୫ ଏପ୍ରିଲ ୧୦ରେ ଫ୍ରାନ୍ସ ରାଷ୍ଟ୍ରପତି ହୋଲାଣ୍ଡେଙ୍କ ସହ କଥାବାର୍ତ୍ତା କଲେ। ଏହାର ଦେଢ଼ବର୍ଷ ପରେ ଅର୍ଥାତ୍ ୨୦୧୬ ସେପ୍ଟେମ୍ବର ୨୩ରେ ରାଫେଲ ଜେଟ୍‌ର ଚୂଡ଼ାନ୍ତ ରାଜିନାମା ହୋଇଥିଲା।

# ବ୍ୟସ୍ତବହୁଳ ୨୦ ବିମାନ ବନ୍ଦର ମଧ୍ୟରେ ଆଇଜିଆଇ

**ନୂଆଦିଲ୍ଲୀ :** ବିଗତ ଚାରି ବର୍ଷ ମଧ୍ୟରେ ଦିଲ୍ଲୀର ଇନ୍ଦିରାଗାନ୍ଧୀ ଆନ୍ତର୍ଜାତିକ ବିମାନ ବନ୍ଦର(ଆଇଜିଆଇ) ବିଭିନ୍ନ କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ହାସଲ କରିଥିବା ବେଳେ ବର୍ତ୍ତମାନ ବିଶ୍ୱର ୨୦ଟି ବ୍ୟସ୍ତବହୁଳ ବିମାନ ବନ୍ଦର ମଧ୍ୟରେ ସାମିଲ ହୋଇଛି। ଦିଲ୍ଲୀ ଇଣ୍ଟରନ୍ୟାସନାଲ ଏୟାରପୋର୍ଟ ଲିମିଟେଡ(ଡିଆଇଏଏଲ) ପକ୍ଷରୁ ପ୍ରକାଶ କରାଯାଇଥିବା ଏକ ରିପୋର୍ଟ ଅନୁଯାୟୀ ଗତ ବର୍ଷ ଆଇଜିଆଇ ବିମାନ ବନ୍ଦରର ଯାତ୍ରୀ ପରିବହନରେ ସର୍ବାଧିକ ଭାବେ ୧୨.୩ ପ୍ରତିଶତ ଅଭିବୃଦ୍ଧି ଘଟିଛି। ଚଳିତ ବର୍ଷ ଏହି ସଂଖ୍ୟାରେ ଆହୁରି ବୃଦ୍ଧି ଘଟିବା ସହ ଏହି ବିମାନ ବନ୍ଦରର ସଂପ୍ରସାରଣ କରାଯାଉଥିବାରୁ ୨୦୩୩ ମସିହା ସୁଦ୍ଧା ଯାତ୍ରୀ ପରିବହନ ସଂଖ୍ୟା ୯୫ ନିୟୁତ ଛୁଇଁବ ବୋଲି କୁହାଯାଇଛି। ବିଶ୍ୱର ବିଭିନ୍ନ ପ୍ରଗତିଶୀଳ ବିମାନବନ୍ଦରର ଯାତ୍ରୀ ପରିବହନ ବ୍ୟବସ୍ଥାକୁ ତଦାରଖ କରୁଥିବା ଆନ୍ତର୍ଜାତିକ ସଂସ୍ଥା ଏୟାରପୋର୍ଟସ୍ ଇଣ୍ଟରନ୍ୟାସନାଲ କାଉନସିଲ୍(ଏସିଆଇ)ର ତଥ୍ୟ ଅନୁଯାୟୀ ୨୦୧୪ରୁ ୨୦୧୭ ମଧ୍ୟରେ ଦିଲ୍ଲୀ ଆନ୍ତର୍ଜାତିକ ବିମାନ ବନ୍ଦରର ବାର୍ଷିକ ଯାତ୍ରୀ ପରିବହନ ଅଭିବୃଦ୍ଧ ହାରାହାରି ଭାବେ ୧୪.୩ ପ୍ରତିଶତରେ ପହଞ୍ଚିଛି। ଏହା ଦ୍ୱାରା ଏହି ବିମାନ ବନ୍ଦରରୁ ବାର୍ଷିକ ପ୍ରାୟ ୪୦ ନିୟୁତ ଲୋକ ଯାତ୍ରା କରୁଥିବା ବେଳେ ଏହା ପଛକୁ ଦକ୍ଷିଣ କୋରିଆର ଇଞ୍ଚିଅନ ବିମାନ ବନ୍ଦର(୧୦.୫ ପ୍ରତିଶତ), ଚୀନ୍‌ର ପୁଡଙ୍ଗ ସାଂଘାଇ ବିମାନ ବନ୍ଦର(୧୦.୪ ପ୍ରତିଶତ) ଏବଂ ୟୁଏଇର ଦୁବାଇ ବିମାନ



ବନ୍ଦର(୭.୪ ପ୍ରତିଶତ) ରହିଛି। ୨୦୧୪ରେ ଆଇଜିଆଇ ବିମାନ ବନ୍ଦରର ଯାତ୍ରୀ ପରିବହନ ଅଭିବୃଦ୍ଧି ହାର ମାତ୍ର ୮.୩ ପ୍ରତିଶତ ରହିଥିବା ବେଳେ ଏହା ଇଞ୍ଚିଅନ ଏବଂ ଇସ୍ତାନବୁଲ୍‌ର ଆଟାଟର୍କ ବିମାନ ବନ୍ଦର ପଛରେ ରହିଥିଲା। ହେଲେ ଏହା ପରେ ପରେ ଏହି ବିମାନ ବନ୍ଦରର ଯାତ୍ରୀ ପରିବହନ କ୍ଷମତା ଆଶାତୀତ ଭାବେ ବୃଦ୍ଧି ପାଇବା ସହ ଯାତ୍ରୀ ପରିବହନ କ୍ଷେତ୍ରରେ ବାର୍ଷିକ ସର୍ବାଧିକ ଦ୍ରୁତ ଅଭିବୃଦ୍ଧି ହାସଲ କରୁଥିବା ବିଶ୍ୱର ୩ଟି ପ୍ରମୁଖ ବିମାନ ବନ୍ଦର ମଧ୍ୟରେ ସ୍ଥାନ ପାଇଥିଲା। ଏପରିକି ୨୦୧୬ରେ ବିଶ୍ୱରେ ବିମାନ ଯାତ୍ରୀ ପରିବହନ ହାରାହାରି ଅଭିବୃଦ୍ଧି ହାର ୬.୫ ପ୍ରତିଶତ ରହିଥିବା ବେଳେ ଆଇଜିଆଇ ବିମାନ ବନ୍ଦରର ଅଭିବୃଦ୍ଧି ହାର ୨୧ ପ୍ରତିଶତ ରହିଥିଲା। ସେହିପରି ବିମାନ ଚଳାଚଳ କ୍ଷେତ୍ରରେ ମଧ୍ୟ ୧୦ ପ୍ରତିଶତ ଅଭିବୃଦ୍ଧି ଘଟିଥିବା ଡିଆଇଏଏଲ ପକ୍ଷରୁ କୁହାଯାଇଛି। ଏହାଛଡା ଗତ ୪ ବର୍ଷ ମଧ୍ୟରେ ଏହି ବିମାନ ବନ୍ଦରକୁ ୧୨ଟି ନୂଆ ଏୟାରଲାଇନ୍ସ ପକ୍ଷରୁ ବିମାନଚଳାଚଳ ଆରମ୍ଭ କରିଥିବା ବେଳେ ୧୦ଟି ନୂଆ ଆନ୍ତର୍ଜାତିକ ବିମାନ ବନ୍ଦରକୁ ମଧ୍ୟ ଆଇଜିଆଇ ସହ ଯୋଡାଯାଇଥିବା କୁହାଯାଇଛି।

# ଭାରତ-ଜାପାନ ମଧ୍ୟରେ ୬ ରାଜିନାମା


**ଟୋକିଓ :** ଭାରତ-ଜାପାନ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ନେଇ ୬ଟି ରାଜିନାମା ସ୍ୱାକ୍ଷରିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଜାପାନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେଙ୍କ ମଧ୍ୟରେ ଶୀର୍ଷ ସମ୍ମିଳନୀ ଅବସରରେ ଦୁଇ ଦେଶ ମଧ୍ୟରେ ଏହି ରାଜିନାମା କରାଯାଇଛି। ଦ୍ରୁତଗାମୀ ରେଳ ପ୍ରକଳ୍ପ, ନୌବାହିନୀ ମଧ୍ୟରେ ସହଯୋଗ ଓ ଦୁଇ ଦେଶ ମଧ୍ୟରେ ୨+୨ କଥାବାର୍ତ୍ତା ଲାଗି ମୋଦୀ ଓ ଆବେ ସହମତ ହୋଇଛନ୍ତି। ଭାରତ-ଜାପାନ ୧୩ତମ ବାର୍ଷିକ ସମ୍ମିଳନୀ ଅବସରରେ ଦୁଇ ଦେଶର ପ୍ରଧାନମନ୍ତ୍ରୀ ଦ୍ୱିପାକ୍ଷିକ ସମ୍ପର୍କର ଅଗ୍ରଗତି ବିଷୟରେ ସମୀକ୍ଷା କରିଥିଲେ। ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଚୀନ୍ ଦାଦାଗିରି କରୁଥିବାରୁ ଏହି ଅଞ୍ଚଳରେ ଶାନ୍ତି ଓ ପ୍ରଗତି ପାଇଁ କିଭଳି ପଦକ୍ଷେପ ନିଆଯିବ, ସେ ସମ୍ପର୍କରେ ୨ ନେତା ବିଶଦ ଆଲୋଚନା କରିଥିଲେ। ବାଣିଜ୍ୟ କାରବାରକୁ ତ୍ୱରାନ୍ୱିତ କରିବା ସହ ଦୁଇ ଦେଶ ମଧ୍ୟରେ ଜନସାଧାରଣଙ୍କ ମଧ୍ୟରେ ସହଯୋଗ ବୃଦ୍ଧି ଲାଗି ନିଷ୍ପତ୍ତି ନିଆଯାଇଛି। ଆମେରିକା ସହ ଭାରତର ୨+୨ କଥାବାର୍ତ୍ତା ଭଳି ଜାପାନ ସହ ବୈଦେଶିକ ମନ୍ତ୍ରୀ ଓ ପ୍ରତିରକ୍ଷା ମନ୍ତ୍ରୀ ସ୍ତରରେ ୨+୨ କଥାବାର୍ତ୍ତା କରାଯିବାକୁ ମୋଦୀ ଓ ଆବେ ସମ୍ମତ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗତ ମାସରେ ନୂଆଦିଲ୍ଲୀରେ ଭାରତ ଓ ଆମେରିକା ମଧ୍ୟରେ ୨+୨ କଥାବାର୍ତ୍ତା ହୋଇଥିଲା। ଶୀର୍ଷ ଆଲୋଚନା ପରେ ମୋଦୀ କହିଛନ୍ତି, ଡିଜିଟାଲ୍ ଭାଗୀଦାରୀ ଠାରୁ ଆରମ୍ଭ କରି ସାଇବର୍ ସ୍ପେଶ୍ ପର୍ଯ୍ୟନ୍ତ, ସ୍ୱାସ୍ଥ୍ୟ, ପ୍ରତିରକ୍ଷା ଆଦି କ୍ଷେତ୍ରରେ ମଧ୍ୟ ଆମର ଭାଗୀଦାରୀକୁ ସୁଦୃଢ଼ କରିବୁ। ମୁମ୍ବାଇ-ଅହମ୍ମଦାବାଦ ହାଇସ୍ପିଡ୍ ରେଳ ପ୍ରୋଜେକ୍ଟର ଅଗ୍ରଗତି ସମ୍ପର୍କରେ ଦୁହେଁ ସମୀକ୍ଷା କରିଥିଲେ। ଭାରତ-ଜାପାନ ସହଯୋଗର ଏହା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ସନ୍ତକ। ଏହି ପ୍ରକଳ୍ପ ପାଇଁ ଋଣ ନିମନ୍ତେ ଦୁଇ ନେତା ରାଜିନାମାରେ ସ୍ୱାକ୍ଷର କରିଛନ୍ତି। ମେଟ୍ରୋ ପ୍ରୋଜେକ୍ଟ କ୍ଷେତ୍ରରେ ସହଯୋଗକୁ ଦୁହେଁ ସ୍ୱାଗତ କରିଛନ୍ତି। ଏହା ଦ୍ୱାରା ଭାରତର ପ୍ରମୁଖ ସହରଗୁଡ଼ିକର ଦ୍ରୁତ ବିକାଶ ହୋଇପାରିବ। ଭାରତୀୟ ନୌସେନା ଓ ଜାପାନ ନୌବାଣିଜ୍ୟ ସୁରକ୍ଷା ବାହିନୀ ମଧ୍ୟରେ ଅଧିକ ସହଯୋଗ ଲାଗି ଉଭୟ ପକ୍ଷ ଏକ ରାଜିନାମା କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ମୋଦୀ ଓ ଆବେ ୟାମନାସୀ ପ୍ରିଫେକ୍ଟର୍‌ରେ ଫୁଜୀ ପର୍ବତ ନିକଟରେ ଥିବା ରିସର୍ଟରେ ୮ ଘଣ୍ଟା କଟାଇବା ପରେ ଦୁଇ ନେତାଙ୍କ ମଧ୍ୟରେ ଆନୁଷ୍ଠାନିକ ଶୀର୍ଷ ବୈଠକ ଅନୁଷ୍ଠିତ ହୋଇଛି।



### ଅଯୋଧ୍ୟା ମାମଲା

# ଜାନୁଆରୀକୁ ଘୁଞ୍ଚିଲା ଶୁଣାଣି

**ନୂଆଦିଲ୍ଲୀ :** ଅଯୋଧ୍ୟାରେ ବିବାଦୀୟ ରାମ ଜନ୍ମଭୂମି-ବାବ୍ରି ମସ୍‌ଜିଦ୍ ଜମି ମାମଲାର ଶୁଣାଣି ଆସନ୍ତା ବର୍ଷ ଜାନୁଆରୀ ପ୍ରଥମ ସପ୍ତାହରେ ହେବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ତେବେ ନିର୍ଦ୍ଦିଷ୍ଟ ଭାବେ କେଉଁ ତାରିଖରୁ ଶୁଣାଣି ହେବ, ତାହା ଉପଯୁକ୍ତ ଖଣ୍ଡପୀଠ ସ୍ଥିର କରିବେ ବୋଲି ପ୍ରଧାନ ବିଚାରପତି ଜଷ୍ଟିସ୍ ରଞ୍ଜନ ଗୋଗୋଇଙ୍କ ନେତୃତ୍ୱାଧୀନ ୩ ଜଣିଆ ଖଣ୍ଡପୀଠ କହିଛନ୍ତି। ଅଯୋଧ୍ୟା ଜମି ବିବାଦ ସମ୍ପର୍କରେ ଆହ୍ଲାବାଦ ହାଇକୋର୍ଟଙ୍କ ରାୟ ବିରୋଧରେ ସୁପ୍ରିମକୋର୍ଟରେ ଏକାଧିକ ଆବେଦନ ହୋଇଛି। ଜାନୁଆରୀରୁ ଏଗୁଡ଼ିକର ଶୁଣାଣି ହେବ। ୨୦୧୦ ସେପ୍ଟେମ୍ବରରେ ଆହ୍ଲାବାଦ ହାଇକୋର୍ଟ ବିବାଦୀୟ ୨.୭୭ ଏକର ଜମିକୁ ନିର୍ମୋହୀ ଆଖଡ଼ା, ରାମଲାଲା ଓ ସୁନି ମୁସ୍‌ଲିମ୍ ୱାକଫ୍ ବୋର୍ଡ ମଧ୍ୟରେ ସମାନ ଭାବରେ ବାଣ୍ଟିଦେବାକୁ ରାୟ ଦେଇଥିଲେ। ଏହା ବିରୋଧରେ ୧୪ଟି ଅପିଲ୍ ଫାଇଲ୍ ହୋଇଛି। ଏ ସମ୍ପର୍କରେ ଶୁଣାଣି ବେଳେ ପ୍ରଧାନ ବିଚାରପତି ଜଷ୍ଟିସ୍ ଗୋଗୋଇ କହିଲେ, ଜାନୁଆରୀରୁ କେଉଁ ଖଣ୍ଡପୀଠ ଏହାର ଶୁଣାଣି କରିବେ, ତାହା ଆମଙ୍କୁ ଜଣାନାହିଁ। ଏ ସମ୍ପର୍କରେ



ପରେ ସ୍ଥିର ହେବ। କୋର୍ଟ ନିଷ୍ପତ୍ତିରୁ ଜଣାପଡୁଛି, ୨୦୧୯ରେ ସାଧାରଣ ନିର୍ବାଚନ ପୂର୍ବରୁ ଏହି ମାମଲା ଉପରେ ଶୁଣାଣି ହେବାକୁ ଯାଉଛି। କୋର୍ଟଙ୍କ ଏହି ଫୈସଲା ଉପରେ ବିଶ୍ୱ ହିନ୍ଦୁ ପରିଷଦ ତତ୍କାଳ ପ୍ରତିକ୍ରିୟା ପ୍ରକାଶ କରି ରାମ ମନ୍ଦିର ନିର୍ମାଣ ପାଇଁ କେନ୍ଦ୍ର ସରକାର ଆଇନ ପ୍ରଣୟନ କରିବାକୁ ଦାବି କରିଛି। ହିନ୍ଦୁମାନଙ୍କର ବିଶ୍ୱାସ ଯେ, ଷୋଡ଼ଶ ଶତାବ୍ଦୀର ବାବ୍ରି ମସ୍‌ଜିଦ୍ ଭଗବାନ ରାମଙ୍କ ମନ୍ଦିର ଉପରେ ନିର୍ମାଣ କରାଯାଇଛି। ୧୯୯୨ରେ ବାବ୍ରି ମସ୍‌ଜିଦ୍‌କୁ ଉତ୍ତ୍ୟକ୍ତ ଲୋକେ ଭାଙ୍ଗି ଦେଇଥିଲେ। ଏଥିଯୋଗୁଁ ସେତେବେଳେ ଦେଶରେ ବ୍ୟାପକ ହିଂସାକାଣ୍ଡ ସୃଷ୍ଟି ହୋଇଥିଲା। ସେହିଦିନ ଠାରୁ ଏହି ମାମଲା ଉପରେ ଶୁଣାଣି ହୋଇପାରୁ ନାହିଁ।

# 'ସଂକୀର୍ଣ୍ଣ ରାଜନୈତିକ ଫାଇଦା ଉଠାଇବାକୁ ପାକିସ୍ତାନ ଚେଷ୍ଟା କରୁଛି'

**ମିଳିତ ଜାତିସଂଘ :** ସଂକୀର୍ଣ୍ଣ ରାଜନୈତିକ ଫାଇଦା ଉଠାଇବାକୁ ପାକିସ୍ତାନ ମିଳିତ ଜାତିସଂଘର ସାଧାରଣ ପରିଷଦ ବୈଠକରେ କଶ୍ମୀର ପ୍ରସଙ୍ଗ ଉଠାଉଛି ବୋଲି ଭାରତ ଅଭିଯୋଗ କରିଛି। ଗୋଟିଏ ଦେଶର ଭୌଗୋଳିକ ସ୍ଥିତି ଉପରେ ଅନ୍ୟ ଗୋଟିଏ ଦେଶର ହସ୍ତକ୍ଷେପ କରିବାର ଅଧିକାର ନାହିଁ। ମିଳିତ ଜାତିସଂଘରେ ଭାରତର ସ୍ଥାୟୀ ସଚିବ ପୌଲୁମୀ ତ୍ରିପାଠୀ ପାକିସ୍ତାନ ସଚିବ ମାଲିହା ଲୋଧୀଙ୍କ ଅଭିଯୋଗର କଡ଼ା ଜବାବ୍ ଦେଇଛନ୍ତି। ଲୋଧୀ କହିଥିଲେ ଯେ କଶ୍ମୀରବାସୀଙ୍କୁ ଦଶନ୍ଧି ଦଶନ୍ଧି ଧରି ସନ୍ତାପିତ ଅବସ୍ଥାରେ କାଳାତିପାତ ପାଇଁ ବାଧ୍ୟ କରାଯାଉଛି। ସ୍ୱାଧୀନତା ସେମାନଙ୍କ ପାଇଁ ସ୍ୱପ୍ନ ପ୍ରାୟ ହୋଇଯାଇଛି। ଯେ ପର୍ଯ୍ୟନ୍ତ କଶ୍ମୀରବାସୀଙ୍କ ଇଚ୍ଛାକୁ ପୂର୍ଣ୍ଣ ଉପଭୋଗର ସୁଯୋଗ ନ ମିଳିଛି, ତାହା ମିଳିତ ଜାତିସଂଘର ମୁଖ୍ୟ ଏଜେଣ୍ଡା ହୋଇ ରହିଥିବ। ଜମ୍ମୁ-କଶ୍ମୀରକୁ ଭାରତର ଅବିଚ୍ଛେଦ୍ୟ ଅଂଶ ଭାବେ ଗ୍ରହଣ କରିବାକୁ ପାକିସ୍ତାନ ରାଜି ନୁହେଁ। ଲୋଧୀଙ୍କ ବୟାନର ପାଲଟା ଜବାବ୍ ଦେଇ ତ୍ରିପାଠୀ କହିଛନ୍ତି ଯେ ଭାରତର ଆଭ୍ୟନ୍ତରୀଣ ମାମଲାରେ ହସ୍ତକ୍ଷେପ କରିବାର ଅଧିକାର ପାକିସ୍ତାନର ନାହିଁ। ତ୍ରିପାଠୀଙ୍କ ସୂଚନା ଅନୁସାରେ ସଂକୀର୍ଣ୍ଣ ରାଜନୈତିକ ଫାଇଦା ହାସଲ କରିବା ଲକ୍ଷ୍ୟରେ ଫୋରମର ପ୍ରକୃତ ଆଭିମୁଖ୍ୟରୁ ଦୂରେଇ ଜମ୍ମୁ-କଶ୍ମୀର ମାମଲାକୁ ଟାଣିଆଣିବା ପାକିସ୍ତାନର ପୁରୁଣା ଅଭ୍ୟାସ। କୌଣସି ସଭ୍ୟରାଷ୍ଟ୍ରର ସାର୍ବଭୌମତ୍ୱ ଓ ଆଭ୍ୟନ୍ତରୀଣ ମାମଲାରେ ହସ୍ତକ୍ଷେପ କରିବାର ବିଧି ନଥିଲେ ମଧ୍ୟ ପାକିସ୍ତାନ ସର୍ବଦା ତାହାକୁ ଉଲ୍ଲଙ୍ଘନ କରିଆସୁଛି। ଭାରତର ଆଭ୍ୟନ୍ତରୀଣ ମାମଲାରେ ମୁଣ୍ଡ ପୁରାଉଛି। ତ୍ରିପାଠୀ ପାଲେଷ୍ଟାଇନ୍ ଉଦାହରଣ ଦେଇ କହିଥିଲେ, ଜମ୍ମୁ-କଶ୍ମୀରରେ ପାଲେଷ୍ଟାଇନ୍ ସମସ୍ୟା ନାହିଁ, ଭାରତ ସରକାର ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ପ୍ରଦାନ କରିଛନ୍ତି। ଜମ୍ମୁ-କଶ୍ମୀରରେ ନିର୍ବାଚିତ ସରକାର ଶାସନ କରୁଛନ୍ତି। ପାଲେଷ୍ଟାଇନ୍ ସଙ୍କଟରେ ଭାରତ ସହାୟତା କରିପାରେ। ମାତ୍ର ସହାୟତା ପରିବର୍ତ୍ତେ ସେଠାକାର ରାଜନୈତିକ ଓ ସାମାଜିକ ସୁଯୋଗର ଫାଇଦା ଉଠାଇବା କରଣୀୟ ନୁହେଁ। ପାଲେଷ୍ଟାଇନରେ ମିଳିତ ଜାତିସଂଘ ତରଫରୁ ଗ୍ରହଣ କରାଯାଉଥିବା ଥଇଥାନ କାର୍ଯ୍ୟରେ ଭାରତ ପୂର୍ଣ୍ଣ ସହଯୋଗ କରିବ। ତ୍ରିପାଠୀ ବର୍ଣ୍ଣବୈଷମ୍ୟ ଓ ହିଂସାକାଣ୍ଡକୁ କଡ଼ା ବିରୋଧ କରିଛନ୍ତି। ଦେଶ ଦେଶ ମଧ୍ୟରେ ଅଶାନ୍ତି ଅରାଜକତା ସାମାଜିକ ଓ ଆର୍ଥିକ ବିକାଶର ଘୋର ପ୍ରତିବନ୍ଧକ। ସୋସିଆଲ ମିଡିଆ ପ୍ଲାଟଫର୍ମକୁ ବ୍ୟବହାର କରି ପୃଥିବୀରୁ ଭେଦଭାବ ଓ ଅସମାନତାକୁ ହଟାଇବାକୁ ହେବ। ଅଣବିକଶିତ, ବିକାଶଶୀଳ ଓ ବିକଶିତ ରାଷ୍ଟ୍ରଗୁଡ଼ିକ ମିଳିମିଶି ଆନ୍ତର୍ଜାତିକ ବିକାଶ ଓ ସଂହତି ପାଇଁ କାମ କରିବା ଦରକାର। ସୋସିଆଲ ମିଡିଆର ଅପବ୍ୟବହାରକୁ ରୋକିବା ପାଇଁ ଆନ୍ତର୍ଜାତିକ ସ୍ତରରେ ଆଇନ ଲାଗୁ ହେବା ଦରକାର।



# ରାଜ୍ୟ କ୍ୟାବିନେଟରେ ୭ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ

**ଭୁବନେଶ୍ୱର :** ବିଭିନ୍ନ ସେବା କ୍ୟାଡ଼ରର ସଂଶୋଧନ ତଥା ପୁନର୍ଗଠନ, ସରକାରଙ୍କ ସହାୟତାରେ ଟିଡ଼ିସିଙ୍କୁ ଋଣମୁକ୍ତ କରିବା, ଆଦିବାସୀ ହଷ୍ଟେଲ ମାନଙ୍କରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ନିଯୁକ୍ତି ଦେବା ଲାଗି ରାଜ୍ୟ କ୍ୟାବିନେଟ ବୈଠକରେ ନିଷ୍ପତି ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆଜି ଅପରାହ୍ନରେ ସଚିବାଳୟଠାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ୭ଟି ବିଷୟକୁ ଅନୁମୋଦନ କରାଯାଇଛି । ବୈଠକ ପରେ କ୍ୟାବିନେଟ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ଅନୁମୋଦିତ ହୋଇଥିବା ବିଷୟ ସମ୍ପର୍କରେ ସୂଚନା ଦେଇଥିଲେ। ସେ କହିଥିଲେ ଯେ, ଓଡ଼ିଶା ଜନଜାତି ମାନଙ୍କର ଅର୍ଥନୈତିକ ଉନ୍ନତି ଓ ସାମାଜିକ କଲ୍ୟାଣ ସାଧନ ନିମନ୍ତେ ଓଡ଼ିଶା ଜନଜାତି ଉନ୍ନୟନ ସମବାୟ ନିଗମ ଲିମିଟେଡ଼ (ଟିଡିସିସି) ଜନଜାତିଙ୍କ ଦ୍ୱାରା ସଂଗୃହୀତ ବନଜାତ ଦ୍ରବ୍ୟ ଓ ବଳକା କୃଷିଜାତ ଦ୍ରବ୍ୟ ଗୁଡ଼ିକ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କ୍ରୟ ଦରରେ ସଂଗ୍ରହ ଓ ମୂଲ୍ୟ ପରିବର୍ତ୍ତିତ କରି ଏହାର ବିକ୍ରିବଟାର ବ୍ୟବସ୍ଥା କରିବା କାର୍ଯ୍ୟ ସମ୍ପାଦନ କରିବା ପାଇଁ ସରକାର ଏ ସଂସ୍ଥାକୁ ବିଭିନ୍ନ ଋଣ ମାଧ୍ୟମରେ ଚଳନ୍ତି ପୁଂଜି ନିବେଶ କରିଥିଲେ । ୧୯୯୧ ମସିହାରେ ସରକାରଙ୍କ ଦ୍ୱାରା ମହୁଲ ଫୁଲ ସଂଗ୍ରହର ବିକ୍ରିକରଣ କାର୍ଯ୍ୟକ୍ରମରେ ଟିଡିସିସିକୁ ମୋଟ ୧୦.୬୫ କୋଟିର କ୍ଷତି ସହିବାକୁ ପଡ଼ିଛି । ୨୦୧୫, ୩୧ ତାରିଖ ସୁଦ୍ଧା ଏହି କ୍ରମବର୍ଦ୍ଧିଷ୍ଣୁ କ୍ଷତିର ପରିମାଣ ୫୨.୭୮କୋଟି ଟଙ୍କାରେ ପହଂଚିଛି। ଇତି ମଧ୍ୟରେ ଟିଡିସିସି ୧୪.୩୪ କୋଟି ଟଙ୍କାର ସରକାରୀ ଋଣ ପରିଶୋଧ କରିଛନ୍ତି । ମହୁଲ ଫୁଲ ସଂଗ୍ରହ ବିକେନ୍ଦ୍ରୀକରଣ କାର୍ଯ୍ୟକ୍ରମରେ ବଳକା ଥିବା ସରକାରୀ ଋଣକୁ ତଥା ସୁଧ ବାବଦକୁ ବାକିଥିବା ୩୬.୩୯କୋଟି କୁ ସମାନ ଭାବରେ ଅଂଶ ପୁଞ୍ଜି ନିବେଶ ପରିବର୍ତ୍ତିତ କରିବା ପାଇଁ କ୍ୟାବିନେଟରେ ନିଷ୍ପତି ହୋଇଛି । ଏହି ପଦକ୍ଷେପ ଦ୍ୱାରା ଜନଜାତି ମାନଙ୍କ ବନଜାତ ଓ ବଳକା କୃଷିଜାତ ଦ୍ରବ୍ୟର ମୂଲ୍ୟ ପରିବର୍ଦ୍ଧନ ତଥା ବିକ୍ରି ବଟାର ବ୍ୟବସ୍ଥାକୁ ସୂଚାରୁ ରୂପରେ ସମ୍ପାଦନ କରିବା ନିମନ୍ତେ ଟିଡିସିସି ଆସନ୍ତା ବର୍ଷ ଠାରୁ ସକ୍ଷମ ହୋଇପାରିବ । ଏବଂ ସେ ମଧ୍ୟ ବାହାରୁ ଋଣ ଆଣି ପାରିବ। ସେ ଆହୁରି କହିଲେ ଯେ, ଅନୁସୂଚିତ ଜନଜାତି ଓ ଜାତି, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ ନିମିତ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଓଡ଼ିଶା ଅଧସ୍ତନ ମଙ୍ଗଳ ସେବାର ପୁନର୍ଗଠନ ଅତ୍ୟନ୍ତ ଆବଶ୍ୟକ ହୋଇପଡ଼ିଛି । ବିଗତ ଦୁଇ ଦଶନ୍ଧି ଧରି ଏହି ବିଭାଗ ଅଧିନସ୍ଥ ଆବାସିକ ବିଦ୍ୟାଳୟ ଏବଂ ଛାତ୍ରାବାସ ଓ ଛାତ୍ରୀନିବାସ ଗୁଡ଼ିକର ସଂଖ୍ୟା ବହୁଳ ଭାବରେ ବୃଦ୍ଧି ପାଉଛି । ଅଧିକରୁ ଅଧିକ କ୍ଷେତ୍ର ପରିଚାଳନାରେ ଅଭିଜ୍ଞ ମଙ୍ଗଳ ଅଧିକାରୀ ମାନଙ୍କୁ ଆଣି ରାଜ୍ୟସ୍ତରୀୟ ଆନୁଷ୍ଠାନିକ ବ୍ୟବସ୍ଥାକୁ ମଧ୍ୟ ଦୃଢ଼ୀଭୂତ କରିବାର ଆବଶ୍ୟକତା ରହିଛି । ତେଣୁ ଓଡ଼ିଶା ଅଧସ୍ତନ ମଙ୍ଗ ସେବା ଅଧିନସ୍ଥ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମାନଙ୍କ ସଂଖ୍ୟାକୁ ସୁସଂଗଠିତ କରିବା ଓ ପର୍ଯ୍ୟବେକ୍ଷକ ଅଧିକାରୀ ମାନଙ୍କ ସଂଖ୍ୟା ବୃଦ୍ଧି କରିବା ପାଇଁ ନିଷ୍ପତି ହୋଇଛି । ଏତଦ୍ ଅନୁଯାୟୀ ପ୍ରତ୍ୟେକ ଅଣୁ ପ୍ରକଳ୍ପକୁ ଦୃଢ଼ୀଭୂତ କରିବା ନିମନ୍ତେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଓ ଅତିରିକ୍ତ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୃଷ୍ଟି କରାଯାଇଛି । ସେହିପରି ସମନ୍ୱିତ ଜନଜାତି ଉନ୍ନୟନ ପ୍ରକଳ୍ପ ଏବଂ ଉପଖଣ୍ଡ ମାନଙ୍କରେ ଗୋଟିଏ ଲେଖାଏଁ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଏବଂ ପ୍ରତ୍ୟେକ ଅନ୍ୱେଷା ଜିଲ୍ଲା ଗୋଟିଏ ଲେଖାଏଁ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପଦବୀ ବ୍ୟବସ୍ଥା କରାଯାଇ ଜିଲ୍ଲା ସ୍ତରରେ ଉତମ ପର୍ଯ୍ୟବେକ୍ଷଣ ଯୋଜନା କରାଯାଇଛି। ଏହି କ୍ରମରେ ୭୧ ଗୋଟି ଅତିରିକ୍ତ ଜିଲ୍ଲା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ, ୯ଗୋଟି ଜିଲ୍ଲା ମଙ୍ଗଳ ଅଧିକାରୀ, ୮ ଗୋଟି ଉପ ନିର୍ଦ୍ଦେଶକ, ୩ ଗୋଟି ଯୁଗ୍ମ ନିର୍ଦ୍ଦେଶକ ଏବଂ ଗୋଟିଏ ଅତିରିକ୍ତ ନିର୍ଦ୍ଦେଶକ ପଦବୀ ସୃଷ୍ଟି କରାଯାଇଛି। ଓଡ଼ିଶା ଭୂତଳ ଜଳ ଉନ୍ନୟନ ନିର୍ଦ୍ଦେଶାଳୟର ଭୂତତ୍ୱବିତ୍ ସେବା କ୍ୟାଡ଼ରର ପୁନର୍ଗଠନ କରିବା ପାଇଁ କ୍ୟାବିନେଟରେ ନିଷ୍ପତି ହୋଇଛି । ଏଥିରେ ପ୍ରବେଶ ଶ୍ରେଣୀ ଭୂତତ୍ୱବିତ୍ ଗ୍ରୁପ୍ (ବି) ଶ୍ରେଣୀରୁ ଗ୍ରୁପ୍ ଏ କନିଷ୍ଠ ଶ୍ରେଣୀକୁ ଉନ୍ନୀତ ହେବେ । ଏହି ପୁନର୍ଗଠନରେ ଆଠଟି ନୂଆ ଭୂତତ୍ୱବିତ୍, ୩ଟି ନୂଆ ଉପନିର୍ଦ୍ଦେଶକ (ଭୂତତ୍ୱ) ପଦବୀ ସୃଷ୍ଟି କରାଯିବା ସଂଗେ ସଂଗେ ୩ଟି ଭୂତତ୍ୱ ଜଳ ବିଭାଜନ ଓ ଦୁଇଟି ଭୂତଳ ଜଳ ଉନ୍ନୟନ ମଣ୍ଡଳ (ଭୂତତ୍ୱ) ସୃଷ୍ଟି କରାଯିବ । ଏହି ପୁନର୍ଗଠନ ଦ୍ୱାରା ଓଡ଼ିଶା ଭୂତଳ ଜଳ ଭୂତତ୍ୱବିତ୍ ସେବା କ୍ୟାଡ଼ର ସଂଖ୍ୟା ୩୪ ରୁ ୪୮କୁ ବୃଦ୍ଧି ପାଇବ । ପ୍ରଚଳିତ ଭୂତଳ ଜଳ ଭୂତତ୍ୱବିତ୍ ସେବା କ୍ୟାଡ଼ର ନିୟମାବଳୀ ୨୦୦୭କୁ ସଂଶୋଧିତ କରାଯାଇ ବିଭିନ୍ନ ପଦବୀ ମଧ୍ୟ ପୂରଣ କରାଯିବ।

## ଚାଷୀଙ୍କୁ ମିଳିବ ୫ ହଜାର ସୌର ଚାଳିତ ପାଣିପମ୍ପ

**ଭୁବନେଶ୍ୱର :** ସୌର ଜଳନିଧି ଯୋଜନାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ମଙ୍ଗଳବାର ରାଜ୍ୟ ସଚିବାଳୟରେ ରାଜ୍ୟ ସରକାରଙ୍କ ନିଜସ୍ୱ ଯୋଜନାର ଲୋକାର୍ପଣ ମୁଖ୍ୟମନ୍ତ୍ରୀ କରିଛନ୍ତି। ଏହି ଯୋଜନା ମାଧ୍ୟମରେ ଚାଷୀଙ୍କୁ ରିହାତି ମୂଲ୍ୟରେ ୫ ହଜାର ସୋଲାରପମ୍ପ ଯୋଗାଇ ଦିଆଯିବ। ଏହାଦ୍ୱାରା ଅତିରିକ୍ତ ୨୫୦୦ ଏକର ଅଣଜଳସେଚିତ ଚାଷଜମି ଜଳସେଚିତ ହୋଇପାରିବ। ଏଥିପାଇଁ ୨୭.୧୮ କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ଏନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ଉଦ୍‌ଘାଟନୀ ଉତ୍ସବରେ ୩୦ଟି ଜିଲ୍ଲାର ଆନୁମାନିକ ୧ ହଜାର ଚାଷୀ ଭିଡିଓ କନ୍ଫେରେନ୍ସ ଜରିଆରେ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗାଁର ଉନ୍ନତି ଓ କୃଷିର ଉନ୍ନତି ରାଜ୍ୟ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ଏହି ଯୋଜନା ଦ୍ୱାରା ଚାଷୀଭାଇମାନଙ୍କର ଖର୍ଚ୍ଚ କମିବ ଓ ୫ ହଜାର ଚାଷୀଙ୍କୁ ୯୦ ପ୍ରତିଶତ ରିହାତି ମୂଲ୍ୟରେ ସୋଲାର ପମ୍ପ ଯୋଗାଇ ଦିଆଯିବ। ଏହାଦ୍ୱାରା ଅଣଜଳସେଚିତ ଜମିକୁ ଅଧିକ ପାଣି ସେଚନ କରାଯାଇପାରିବ। ଫଳରେ ଅଧିକ ଫସଲ ହେବ ଏବଂ ଚାଷୀଭାଇମାନଙ୍କର ରୋଜଗାର ବଢିବ। ଏହି ଯୋଜନା ମାଧ୍ୟମରେ ପ୍ରଥମ ପର୍ଯ୍ୟାୟରେ ବିଦ୍ୟୁତ ଅଭାବ ଥିବା ଅଞ୍ଚଳର ଚାଷୀମାନେ ଉପକୃତ ହେବେ। ପରବର୍ତ୍ତୀ ପର୍ଯ୍ୟାୟରେ ଏହି ଯୋଜନାକୁ ବ୍ୟାପକ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଯୋଜନାରେ ସୌରପମ୍ପ ପାଇଁ ଚାଷୀମାନଙ୍କୁ ୫୪ ହଜାର ଟଙ୍କାର ରିହାତି ଯୋଗାଇ ଦିଆଯାଉଛି। ଚାଷୀଙ୍କୁ ଭୂପୃଷ୍ଠ ପମ୍ପ ପାଇଁ ୫,୪୫୪ ଟଙ୍କା ଓ ଭୂତଳ ପମ୍ପ ପାଇଁ ୨୨,୨୫୭ ଟଙ୍କା ଦେବାକୁ ପଡିବ। ଏହା ମାଧ୍ୟମରେ ସମୁଦାୟ ୫୦୦୦ ଚାଷୀ ପରିବାର ୨୫୦୦ ଏକର ନିଶ୍ଚିତ ଜଳସେଚନ ସହିତ ଅଧିକ ରୋଜଗାର ସୃଷ୍ଟି କରିବ। ଏନେଇ କୃଷକ ପରିଚୟ ସଂଖ୍ୟା ଥିବା ହିତାଧିକାରୀ **odishasolarpump.nic.in**ରେ ଆବେଦନ କରିପାରିବେ। ଏଥିପାଇଁ ସର୍ବନିମ୍ନ ୦.୫ ଏକର ଚାଷ ଉପଯୋଗୀ ଜମି ଏବଂ ଏକ ସେଚକୂପ ଥିବା ବିଧେୟ।

## ଅମୃତ ଯୋଜନା କାର୍ଯ୍ୟକାରିତାରେ ଓଡ଼ିଶା ଅଗ୍ରଣୀ

**ଭୁବନେଶ୍ୱର :** ଅମୃତ ଯୋଜନା କାର୍ଯ୍ୟକାରୀ କରିବାରେ ସଫଳତା ଅର୍ଜନ କରି କ୍ରମାଗତ ଭାବେ ତୃତୀୟ ଥର ପାଇଁ ପ୍ରଥମ ତିନି ରାଜ୍ୟ ମଧ୍ୟରେ ନିଜର ସ୍ଥାନ ବଜାୟ ରଖିଛି ଓଡ଼ିଶା। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏହି ଯୋଜନାରେ ରାଜ୍ୟ ସ୍ତରୀୟ ଉଚ୍ଚ କ୍ଷମତା ସମ୍ପନ୍ନ ଷ୍ଟିୟରିଂ କମିଟି ବୈଠକରୁ ଏହା ଜଣାପଡିଛି। ଅମୃତ ଯୋଜନାରେ ଭଲ କାର୍ଯ୍ୟାନ୍ୱୟନ ପାଇଁ ରାଜ୍ୟକୁ ୪୧ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ମିଳିଛି। ସଚିବାଳୟରେ ଅନୁଷ୍ଠିତ ବୈଠକରେ ସହରାଞ୍ଚଳ ସ୍ତରରେ ପ୍ରକଳ୍ପ ଗୁଡିକର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଅନ୍ତଃବିଭାଗୀୟ ସମନ୍ୱୟ ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରି ସେବା ଯୋଗାଣକୁ ନିଶ୍ଚିତ କରିବାକୁ ଶ୍ରୀ ପାଢ଼ୀ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଅମୃତ ମିଶନର ରାଜ୍ୟ ନିର୍ଦ୍ଦେଶକ ପ୍ରେମ କୁମାର ଝା ଦେଇଥିବା ତଥ୍ୟ ଅନୁସାରେ ୨୦୧୫-୧୬, ୨୦୧୬-୧୭ ଏବଂ ୨୦୧୭-୧୮ ଆର୍ଥିକ ବର୍ଷରେ ଓଡ଼ିଶା ଜାତୀୟ ସ୍ତରରେ ପ୍ରଥମ ୩ଟି ରାଜ୍ୟ ଭିତରେ ସ୍ଥାନ ପାଇଛି। ବର୍ତ୍ତମାନ ସୁଦ୍ଧା ୯ଟି ଅମୃତ ଯୋଜନା ଅନ୍ତର୍ଭୁକ୍ତ ସହରାଞ୍ଚଳ ପାଇଁ ସମୁଦାୟ ୧୯୧ଟି ପ୍ରକଳ୍ପ ଅନୁମୋଦନ କରାଯାଇଛି। ଏଥିମଧ୍ୟରୁ ୧୮୮ଟି ପ୍ରକଳ୍ପର କାର୍ଯ୍ୟାଦେଶ ଦିଆଯାଇଛି ଏବଂ ୫୩ଟି ପ୍ରକଳ୍ପର ନିର୍ମାଣ ସରିଛି। ଅନୁମୋଦିତ ୧୯୧ଟି ପ୍ରକଳ୍ପ ମଧ୍ୟରୁ ୧୩୦ଟି ପାନୀୟଜଳ, ୧୩ଟି ନର୍ଦ୍ଦମା ପରିଚାଳନା ଏବଂ ୪୮ଟି ଜନସାଧାରଣ ପାର୍କ ନିର୍ମାଣ ପ୍ରକଳ୍ପ ବୋଲି ମିଶନ ନିର୍ଦ୍ଦେଶକ ଶ୍ରୀ ଝା ସୂଚନା ଦେଇଛନ୍ତି। ଏହିସବୁ ପ୍ରକଳ୍ପ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ୫୦ ଭାଗ ଲେଖାଏଁ ଅର୍ଥ ଯୋଗାଇ ଦେଉଛନ୍ତି। ବର୍ତ୍ତମାନ ସୁଦ୍ଧା ଅମୃତ ଯୋଜନା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପାଙ୍ଗରିରୁ ୩୯୪.୧୫ କୋଟି ଟଙ୍କା ହିସାବରେ ସମୁଦାୟ ୭୮୮.୩୦ କୋଟି ଟଙ୍କା ବିନିଯୋଗ କରାଯାଇଛି।

# ଏଣିକି ଜୋରିମାନା ଗଣିଲେ ମିଳିବ ଏସ୍‌ଏମ୍‌ଏସ୍

**ଭୁବନେଶ୍ୱର :** ରାଜ୍ୟରେ ପରିବହନ ବିଭାଗ ପକ୍ଷରୁ ଡିସେମ୍ବର ପ୍ରଥମ ସପ୍ତାହରୁ ଇ-ଚାଲାଣ ମାଧ୍ୟମରେ ଯାନବାହନରୁ ଜୋରିମାନା ଓ ଟିକସ ଆଦାୟ ହେବ। ଇଚାଲାଣ ମେସିନ୍ ମାଧ୍ୟମରେ ପରିବହନ ବିଭାଗର କର୍ମଚାରୀମାନେ ଏହି ଅର୍ଥ ଆଦାୟ କରିବେ। ଗୁରୁବାର ଏ ସଂକ୍ରାନ୍ତରେ ପରିବହନ ଅଧିକାରୀମାନଙ୍କୁ ତାଲିମ୍ ପ୍ରଦାନ କରାଯାଇଛି । ଏଥିରେ ରାଜ୍ୟ ପରିବହନ କମିଶନର୍ ସଞ୍ଜୀବ କୁମାର ପଣ୍ଡା, ଅତିରିକ୍ତ ପରିବହନ କମିଶନର୍ ସମୀର ପାଣିଗ୍ରାହୀ ଓ ଆଞ୍ଚଳିକ ପରିବହନ ଅଧିକାରୀମାନେ ଯୋଗ ଦେଇଥିଲେ। ଯାନବାହନରୁ ଇଚାଲାଣ ଓ ଅନ୍‌ଲାଇନ୍ ମାଧ୍ୟମରେ କିଭଳି ଅର୍ଥ ଆଦାୟ ହେବ ସେ ସଂକ୍ରାନ୍ତରେ ପରିବହନ ଅଧିକାରୀମାନଙ୍କୁ ତାଲିମ୍‌ପ୍ରଦାନ କରାଯାଇଥିଲା। ଏନ୍‌ଆଇସି ଓ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଅଧିକାରୀମାନେ ଏହି ତାଲିମ୍‌ପ୍ରଦାନ କରିଥିଲେ। ଏଚ୍‌ଡିଏଫ୍‌ସି ବ୍ୟାଙ୍କ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୪୦୦ ଇ-ଚାଲାଣ ମେସିନ୍ ଯୋଗାଇ ଦିଆଯାଇଛି । ଏହି ମେସିନ୍ ମାଧ୍ୟମରେ ଯେକୌଣସି ସ୍ଥାନରେ ଯାନବାହନ ଚାଳକ ଓ ମାଲିକମାନଙ୍କ ଠାରୁ ଅର୍ଥ ଆଦାୟ କରାଯାଇପାରିବ। ଏହି ମେସିନ୍‌ରେ ସମ୍ପୃକ୍ତ ଗାଡ଼ିର ପଞ୍ଜିକୃତ ନମ୍ବର ଲେଖିଲେ କିମ୍ବା ସେହି ଗାଡ଼ିର ନମ୍ବର ପ୍ଲେଟ୍ ଉପରେ ମେସିନ୍‌କୁ ଦେଖାଇଲେ ଛାଏଁ ଛାଏଁ ଗାଡ଼ି ସଂକ୍ରାନ୍ତୀୟ ସମସ୍ତ ବିବରଣୀ ଜଣାପଡ଼ିବ। ଉଭୟ ନଗଦ କିମ୍ବା କାର୍ଡ ମାଧ୍ୟମରେ ଅର୍ଥ ଆଦାୟ ହେବା ସଙ୍ଗେ ସଙ୍ଗେ ଏହି ମେସିନ୍ ମାଧ୍ୟମରେ ଗାଡ଼ି ମାଲିକମାନଙ୍କ ନିକଟକୁ ସ୍ୱୟଂକ୍ରିୟ ଭାବରେ ଏସ୍‌ଏମ୍‌ଏସ୍ ଯିବ। ଫଳରେ ସମ୍ପୃକ୍ତ ଗାଡ଼ିର ମାଲିକ ଜୋରିମାନା ପ୍ରଦାନ ସଂକ୍ରାନ୍ତରେ ଅବଗତ ହୋଇପାରିବେ। ଏପରିକି ଜୋରିମାନା ଆଦାୟ ସମୟରେ ଗାଡ଼ିରେ ଥିବା ଚାଳକ କିମ୍ବା ମାଲିକଙ୍କର ଫଟୋ ଏହା ମାଧ୍ୟମରେ ଉଠାଇ ରଖାଯାଇପାରିବ। ଏହି ଏସ୍‌ଏମ୍‌ଏସ୍ ସହିତ ଗୋଟିଏ ଇ-ଲିଙ୍କ୍ ମଧ୍ୟ ପ୍ରଦାନ କରାଯିବ। ଏହା ମାଧ୍ୟମରେ ପରବର୍ତ୍ତୀ ସମୟରେ ମାଲିକମାନେ ଅନ୍‌ଲାଇନ୍‌ରେ ଅର୍ଥ ପୈଠ କରିପାରିବେ। ପରିବହନ ଅଧିକାରୀମାନଙ୍କ କହିବା ଅନୁଯାୟୀ, ମାମଲା ରୁଜୁ ହେଲା ପରେ ବି ମାଲିକମାନଙ୍କ ନିକଟକୁ ସୂଚନା ଯାଉନଥିବାରୁ ସେମାନେ ଅଧିକାଂଶ ସମୟରେ ଏ ନେଇ ଅବଗତ ନ ଥିବା ସଫେଇ ଦେଇ ଖସିବାକୁ ଉଦ୍ୟମ କରୁଛନ୍ତି। ବର୍ତ୍ତମାନ ଜୋରିମାନା ଆଦାୟ ଓ ମାମଲା ବାବଦ ଏସ୍‌ଏମ୍‌ଏସ୍ ମାଲିକମାନେ ତତ୍କାଳ ପାଇଯିବା ପରେ ଆଉ ଏଭଳି ସମସ୍ୟା ରହିବ ନାହିଁ। ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ଦୁଇ ମହାନଗର ନିଗମ ଭୁବନେଶ୍ୱର ଓ କଟକରେ ଇ-ଚାଲାଣ ବ୍ୟବସ୍ଥା ଡିସେମ୍ବର ପହିଲାରୁ ଆରମ୍ଭ କରିବା ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ଏ ନେଇ ପରିବହନ ବିଭାଗର କର୍ମଚାରୀମାନଙ୍କୁ ତାଲିମ୍‌ପ୍ରଦାନ କରାଯାଇଛି। ଏହି ଯୋଜନା କାର୍ଯ୍ୟକାରୀ ହେଲେ ଟିକସ ଆଦାୟରେ ସ୍ୱଚ୍ଛତା ବଜାୟ ରହିବା ସହିତ ଏହାର ପରିମାଣ ବୃଦ୍ଧି ପାଇବ ବୋଲି ପରିବହନ ବିଭାଗର ଅଧିକାରୀମାନେ ମତ ଦେଉଛନ୍ତି।

# ହୀରାକୁଦରେ ବିଦେଶୀ ପକ୍ଷୀଙ୍କ କଳରବ



**ସମ୍ବଲପୁର :** ଆରମ୍ଭ ହୋଇଯାଇଛି ଶୀତ ଋତୁ। ଏଥିସହ ଶୀତ ବି ଧିରେ ଧିରେ ପଡିବାରେ ଲାଗିଲାଣି। ଶୀତର ଆଗମନରେ ହୀରାକୁଦ ଜଳଭଣ୍ଡାରକୁ ବିଦେଶୀ ପକ୍ଷୀଙ୍କ ଆଗମନ ବଢ଼ିବାରେ ଲାଗିଛି। ଏଥର ପ୍ରଥମ କରି ଗଲ୍ ଓ ଡକ୍ ପ୍ରଜାତିର ପକ୍ଷୀମାନେ ଜଳ ଭଣ୍ଡାରରେ ପହଞ୍ଚିଛନ୍ତି। ହେଲେ ଗତ ବର୍ଷ ଅପେକ୍ଷା ଏଥର କମ୍ ସଂଖ୍ୟାରେ ପକ୍ଷୀ ଆସିବା ଆରମ୍ଭ ହୋଇଛି। ପ୍ରାୟ ୮୦୦ ବର୍ଗ କିଲୋମିଟର ପରିମିତ ହୀରାକୁଦ ଜଳଭଣ୍ଡାରକୁ ଅକ୍ଟୋବର ମାସ ବେଳକୁ ଦେଶ ଓ ଦେଶ ବାହାରୁ ବିଭିନ୍ନ ପ୍ରଜାତିର ପକ୍ଷୀ ଆସିଥାନ୍ତି ଏବଂ ଶୀତ ଅପସରି ଯିବାପରେ ଫେବୃଆରୀ ଶେଷ ବେଳକୁ ନିଜ ନିଜ ଅଞ୍ଚଳକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ଅତିଥି ପକ୍ଷୀମାନେ ହୀରାକୁଦ ଜଳଭଣ୍ଡାର, ପାୱାର ଚେନାଲ, ପାର୍ଶ୍ୱବର୍ତ୍ତୀ ଡେବ୍ରୀଗଡ଼ ଅଭୟାରଣ୍ୟ, କମ୍‌ଗାଁ, ବାରଖଣ୍ଡିଆ, ରେଙ୍ଗାଲି ବନାଞ୍ଚଳରେ ଅବସ୍ଥାନ କରିଥାନ୍ତି। ଏହି ପକ୍ଷୀମାନେ ମୁଖ୍ୟତଃ କାସ୍ପିଆନ୍ ସାଗର, ମଙ୍ଗୋଲିଆ, କେନ୍ଦ୍ର ଓ ଦକ୍ଷିଣ-ପୂର୍ବ ଏସିଆ, ହିମାଳୟ, ବୈକାଲ ହ୍ରଦ ଆଦି ସ୍ଥାନରୁ ଆସିଥାନ୍ତି। ୨୦୧୭ରେ ୭୬ ହଜାରରୁ ଅଧିକ ପକ୍ଷୀ ଆସିଥିବା ବେଳେ ଗତବର୍ଷ ୧ ଲକ୍ଷ ୩୭ ହଜାରରୁ ଅଧିକ ପକ୍ଷୀ ଆସିଥିଲେ। ୨୦୧୫-୧୬ ବର୍ଷରେ ହୀରାକୁଦ ଜଳଭଣ୍ଡାରକୁ ରେକର୍ଡ଼ ସଂଖ୍ୟକ ୬୦ ପ୍ରଜାତିର ୯୫୯୧୨ ପକ୍ଷୀ ଆସିଥିଲେ। ସେଥିରେ ହୁଇସିଲିଂ ଡକ୍, କମନ୍ ପୋଚାର୍ଡ଼, ଟଫ୍‌ଟେଡ଼୍ ଡକ୍, ଗ୍ରେଟ୍ କ୍ରେଷ୍ଟେଡ଼୍ ଗ୍ରେଭ ଓ କମନ୍ କୁଟ୍ ଆଦି ପ୍ରଜାତିର ପକ୍ଷୀ ରହିଥିଲେ। ଏହା ସହିତ ଲେସର ହୁଇସିଲିଂ ଡକ୍, କମନ୍ ପୋଚାର୍ଡ଼, ଟଫ୍‌ଟେଡ଼୍ ଡକ୍, ଗ୍ରେଟ୍ କ୍ରେଷ୍ଟେଡ଼୍ ଗ୍ରେଭ୍, କମନ୍ କୁଟ୍, ଲିଟିଲ୍ କୋମରା, ବ୍ଲାକ୍‌ହେଡେଡ଼୍ ଗଲ୍, ରେଡ଼ କ୍ରେଷ୍ଟେଡ଼ ଗ୍ରେଭ ଓ ଡାଉନ ହେଡେଡ ଗଲ ପ୍ରଜାତିର ପକ୍ଷୀ ମଧ୍ୟ ଅତିଥି ଭାବେ ହୀରାକୁଦ ଜଳଭଣ୍ଡାରକୁ ଆସିଛନ୍ତି। ହୀରାକୁଦ ଜଳଭଣ୍ଡାରର ୪୧୯ ବର୍ଗକିଲୋମିଟର ବିସ୍ତୀର୍ଣ୍ଣ ଜଳରାଶି ଏବଂ ପାର୍ଶ୍ୱବର୍ତ୍ତୀ ଡେବ୍ରିଗଡ଼ ଅଭୟାରଣ୍ୟ ଖାଦ୍ୟ ଓ ଆଶ୍ରୟ ପାଇଁ ଉପଯୁକ୍ତ ହେଉଥିବାରୁ ଶୀତ ଋତୁ ଆଗମନ ସହ ବିଶେଷ କରି ନଭେମ୍ବର ମାସରୁ ଉତ୍ତର ଭାରତ ତଥା ସୁଦୂର ସାଇବେରିଆ, ୟୁରୋପ୍, ଆଫଗାନିସ୍ଥାନ, ଚୀନ ପ୍ରଭୃତି ଭୂଖଣ୍ଡରୁ ପକ୍ଷୀମାନେ ହୀରକୁଦକୁ ଆସି ପ୍ରାୟ ଫେବୃଆରୀ ମାସ ଯାଏ ଅବସ୍ଥାନ କରିଥାନ୍ତି।

## ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ୧୫୪୩ ପ୍ରକଳ୍ପ ଅନୁମୋଦିତ

**ଭୁବନେଶ୍ୱର :** ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା କାର୍ଯ୍ୟାନ୍ୱୟନରେ ୨୦୧୭-୧୮ ବର୍ଷ ପାଇଁ ଜାତୀୟ ସ୍ତରରେ ୧ ନମ୍ବର ସ୍ଥାନ ହାସଲ କଲାପରେ, ଗ୍ରାମାଞ୍ଚଳରେ ଥିବା ଅନ୍ୟାନ୍ୟ ରାସ୍ତାର ଗୁଣାତ୍ମକ ବିକାଶ ନିମନ୍ତେ ରାଜ୍ୟ ସରକାର ପ୍ରୟାସ ଆରମ୍ଭ କରିଛନ୍ତି। ଏଥିପାଇଁ ଶୁକ୍ରବାର ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ଷ୍ଟାଣ୍ଡିଂ କମିଟି ବୈଠକରେ ୧୫୪୩ ଟି ଅପ୍‌ଗ୍ରେଡେସନ୍ ପ୍ରସ୍ତାବକୁ ମଞ୍ଜୁର କରାଯାଇଛି। ପ୍ରକଳ୍ପ ଗୁଡିକୁ ଅନୁମୋଦନ କରି ନିୟମିତ ତଦାରଖ ଏବଂ ପରିଚାଳନା ମାଧ୍ୟମରେ ରାସ୍ତାଗୁଡିକର ଗୁଣାତ୍ମକମାନ ବଜାୟ ରଖିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ପାଢ଼ୀ ଗ୍ରାମ ଉନ୍ନୟନ ବିଭାଗଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସଚିବାଳୟଠାରେ ଅନୁଷ୍ଠିତ ଏହି ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ଼ଃ ମୋନା ଶର୍ମା ପ୍ରସ୍ତାବିତ ପ୍ରକଳ୍ପ ଗୁଡିକର ଆବଶ୍ୟକତା ଏବଂ ବୈଷୟିକ ଦିଗ ବିଷୟ ଆଲୋଚନା ପାଇଁ ଉପସ୍ଥାପନ କରିଥିଲେ। ଡ଼ଃ ଶର୍ମା କହିଥିଲେ ଯେ ପି.ଏମ୍.ଜି.ଏସ୍.ୱାଇ-୨ ରେ କେବଳ ପୂର୍ବରୁ ଥିବା ରାସ୍ତାର ଉନ୍ନତିକରଣ କରାଯାଇ ପାରିବ। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୩୭୬୦ କି.ମି ରାସ୍ତା ନିର୍ମାଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ୬୦:୪୦ ଅନୁପାତରେ ପାଣ୍ଠି ଯୋଗାଇବେ। ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାର ପଂଚାୟତ ସମିତି ଏବଂ ଜିଲ୍ଲା ପରିଷଦରୁ ମିଳିଥିବା ପ୍ରସ୍ତାବ ଗୁଡିକୁ ବିଚାର କରି ୧୫୪୩ ଟି ପ୍ରକଳ୍ପକୁ ଅଗ୍ରାଧିକାର ତାଲିକା ଅନ୍ତର୍ଭୁକ୍ତ କରାଯାଇଥିଲା। ଟ୍ରାଫିକ୍ ଯାତାୟତ, ଅର୍ଥନୈତିକ ଓ ସାମାଜିକ ଗୁରୁତ୍ୱ ଭିତିରେ ଏହି ଅଗ୍ରାଧିକାର ତାଲିକା ପ୍ରସ୍ତୁତ କରାଯାଇଥିଲା। ଏହି ପ୍ରକଳ୍ପ ଗୁଡିକ ମାଧ୍ୟମରେ ସମୁଦାୟ ୧୦୪୪୭ କି.ମି. ରାସ୍ତାର ଅପ୍ ଗ୍ରେଡେସନ ହେବ। ୨୦୨୦ ମସିହା ମାର୍ଚ୍ଚ ମାସ ଶେଷସୁଦ୍ଧା ଏହି କାର୍ଯ୍ୟ ପର୍ଯ୍ୟାୟ କ୍ରମେ ସଂପୂର୍ଣ୍ଣ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ଉନ୍ନୟନ କମିଶନର ଆର ବାଲକ୍ରିଷ୍ଣନ୍, ଅର୍ଥ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତୁହିନ୍‌କାନ୍ତ ପାଣ୍ଡେ, ଗ୍ରାମ ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଡ଼ଃ ମୋନା ଶର୍ମାଙ୍କ ସମେତ ସଂପୃକ୍ତ ବିଭାଗର ବରିଷ୍ଠ ଯନ୍ତ୍ରୀ ଏବଂ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ।


## ଦଲାଲଙ୍କ କବ୍‌ଜାରେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ

**ବାଲେଶ୍ୱର :** ନିର୍ମାଣ ଶ୍ରମିକଙ୍କ ପଞ୍ଜିକରଣ ଓ ସରକାରୀ ସହାୟତା ପ୍ରଦାନରେ ଶ୍ରମ ବିଭାଗର ପାତର ଅନ୍ତର ନୀତିକୁ ବିରୋଧ କରି ଜିଲ୍ଲା ଶ୍ରମ ଅଧିକାରୀ କୁବେର ବେହେରାଙ୍କୁ ଅଭିଯୋଗ ପ୍ରଦାନ କରିଛି। ନିର୍ମାଣ ଶ୍ରମିକ ସଂଘ ସମନ୍ୱୟ ସମିତିର କର୍ମକର୍ତ୍ତାମାନେ ଅଭିଯୋଗ କରିଥିଲେ ଯେ ଜିଲ୍ଲାର ସବୁ ବ୍ଲକ୍‌ର ନିର୍ମାଣ ଶ୍ରମିକଙ୍କୁ ସମାନ ଆଖିରେ ଦେଖାଯାଉନାହିଁ। କିଛିଦିନ ଧରି ସିମୁଳିଆ ଓ ଖଇରା ବ୍ଲକ୍‌କୁ ଅଗ୍ରାଧିକାର ଦିଆଯାଉଛି ବୋଲି ୨୨ଟା ସଂଘର ମୁଖ୍ୟମାନେ ଅଭିଯୋଗ କରିଥିଲେ। ଅନ୍ୟାନ୍ୟ ବ୍ଲକ୍ ତୁଳନାରେ ସିମୁଳିଆରେ ଅଧିକ ପରିମାଣରେ ସରକାରୀ ସହାୟତା ପ୍ରଦାନ କରାଯାଇଛି। ଅନ୍ୟପକ୍ଷେ ଅନ୍ୟାନ୍ୟ ବ୍ଲକ୍‌ର ଶ୍ରମିକ ଆବେଦନ କରିବାରଦୀର୍ଘଦିନ ବିତିଯାଇଥିଲେ ବି ସେମାନଙ୍କୁ କୌଣସି ସୁବିଧା ସୁଯୋଗ ପ୍ରଦାନ କରାଯାଉନାହିଁ। ଏମିତିକି ପଞ୍ଜୀକରଣ ଓ ରିନ୍ୟୁ ପାଇଁ ଦୀର୍ଘଦିନ ଧରି ଆବେଦନ କରିଥିବା ଶ୍ରମିକଙ୍କୁ ବିଭାଗୀୟ କର୍ମଚାରୀମାନେ ଆଡ଼ଆଖିରେ ଚାହୁଁନାହାନ୍ତି ବୋଲି ସମନ୍ୱୟ ସମିତିର କର୍ମକର୍ତ୍ତାମାନେ କହିଛନ୍ତି। ଏନେଇ ସମନ୍ୱୟ ସମିତି ପକ୍ଷରୁ ଏକ ଦାବିପତ୍ର ଶ୍ରମ ଅଧିକାରୀ ଶ୍ରୀ ବେହେରାଙ୍କୁ ପ୍ରଦାନ କରାଯାଇଥିଲା। ତୁରନ୍ତ ଏନେଇ ଉଚିତ ପଦକ୍ଷେପ ନେବା ସହ ଅସାଧୁ କର୍ମଚାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆଗାମୀ ଦିନରେ ସମନ୍ୱୟ ସମିତି ଆନ୍ଦୋଳନକୁ ଓହ୍ଲାଇବ ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି। ତେବେ ଏ ସମ୍ପର୍କରେ ଶ୍ରମ ଅଧିକାରୀ ଶ୍ରୀ ବେହେରାଙ୍କୁ ପଚାରିବାରୁ ଅନୁରୂପ ଅଭିଯୋଗ ତାଙ୍କର ହସ୍ତଗତ ହୋଇଥିବା ସେ କହିଛନ୍ତି। ଖୁବ୍ ଶୀଘ୍ର ତଦନ୍ତ ସହ ଉଚିତ କାର୍ଯ୍ୟାନୁଷ୍ଠାନ ଓ ନିର୍ମାଣ ଶ୍ରମିକଙ୍କ ପଞ୍ଜୀକରଣ କରାଯିବ ବୋଲି ଶ୍ରୀ ବେହେରା ପ୍ରତିଶ୍ରୁତି ଦେଇଛନ୍ତି। କିନ୍ତୁ ସିମୁଳିଆ ବ୍ଲକ୍ ଓ ଖଇରା ବ୍ଲକ୍‌ର ଦଲାଲମାନେ କହୁଛନ୍ତି ଆମ୍ଭେ ବିଧାୟକଙ୍କ ଲୋକ, ତେଣୁ ଆମକୁ ବେଶି ପରିମାଣରେ ନୂଆ କାର୍ଡ଼ ଓ ଅନ୍ୟାନ୍ୟ ସୁବିଧା ଦିଆଯାଉ ଆମ୍ଭେ ବିଧାୟକଙ୍କ ଲୋକ।

# ଚିଲିକାରେ ଡଙ୍ଗା ଚଳାଚଳ ଉପରେ ରୋକ୍

**ଖୋର୍ଦ୍ଧା :** ଚିଲିକାରେ ଯାତ୍ରୀ ସୁରକ୍ଷା ନେଇ ଜିଲ୍ଲାପାଳଙ୍କ ପ୍ରକୋଷ୍ଠରେ ଜିଲ୍ଲାପାଳ ନିର୍ମଳ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକ, ଉପଜିଲ୍ଲାପାଳ ସରୋଜ କୁମାର ସାହୁ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ରୀନା ରଥ, ଆଡିସନାଲ ଏସପି, ଚିଲିକା ବିଡିଓ ଓ ତହସିଲଦାରଙ୍କ ସମେତ ମା' କାଳିଜାଇ ମୋଟର ବୋଟ ମାଲିକ ସଂଘର ଗୋବିନ୍ଦ ଜାଲି, ୱାର୍କର୍ସ ୟୁନିଅନ୍‌ର ଯୋଗିନାଥ ବେହେରା, ଦେବକୀ ବେହେରା, ସଂଘର ଉପଦେଷ୍ଟା ବସନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାପାଳ ଶ୍ରୀ ମିଶ୍ର ଦିନ ୩ଟା ପରେ ଚିଲିକାରେ ଯାତ୍ରୀବାହୀ ଡଙ୍ଗା ଚଳାଚଳ ଉପରେ ରୋକ୍ ଲଗାଇଥିବା ବେଳେ ପ୍ରତ୍ୟେକ ସଂଘ ଯାତ୍ରୀଙ୍କ ସମ୍ପୂର୍ଣ୍ଣ ଠିକଣା ରଖିବା ପରେ ଡଙ୍ଗାରେ ନେଇପାରିବେ ବୋଲି ସୂଚନା ଦେଇଥିଲେ। ଏଥିସହିତ ଡଙ୍ଗାରେ ମହଜୁଦ ଥିବା ଲାଇଫ ଜ୍ୟାକେଟ ଅନୁସାରେ ଚାଳକ ପର୍ଯ୍ୟଟକ ନେଇପାରିବେ ବୋଲି କହିଥିଲେ। କ୍ଷମତାଠାରୁ ଅଧିକ ଯାତ୍ରୀ ନେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ପଦକ୍ଷେପ ନେବାକୁ ଏବଂ ପ୍ରତିଦିନ ଡଙ୍ଗାଗୁଡ଼ିକର ଯାଞ୍ଚ ପାଇଁ ସ୍ଥାନୀୟ ବିଡିଓ ଓ ତଲସିଲଦାରଙ୍କୁ ଦାୟିତ୍ୱ ଦେଇଥିଲେ। ସେହିପରି ଯାତ୍ରୀନେଇ ଯାଉଥିବା ଡଙ୍ଗା ଏବଂ ସଂଘ ମଧ୍ୟରେ ଯୋଗାଯୋଗ ନିମନ୍ତେ ଡଙ୍ଗା ଏବଂ ସଂଘ ଉଭୟ ସ୍ଥାନରେ ୨ଟି ଫୋନ୍ ରଖିବାକୁ ସଂଘର କର୍ମକର୍ତ୍ତାଙ୍କୁ ଆଦେଶ ଦେଇଥିଲେ। ଗତ ଜୁନ୍ ୧୬ ତାରିଖ ସନ୍ଧ୍ୟାରେ ଚିଲିକାରେ ଡଙ୍ଗାବୁଡ଼ି ୬ଜଣଙ୍କ ପ୍ରାଣହାନି ହୋଇଥିଲା। ଏହି ଘଟଣା ପରେ ଡଙ୍ଗାରେ ଯାତ୍ରୀଙ୍କ ସୁରକ୍ଷା ଉପକରଣ ବ୍ୟବସ୍ଥା, ପଞ୍ଜୀକରଣ, ଫିଟ୍‌ନେସ, ବୀମା ଏବଂ ଡଙ୍ଗା ଚାଳକ ଲାଇସେନ୍ସ ବାଧ୍ୟତାମୂଳକ ସହିତ ଯାଞ୍ଚ କରିବାକୁ ଜିଲ୍ଲାପାଳ ଏକ ଟିମ ଗଠନ କରିଥିଲେ। ଉକ୍ତ ଟିମ୍‌ରେ ପୁଲିସ, ଉପଜିଲ୍ଲାପାଳ, ଆନ୍ତଃରାଜ୍ୟ ଜଳପଥ ପରିବହନ ବିଭାଗ ପ୍ରମୁଖ ରହିଥିଲେ। ତେବେ ଯାଞ୍ଚ ଆରମ୍ଭ ହୋଇଥିବା ବେଳେ ଚିଲିକା ତଟବର୍ତ୍ତୀ ମା'କାଳିଜାଇ ମୋଟର ଡଙ୍ଗା ମାଲିକ ସଂଘର ୯୦ ଏବଂ ବାଲୁଗାଁ ମା' କାଳିଜାଇ ମୋଟର ବୋଟ୍ କର୍ମଚାରୀ ସଂଘର ୧୦୧ ଯାତ୍ରୀବାହୀ ଡଙ୍ଗାକୁ ଚିଲିଲାରେ ଚଳାଚଳ ନିମନ୍ତେ ବନ୍ଦ କରିଦିଆଯାଇଥିଲା। ଯାତ୍ରୀଙ୍କ ସୁରକ୍ଷା ନିମନ୍ତେ ପଞ୍ଜିକୃତ ଡଙ୍ଗା ମାଲିକମାନଙ୍କୁ ସହିଦ ବାଜି ରାଉତ ନୌଯାତ୍ରା ଯୋଜନାରେ ୨ ଲକ୍ଷ ୫୨ ହଜାର ୬୩୦ ଟଙ୍କା ବ୍ୟୟରେ ୩୮୯୭ ଲାଇଫ୍ ଜ୍ୟାକେଟ୍, ୭୬୩ ଲାଇଫ୍ ବଏ ଏବଂ ୧୫୩ ଅଗ୍ନିନିର୍ବାପକ ଯନ୍ତ୍ର ପ୍ରଦାନ କରାଯାଇଥିବା ତଥ୍ୟ ଜିଲ୍ଲା ପ୍ରଶାସନର ହସ୍ତଗତ ହୋଇଥିଲା। ମାତ୍ର ଡଙ୍ଗାଗୁଡ଼ିକରେ ଜଳପଥ ଆଇନ ଅନୁସାରେ ଯାତ୍ରୀ ପରିବହନ ନିମନ୍ତେ ଅନୁମତି ପ୍ରଦାନ କ୍ଷମତା ଆନ୍ତଃରାଜ୍ୟ ଜଳପଥ ପରିବହନ ବିଭାଗ ନିର୍ବାହି ଯନ୍ତ୍ରୀଙ୍କର ରହିଛି। କିନ୍ତୁ ଉକ୍ତ ପଦବୀ ଖାଲି ପଡ଼ିଥିବାରୁ ମାଲିକମାନଙ୍କ ପାଖରେ ନିୟମ ଅନୁଯାୟୀ ସମସ୍ତ ପ୍ରକାର ସୁରକ୍ଷା ଉପକରଣ ଓ ଫିଟନେସ ପରିମିଟ ସମ୍ପର୍କିତ କାଗଜପତ୍ର ଥିବା ସତ୍ତ୍ୱେ ସେମାନଙ୍କୁ ଅନୁମତି ନମିଳିବାରୁ ମାଲିକ ଓ ଡଙ୍ଗା ଚାଳକମାନେ ବାରମ୍ବାର ଜିଲ୍ଲାପାଳଙ୍କୁ ଭେଟି ତାଙ୍କର ଗୁହାରି କରିଥିଲେ। ବିଳମ୍ବରେ ହେଲେ ମଧ୍ୟ ଯାତ୍ରୀବାହୀ ଡଙ୍ଗାଗୁଡ଼ିକର କାଗଜପତ୍ର ଏବଂ ଅନ୍ୟାନ୍ୟ ଦିଗକୁ ଅନୁଧ୍ୟାନ କରି କିଛି ଦିନ ତଳେ ମା'କାଳିଜାଇ ମୋଟର ଡଙ୍ଗା ମାଲିକ ସଂଘର ୪୨ ଏବଂ ବାଲୁଗାଁ ମା' କାଳିଜାଇ ମୋଟର ବୋଟ୍ କର୍ମଚାରୀ ସଂଘର ୩୧ ଯାତ୍ରୀବାହୀ ଡଙ୍ଗାକୁ ଚିଲିକାରେ ଚଳାଚଳ ପାଇଁ ଅନୁମତି ପ୍ରଦାନ କରିଥିଲେ। ଅବଶିଷ୍ଟ ଡଙ୍ଗାର ଯାଞ୍ଚ ଚାଲିଥିବା ପ୍ରଶାସନିକ ଅଧିକାରୀମାନେ କହୁଥିବାବେଳେ ଚିଲିକାରେ ଚଳାଚଳ କରିବାକୁ ଫିଟ୍ ଡଙ୍ଗାଗୁଡ଼ିକରେ କିପରି ଯାତ୍ରୀ ସୁରକ୍ଷାର ସହ ଚିଲିକାରେ ଭ୍ରମଣ କରିପାରିବେ ସେନେଇ ସୋମବାର ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାପାଳ ଆଲୋଚନା କରିଥିଲେ।





ନିଜ ସୁଖ ପାଇଁ କରାଯାଇଥିବା କର୍ମ
ସୀମିତ ସୁଖ ଦେଇଥାଏ; କିନ୍ତୁ
ପରୋପକାର ପାଇଁ କରାଯାଇଥିବା କର୍ମ
ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୦୫ - ୧୧ ନଭେମ୍ବର, ୨୦୧୮

# ବେଲହୁଁ ସାବଧାନ

ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେସନ ବା ଡବ୍ଲ୍ୟୁଏଚ୍‌ଓର ରିପୋର୍ଟ ଅନୁସାରେ ବିଶ୍ୱର ୨୦ ପ୍ରଦୂଷିତ ସହର ମଧ୍ୟରେ ଭାରତର ୧୪ଟି ସହର ରହିଛି। ଏହି ସଂସ୍ଥା ପକ୍ଷରୁ ଯେଉଁ ସର୍ଭେ କରାଯାଇଥିଲା ସେଥିରେ ଭାରତର ରାଜଧାନୀ ଦିଲ୍ଲୀ ତାଲିକାର ପ୍ରଥମରେ ରହିଥିବା ବେଳେ କାନପୁର ଦ୍ୱିତୀୟ ଓ ଗୁରୁଗାଓଁ ତୃତୀୟ ସ୍ଥାନରେ ରହିଛି। ଏହି ରିପୋର୍ଟ ପ୍ରକାଶ ପାଇବା ପରେ ଭାରତର ଚିନ୍ତା ବଢ଼ିଛି। ତଥ୍ୟ ଅନୁସାରେ ଦୂଷିତ ବାୟୁ ଦ୍ୱାରା ଆକ୍ରାନ୍ତ ହୋଇ ଭାରତରେ ଦିନକୁ ୪ଜଣଙ୍କ ମୃତ୍ୟୁ ଘଟୁଛି। ଏଭଳି ପରିସ୍ଥିତିରେ ପ୍ରଦୂଷଣରୁ ରକ୍ଷା ପାଇବା ପାଇଁ ଗ୍ଲୋବାଲ ଡାଟାବେସ୍‌ର ପର୍ଯ୍ୟାଲୋଚନା କରି ରିପୋର୍ଟ ପ୍ରକାଶ କରିଛି ଡବ୍ଲ୍ୟୁଏଚ୍‌ଓ। ଏଥିରେ ସମଗ୍ର ବିଶ୍ୱବାସୀଙ୍କୁ ସତର୍କ କରାଇଦେବା ସହିତ ଡବ୍ଲ୍ୟୁଏଚ୍‌ଓ ଭାରତକୁ ବିଶେଷ ଭାବେ ସତର୍କ କରାଇଛି କାରଣ ଦୂଷିତ ବାୟୁ ଦ୍ୱାରା ଆକ୍ରାନ୍ତ ହୋଇ ଭାରତରେ ପ୍ରତିବର୍ଷ ୨୦ଲକ୍ଷରୁ ଅଧିକ ଲୋକଙ୍କ ଶୋଚନୀୟ ମୃତ୍ୟୁ ହେଉଛି। ଯାହା ଖୁବ୍ ଚିନ୍ତାଜନକ। ଶିଳ୍ପ ନିର୍ଗତ ବିଷାକ୍ତ ଗ୍ୟାସ ସହିତ ଗାଡି ଧୂଆଁ ଓ ଡମ୍ପିଂୟାର୍ଡରେ ଜମା ହେଉଥିବା ମଇଳାରେ ନିଆଁ ଲଗାଇ ନଷ୍ଟ କରାଯିବା ଦ୍ୱାରା ବାୟୁ ପ୍ରଦୂଷଣ ଅଧିକ ହେଉଛି। ତେଣୁ ବିଷାକ୍ତ ଜଳବାୟୁ ମଧ୍ୟରେ ଶ୍ୱାସପ୍ରଶ୍ୱାସ ନେବା କଷ୍ଟକର ହେବା ସହ ଲୋକେ ପ୍ରଦୂଷଣ ଜନିତ ବହୁ ରୋଗର ଶିକାର ହେଉଛନ୍ତି। ଏଭଳି ପରିସ୍ଥିତିରେ ଦେଶର ଜନସାଧାରଣ ପ୍ରଦୂଷଣ ଭୟାବହତାକୁ ଅନୁଭବ କରିବାର ଆବଶ୍ୟକତା ରହିଛି। ପ୍ରଦୂଷଣ ଜୀବଜଗତ ପ୍ରତି ଏକ ଅଭିଶାପ ସଦୃଶ। ଦିନକୁ ଦିନ ପ୍ରାକୃତିକ ବିପର୍ଯ୍ୟୟ ପରିବେଶକୁ ବିଗାଡୁଥିଲା ବେଳେ ମାନବକୃତ ପ୍ରଦୂଷଣ ମଣିଷ ଜୀବନ ପ୍ରତି ଭୟଙ୍କର ବିପଦ ସୃଷ୍ଟି କରୁଛି। ଏଥିସହିତ ବିଶ୍ୱ ତାପାୟନ ପରିବେଶକୁ ଏଭଳି ଉତ୍ତପ୍ତ କରିବାକୁ ଲାଗିଲାଣି ଯେ, ହୁଏତ ଆଗାମୀ କିଛିବର୍ଷ ଭିତରେ ସଭ୍ୟତା ଲୋପ ପାଇବା ଅସମ୍ଭବ ନୁହେଁ। କାରଣ ଯେଉଁ ହାରରେ ତାପମାତ୍ରା ବୃଦ୍ଧି ପାଉଛି ଓ ଜଳବାୟୁରେ ପରିବର୍ତ୍ତନ ଘଟୁଛି ସେଥିରେ ମାନବ ସମାଜ ବା ଜୀବଜଗତ ଟେକି ରହିବା ସହଜ ହୋଇନପାରେ। ହିମ ପର୍ବତ ଗୁଡିକ ତାପମାତ୍ରା ବୃଦ୍ଧିଜନିତ ପ୍ରଭାବରେ ଆକ୍ରାନ୍ତ ହୋଇ ତରଳିବାକୁ ଆରମ୍ଭ କରିଛନ୍ତି। ଯାହାଫଳରେ ଅଧିକାଂଶ ସମୁଦ୍ରର ଜଳପତନ ବୃଦ୍ଧି ପାଇବ ଓ ଏହା ସ୍ଥଳ ଭାଗକୁ ଗିଳିଦେବା ଅସମ୍ଭବ ନୁହେଁ। ପାତାଳରୁ ଆକାଶ ପର୍ଯ୍ୟନ୍ତ ବିଜ୍ଞାନ ଓ କାରିଗରୀର କରିସ୍ମା ନୂଆ ନୂଆ ତଥ୍ୟ ଦେଉଥିଲା ବେଳେ ପ୍ରକୃତି ପାଇଁ ଏହା ଆଦୌ ଶୁଭଙ୍କର ନୁହେଁ। ପ୍ରକୃତି ଯେଉଁ ଉପାଦାନରେ ଗଢ଼ା ସେଥିରେ ଆକ୍ରମଣ କରାଯାଇ ଖଣ୍ଡ ବିଖଣ୍ଡିତ କରାଗଲେ ଏହାର କୁଫଳ ପରିବେଶ ଉପରେ ପଡିବ। ବିଗତ କିଛିବର୍ଷ ହେବ ଭାରତରେ ମଧ୍ୟ ଜଳବାୟୁର ପରିବର୍ତ୍ତନ ସେହିଭଳି ଅନୁଭବ ହେଉଛି। ସଠିକ୍ ସମୟରେ ଋତୁର ଆଗମନ ହେଉନାହିଁ କିମ୍ବା ପୂର୍ବଭଳି ଶୀତ, ବସନ୍ତ ଓ ବର୍ଷାକୁ ଅନୁଭବ କରିହେଉନାହିଁ। ଋତୁଚକ୍ର ଅନୁସାରେ ଯେତେବେଳେ ମଣିଷ ପ୍ରକୃତି ବିରୋଧରେ ଯାଇ ନିଜର ସ୍ୱାର୍ଥ ସାଧନରେ ଲାଗିପଡେ ଏଥିରେ ହୁଏତ ବ୍ୟକ୍ତିଗତ ଲାଭ ହୋଇପାରେ। ମାତ୍ର ସାର୍ବଜନୀନ କ୍ଷେତ୍ର ବା ପରିବେଶ ସୁରକ୍ଷା ପ୍ରତି ଏହା ନିଶ୍ଚୟ ବିପଦ ବୋଲି ଗଣିବାକୁ ହେବ। ଅନୁସନ୍ଧିତ୍ସୁ ମଣିଷ ବିଜ୍ଞତାର ପରିପ୍ରକାଶ କରିବାକୁ ଯାଇ ନୂତନ ନୂତନ ଆବିଷ୍କାର ବଢ଼ାଇ ଚାଲିଥିଲେ ବି ଏଥିରେ ମାନବ ସମାଜର ହିତ ସାଧନ ଅପେକ୍ଷା କ୍ଷତି ଅଧିକ ହେଉଥିବାର ଜଣାପଡିଛି। ବଣ, ଜଙ୍ଗଲ ଧ୍ୱଂସ ପାଇବା ଫଳରେ ଆଗଭଳି ବନ୍ୟଜନ୍ତୁମାନେ ସ୍ୱଚ୍ଛନ୍ଦରେ ଆଉ ବଞ୍ଚିପାରୁ ନାହାନ୍ତି। ଯେଉଁଥିପାଇଁ ସେମାନଙ୍କ ସଂଖ୍ୟା କମି କମି ଆସିଲାଣି। ହୁଏତ ଆଗାମୀ କିଛିବର୍ଷ ମଧ୍ୟରେ ଆମ୍ଭେମାନେ ଭବିଷ୍ୟତ ପିଢ଼ିକୁ କେବଳ ଚିତ୍ର ମାଧ୍ୟମରେ ବନ୍ୟଜନ୍ତୁଙ୍କ ସମ୍ପର୍କରେ ଅବଗତ କରାଇବା ବା ବର୍ଣ୍ଣନା କରିବା ବ୍ୟତିରେକ ଆଉକିଛି ଉପାୟ ନଥିବ। ସେହି ଅନୁସାରେ ପ୍ରଦୂଷଣର ସମସ୍ୟାରେ ପଡି ନାନା ପ୍ରଜାତିର ପକ୍ଷୀମାନେ ଭାରତରୁ ବିଲୁପ୍ତ ହୋଇଗଲେଣି। ଶାଗୁଣା ହୁଅନ୍ତୁ କିମ୍ବା ଘରଚଟିଆ ଏମାନେ ଆଉ ପ୍ରାୟତଃ ଦେଖିବାକୁ ମିଳୁନାହାନ୍ତି। ଆଗଭଳି ହଳଦୀବସନ୍ତ ଓ ଭଦଭଦଳିଆଙ୍କ ସୁନ୍ଦର ଚେହେରା ଦେଖିବାର ସୁଯୋଗ ମଧ୍ୟ ମିଳୁନାହିଁ। କାଉ ଓ କୋଇଲିଙ୍କ ସଂଖ୍ୟା ମଧ୍ୟ କମି କମି ଆସିଲାଣି। ଆଗଭଳି ବସନ୍ତ ଋତୁରେ ଆମ୍ବଡାଳରେ କୋଇଲିଙ୍କ କୁହୁ ସ୍ୱର ଶୁଭୁନାହିଁ। କୀଟପତଙ୍ଗ ମଧ୍ୟ ପୂର୍ବଭଳି ଦେଖିବାକୁ ମିଳୁନାହାନ୍ତି। କାଁ ଭାଁ ପ୍ରଜାପତିଙ୍କୁ ଦେଖିବାକୁ ମିଳୁଥିଲେ ବି କାଠହଣା ଚଢ଼େଇର ଠକ୍ ଠକ୍ ଆବାଜ ଶୁଣିବାକୁ ମିଳୁନାହିଁ। ଡେଙ୍ଗା ତାଳ ଗଛରେ ଆଉ ଝୁଲୁନାହିଁ ବାଇଚଢ଼େଇର ବସା। ସ୍ଥଳ ଭାଗକୁ ଛାଡିଦେଲେ ଜଳ ଭାଗରେ ମଧ୍ୟ ବିପର୍ଯ୍ୟୟ କିଛି କମ ନୁହେଁ। ନଈ, ପୋଖରୀରେ ପୂର୍ବଭଳି ବିଭିନ୍ନ ପ୍ରଜାତିର ମାଛମାନେ ନାହାନ୍ତି। ସତରେ ଯେମିତି ଆଧୁନିକତାର କଠୋର ପରଶରେ ଏମାନେ ଉଭେଇ ଗଲେଣି। ବିଲୁପ୍ତ ପ୍ରାଣୀଙ୍କ ପରିସଂଖ୍ୟାନ ଆକଳନ କରିବା କଷ୍ଟକର। କିନ୍ତୁ ବର୍ତ୍ତମାନ ଯେତିକି ପ୍ରଜାତିର ବନ୍ୟଜନ୍ତୁ, ପକ୍ଷୀ ଓ ମାଛ ପରି ଅନ୍ୟ ଜୀବଜନ୍ତୁ ବଞ୍ଚି ରହିଛନ୍ତି ସେମାନଙ୍କ ସୁରକ୍ଷା ପ୍ରତି ଏବେଠାରୁ ଗୁରୁତ୍ୱ ନଦେଲେ ଆଗାମୀ ଦିନରେ ଏମାନେ ହୁଏତ ମ୍ୟୁଜିୟମର କାଚଘର ଭିତରେ ସ୍ଥାନ ପାଇବେ।

ତେଣୁ ପ୍ରଦୂଷଣକୁ ନେଇ ଜନସଚେତନତା ବୃଦ୍ଧି ସହିତ ସରକାରୀ ସ୍ତରରେ ନିଷ୍ଠାପର ଉଦ୍ୟମ ଆରମ୍ଭ କରାନଗଲେ ଏହା ବିକାଶ ପ୍ରତି ଏକ ଉପହାସ। କାରଣ ଯେଉଁ ଜୀବଜଗତ ବଞ୍ଚିବାର ରାହା ହରାଇ ପ୍ରଗତିର ମୋହରେ ବଶିଭୂତ ହୁଏ ସେଠାରେ ସଭ୍ୟତାର ମୂଲ୍ୟ କ'ଣ ? ଦୈନନ୍ଦିନ ଜୀବନରେ ଆମେ ବ୍ୟବହାର କରୁଥିବା ସାମଗ୍ରୀ ଓ ଖାଦ୍ୟ ପଦାର୍ଥରେ ବିଷ ପ୍ରକ୍ରିୟା ରହିଥିଲେ ବି ଏଥିପ୍ରତି କେହି ନିଘା ଦେଉନାହାନ୍ତି। ଜୈବିକ ଖତ ପରିବର୍ତ୍ତେ ବିଷାକ୍ତ ସାର, ଔଷଧ ପ୍ରୟୋଗ କରି କୃଷି ଉତ୍ପାଦନ ବଢ଼ାଉଥିବା ଚାଷୀମାନେ ଉତ୍ପାଦରୁ ଲାଭ ଅଧିକ ପାଉଥିଲେ ବି ମଣିଷମାନଙ୍କ ପ୍ରତି ଏହା ଅବିଚାର ବୋଲି ମାନିବାକୁ ହେବ। ଆଧୁନିକ କୃଷି ପ୍ରଣାଳୀ ଫସଲ ଅମଳରେ ସହାୟକ ହୋଇଥିଲେ ବି ମଣିଷର ଜୀବନ ପ୍ରତି ବିପଦ ସୃଷ୍ଟି କରୁଥିବା ବିଷାକ୍ତ ଦିଗ ପ୍ରତି ସଚେତନ ନୁହେଁ। ଯେଉଁଥିପାଇଁ ଖାଦ୍ୟ ପଦାର୍ଥର ବିଷାକ୍ତ ପ୍ରକ୍ରିୟାକୁ ନେଇ ମଣିଷ ସ୍ୱଳ୍ପାୟୁ ହୋଇଯିବା ସହିତ ନାନା ପ୍ରକାର ବ୍ୟାଧିରେ ଘାଣ୍ଟି ଚକଟି ହେଉଛି। ଏହାର ଏକମାତ୍ର କାରଣ ପ୍ରଦୂଷଣ। ମେହେନତି ମଣିଷ ଜୀବନ ବଞ୍ଚାଇବାକୁ ଯାଇ ଶିଳ୍ପ ସଂସ୍ଥା ଗୁଡିକରେ କାର୍ଯ୍ୟ କରୁଥିଲା ବେଳେ ଏଥିରେ ସେମାନଙ୍କ ଶରୀରକୁ ଆବଶ୍ୟକ ପଡୁଥିବା ସୁରକ୍ଷା ପ୍ରଦାନ କରାନଯିବା ଦ୍ୱାରା ଯକ୍ଷ୍ମା ଓ କ୍ୟାନ୍ସର ଭଳି ରୋଗ ଆକ୍ରାନ୍ତ ହେବା ସ୍ୱାଭାବିକ। ନୂଆ ନୂଆ ଔଷଧ ଉଦ୍ଭାବନ ହେଉଥିଲେ ବି ମଣିଷକୁ ନିରୋଗ ରଖିବାର ଔଷଧ ଏପର୍ଯ୍ୟନ୍ତ ଆବିଷ୍କୃତ ହୋଇପାରିନାହିଁ। ପରିବେଶ ସଠିକ୍ ରହିଥିଲେ ମଣିଷ ହୁଏତ ଏତେଟା ରୋଗଗ୍ରସ୍ତ ହୁଅନ୍ତା ନାହିଁ। ପୂର୍ବକାଳରେ ପ୍ରକୃତି ଦାନ କରୁଥିବା ଉପାଦାନରେ ମଣିଷ ନିଜକୁ ସୁସ୍ଥ ରଖିବା ସହିତ ଦୀର୍ଘାୟୁ କରିପାରୁଥିଲା। ହେଲେ ବର୍ତ୍ତମାନ ସମୟରେ ଏହା ସମ୍ଭବପର ହୋଇପାରୁନାହିଁ। କାରଣ ବସ୍ତୁବାଦ ଓ ଆଧୁନିକତାର ମାୟା ମଣିଷକୁ ଏତେ ମୋହଗ୍ରସ୍ତ କରିଛି ଯେ, ସେ ପ୍ରକୃତି ଓ ପ୍ରଦୂଷଣ ପ୍ରତି ଦୃଷ୍ଟି ଦେବାକୁ ସମୟ ନାହିଁ।

ସମ୍ପାଦକୀୟ



ତାରକ ମହାନ୍ତି

## ଯୋଗାଯୋଗ ଠିକଣା

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ସଡ଼କ ସୁରକ୍ଷା, ଜୀବନ ରକ୍ଷା ସ୍ଲୋଗାନ ପାଲଟିଛି ପ୍ରହସନ



ଶେଖ୍ ଫରିଦ୍‌ଉଦ୍ଦିନ

ନିକଟରେ ନ୍ୟାସନାଲ କ୍ରାଇମ ରେକର୍ଡ଼ ବ୍ୟୁରୋର ସର୍ବଶେଷ ତଥ୍ୟ ଅନୁଯାୟୀ ଭାରତରେ ଗତ ୧୨ ବର୍ଷ ଭିତରେ ୩୯ଲକ୍ଷ ଲୋକଙ୍କର ମୃତ୍ୟୁ ସଡ଼କ ଦୁର୍ଘଟଣାରେ ହୋଇଛି। ସେହିପରି ରେଳଟ୍ରାକ୍ ଓ ରେଳବାଇ କ୍ରସିଂରେ ସଂଗଠିତ ଦୁର୍ଘଟଣାରେ ୨୬ ହଜାର ଲୋକଙ୍କ ଜୀବନ ଚାଲିଯାଇଛି। ଦୈନିକ ହାରାହାରି ୬ଜଣଙ୍କର ଜୀବନ ଚାଲିଯାଉଛି। କେବଳ ୨୦୧୫ରେ ଏହି ଭୟାବହ ସଡ଼କ ଦୁର୍ଘଟଣା ଦେଢ଼ଲକ୍ଷ ଲୋକଙ୍କ ଜୀବନ ନେଇଛି। ସଚେତନତାର ଅଭାବ, ନିଶାଦ୍ରବ୍ୟ ସେବନ କରି ଗାଡ଼ି ଚାଳନା, କୋହଳ ନୀତିନିୟମ, ଦ୍ରୁତଗତିରେ ଗାଡ଼ି ଚାଳନା ଓ ତ୍ରୁଟିପୂର୍ଣ୍ଣ ଯାନବାହାନ ନିୟନ୍ତ୍ରଣ ବ୍ୟବସ୍ଥା ହେଉଛି ଏହାର ପ୍ରମୁଖ କାରଣ। ସେହିପରି କେତେକ ସ୍ଥାନରେ ଭୌଗୋଳିକ ପରିସ୍ଥିତି ଓ ସ୍ଥାନୀୟ ପାଣିପାଗ ମଧ୍ୟ ଏହି ବିପର୍ଯ୍ୟୟର କାରଣ ପାଲଟିଥାଏ। ଭାରତ ପରି ଦ୍ରୁତ ଅଭିବୃଦ୍ଧି ସମ୍ପନ୍ନ ରାଷ୍ଟ୍ରରେ ଦିନକୁ ୫୬ଜଣ ପଥଚାରୀ ଏହି ଭୟାବହ ସଡ଼କ ଦୁର୍ଘଟଣାର ଶିକାର ହୋଇ ସେମାନଙ୍କ ଜୀବନ ଚାଲିଯାଉଛି। ସବୁଠାରୁ ଉଦ୍‌ବେଗର ପ୍ରସଙ୍ଗ ହେଉଛି ଭାରତ ପରି ଏକ ବିକାଶଶୀଳ ଓ ସୂଚନା ପ୍ରଯୁକ୍ତିରେ ବେଶ୍ ଆଗୁଆ ଥିବା ବିକଶିତ ରାଷ୍ଟ୍ରରେ ଦେଶରେ ସଡ଼କ ନିରାପତ୍ତା ବ୍ୟବସ୍ଥା ଅତ୍ୟନ୍ତ ନିମ୍ନମାନର। ଘରୁ ପଦାକୁ ଗୋଡ଼ କାଢ଼ିଲେ ଜୀବନ ଉପରେ କୌଣସି ଗ୍ୟାରେଣ୍ଟି ନାହିଁ। କେତେବେଳେ କଣ ହେବ ତାହା କହିବା ଅସମ୍ଭବ। ଏହି ସମୟରେ ଦୁର୍ଘଟଣା ସର୍ବାଧିକ ଜୀବନ ନେଇଛି। ୨୦୦୫ରୁ ୨୦୧୫ ମସିହା ମଧ୍ୟରେ ଓଡ଼ିଶାରେ ସଡ଼କ ଦୁର୍ଘଟଣା ୩୮,୫୧୮ ଜଣ ମୃତ୍ୟୁବରଣ କରିଥିବା ବେଳେ ବେପରୁଆ ଗାଡ଼ିଚାଳନା ପାଇଁ ୧୦ ବର୍ଷ ମଧ୍ୟରେ ମାତ୍ର ୧୪୫ ଟଙ୍କା ଡ୍ରାଇଭିଂ ଲାଇସେନ୍ସ ବାତିଲ କରାଯାଇଛି। ତେବେ ଏହି ସଡ଼କ ଦୁର୍ଘଟଣା ଯୋଗୁଁ ପ୍ରାୟ ୪୨୩ କୋଟି ଟଙ୍କାର ସମ୍ପତ୍ତି ଓଡ଼ିଶାରେ ନଷ୍ଟ ହୋଇଥିବା ସରକାରୀ ତଥ୍ୟରୁ ଜଣାଯାଇଛି। ନ୍ୟାସନାଲ କ୍ରାଇମ ରେକର୍ଡ଼ସ ବ୍ୟୁରୋ ଆକଳନ ଅନୁସାରେ ଓଡ଼ିଶାରେ ସର୍ବାଧିକ ଦୁର୍ଲ୍ଲଭ ଜୀବନ ଯାଉଛି ଏହି ଦୁର୍ଘଟଣାରେ। ଶତକଡ଼ା ୫୦ ପ୍ରତିଶତ ଦୁର୍ଘଟଣା ଜାତୀୟ ରାଜପଥରେ ଘଟୁଥିବାବେଳେ ରାଜ୍ୟ ରାଜପଥରେ ୨୫ ପ୍ରତିଶତ ଓ ଅନ୍ୟାନ୍ୟ ରାସ୍ତାରେ ୨୫ ପ୍ରତିଶତ ଦୁର୍ଘଟଣା ଘଟୁଛି। ଏହି ଦୁର୍ଘଟଣା ମଧ୍ୟରେ ସର୍ବାଧିକ ସାଇକେଲ ଚାଳକ, ମୋଟର ସାଇକେଲ ଚାଳକ ଓ ପାଦରେ ଚାଲି ଚାଲି ଯାଉଥିବା ଲୋକମାନେ ବିଶେଷ ଭାବେ ଦୁର୍ଘଟଣାର ଶିକାର ହେଉଛନ୍ତି। ନିକଟରେ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଏକ ସର୍ଭେ କରାଯାଇ ଦୁର୍ଘଟଣା ରୋକିବା ପାଇଁ ୧୪୪ଟି ସ୍ଥାନରେ ବ୍ଲାକ ସ୍ପଟ ଚିହ୍ନଟ କରାଯାଇଥିଲା। ସେଥିମଧ୍ୟରେ ୬୪ଟି ସ୍ଥାନ ରାଜ୍ୟ ରାଜପଥରେ ଚିହ୍ନଟ କରାଯାଇଥିବାବେଳେ ୫୨ଟି ସ୍ଥାନ ଜାତୀୟ ରାଜପଥରେ ଚିହ୍ନଟ କରାଯାଇଥିଲା। ତେବେ ୬୦ ପ୍ରତିଶତ ମଦ୍ୟପାନଜନିତ ଦୁର୍ଘଟଣା ଘଟିଥିବାବେଳେ ୩୦ ପ୍ରତିଶତ ଚାଳକ ନିୟନ୍ତ୍ରଣ ହରାଇବା ଫଳରେ ଦୁର୍ଘଟଣା ଘଟୁଥିବା ସର୍ଭେରେ ଦର୍ଶାଯାଇଥିଲା। ତେବେ ୧୨ବର୍ଷ ମଧ୍ୟରେ ମଦ୍ୟପାନଜନିତ କାରଣରୁ ୨୪ ହଜାର ଲୋକଙ୍କ ଜୀବନ ଦୁର୍ଘଟଣାରେ ଯାଇଥିବାବେଳେ ପାଖାପାଖି ୩୦ ହଜାର ଲୋକଙ୍କ ବିକଳାଙ୍ଗ ହୋଇଛନ୍ତି। ତେବେ ଆଜିଠୁ ଆରମ୍ଭ ହୋଇଛି ୨୮ତମ ସଡ଼କ ସୁରକ୍ଷା ସପ୍ତାହ। ଏହି ଅବସରରେ ଜନସାଧାରଣଙ୍କୁ ସଚେତନତା କରାଯାଉଛି। ହେଲେ କଣ ହେବ ଦୁର୍ଘଟଣାହାର କମୁନାହିଁ। ବର୍ଷକୁ ବର୍ଷ ଦୁର୍ଘଟଣା ହାର ବଢ଼ିବାରେ ଲାଗିଛି। ଜନସଂଖ୍ୟା ବୃଦ୍ଧି ପାଇବା ସହ ଯାନବାହନ ସଂଖ୍ୟା ବଢ଼ିଚାଲିଛି। ତେବେ ବିଶ୍ୱରେ ପ୍ରତିଦିନ ଦୁର୍ଘଟଣାରେ ପ୍ରାୟ ୩୮ ହଜାର ବ୍ୟକ୍ତି ପ୍ରାଣ ହରାଉଥିବାବେଳେ ଏନେଇ ବର୍ଷକୁ ପ୍ରାୟ ୧୫ଲକ୍ଷ ୩୦ ହଜାର ଲୋକଙ୍କ ଜୀବନହାନୀ ଘଟୁଛି। ଆମ ଦେଶରେ ଦିନକୁ ପ୍ରାୟ ୪୦୦ଜଣ ବ୍ୟକ୍ତି ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି। ସେହିଭଳି ଜାତୀୟ ସ୍ତରରେ ୧୦୦ଟି ଦୁର୍ଘଟଣାରେ ୩୨ ଜଣ ପ୍ରାଣ ହରାଉଥିବାବେଳେ ଓଡ଼ିଶାରେ ୧୦୦ ଜଣରେ ପାଖପାଖି ୧୮ଜଣ ପ୍ରାଣ ହରାଉଛନ୍ତି।

ସରକାରୀ ତଥ୍ୟ ଅନୁଯାୟୀ ୨୦୦୫ ମସିହାରେ ରାଜ୍ୟରେ ୭୫୦୯୩ଟି ସଡ଼କ ଦୁର୍ଘଟଣା ଘଟି ୨୫୩୧ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୪୩୨୧ ଜଣ ଗୁରୁତର ଭାବେ ଓ ୫୮୬୪ ଜଣ ସାମାନ୍ୟ ଆଘାତପ୍ରାପ୍ତ ହୋଇଥିଲେ। ଉକ୍ତ ବର୍ଷରେ ଦୁର୍ଘଟଣା ଯୋଗୁଁ ୧୭ କୋଟି ୮୪ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ବେଳେ ୨୫ଟି ଗାଡ଼ି ଚାଳନା ଲାଇସେନ୍ସକୁ ବାତିଲ କରାଯାଇଥିଲା। ବର୍ଷକୁ ବର୍ଷ ସଡ଼କ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଇ ୨୦୦୯ ମସିହାରେ ରାଜ୍ୟରେ ୮୮୯୨ଟି ସଡ଼କ ଦୁର୍ଘଟଣା ଘଟିଥିବାବେଳେ ଏହି ବର୍ଷରେ ୩୫୨୭ଜଣଙ୍କ ମୃତ୍ୟୁ ଘଟିଥିଲଶ। ତେବେ ଉକ୍ତରେ ବର୍ଷ ସଡ଼କ ଦୁର୍ଘଟଣାରେ ୪୫୮୯ ଲୋକ ଗୁରୁତର ଓ ୬୭୦୭ ଜଣ ସାମାନ୍ୟ ଆଘାତପ୍ରାପ୍ତ ହୋଇଥିବାବେଳେ ୧୦୯ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟ ସମ୍ପତ୍ତି ନଷ୍ଟ ହୋଇଥିଲା। ସେହି ବର୍ଷରେ ବେପରୁଆ ଗାଡ଼ି ଚାଳନା ପାଇଁ ୧୭ଟି ଡ୍ରାଇଭିଂ ଲାଇସେନ୍ସ ବାତିଲ କରାଯାଇଥିଲା। ୨୦୧୪ ବର୍ଷରେ ଓଡ଼ିଶାରେ ସଡ଼କ ଦୁର୍ଘଟଣା ସଂଖ୍ୟା ୯୬୪୮ ଥିବାବେଳେ ଏଥିରେ ୩୯୩୧ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ବର୍ଷରେ ୫୬୬୭ ଜଣ ସଡ଼କ ଦୁର୍ଘଟଣା ଯୋଗୁଁ ଗୁରୁତର ହୋଇଥିବାବେଳେ ୫୪୨୦ ଜଣ ସାମାନ୍ୟ ଆହାତ ହୋଇଥିଲେ। ଉକ୍ତ ବର୍ଷରେ ସଡ଼କ ଦୁର୍ଘଟଣା ଯୋଗୁଁ ପାଖାପାଖି ୭୦ କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ବେଳେ ମାତ୍ର ଗୋଟିଏ ଡ୍ରାଇଭିଂ ଲାଇସେନ୍ସ ବାତିଲ କରାଯାଇଥିଲା। ତେବେ ସରକାରଙ୍କ ପ୍ରଦତ୍ତ ପରିସଂଖ୍ୟାନ ଅନୁଯାୟୀ ୨୦୧୫ ବର୍ଷରେ ସଡ଼କ ଦୁର୍ଘଟଣା ସଂଖ୍ୟା ୧୦,୫୪୨କୁ ବୃଦ୍ଧି ପାଇଥିବାବେଳେ ଏଥିଯୋଗୁଁ ମୃତ୍ୟୁବରଣ କରିଥିବା ଲୋକଙ୍କ ସଂଖ୍ୟା ମଧ୍ୟ ୪୩୦୩ରେ ପହଞ୍ଚିଥିଲା। ୨୦୧୪ରେ ସଡ଼କ ଦୁର୍ଘଟଣା ଯୋଗୁଁ ଓଡ଼ିଶାରେ ୬୦୮୮ଜଣ ଗୁରୁତର ଭାବେ ଓ ୫୭୩୭ ଜଣ ସାମାନ୍ୟ ଆଘାତ ପାଇଥିବାବେଳେ ୨୫ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ସମ୍ପତ୍ତି ନଷ୍ଟ ହୋଇଥିଲା। ଏହି ବର୍ଷରେ ମାତ୍ର ୯ଟି ଡ୍ରାଇଭିଂ ଲାଇସେନ୍ସ ବାତିଲ ହୋଇଥିବା ଜଣାଯାଇଛି। ତେବେ ୨୦୦୫ରୁ ୨୦୧୫ ବର୍ଷ ମଧ୍ୟରେ ଏହି ସରକାରୀ ତଥ୍ୟ ଅନୁଯାୟୀ ସଡ଼କ ଦୁର୍ଘଟଣାରେ ୩୮,୫୧୮ ଜଣ ମୃତ୍ୟୁ ବରଣ କରିଥିବା ବେଳେ ୪୩୩ କୋଟି ୮୧ ଲକ୍ଷ ଟଙ୍କା ମୂଲ୍ୟର ସମ୍ପତ୍ତି ନଷ୍ଟ ହୋଇଥିଲା। ୧୦ବର୍ଷରେ ମାତ୍ର ୧୪୫ଟି ଡ୍ରାଇଭିଂ ଲାଇସେନ୍ସ ବାତିଲ କରାଯାଇଥିଲା। ତେବେ ୧୪ରୁ ୪୦ବର୍ଷ ମଧ୍ୟରେ ଲୋକ ପ୍ରାଣ ହରାଉଥିବାବେଳେ ପ୍ରତି ମିନିଟରେ ୪ଜଣଙ୍କ ଦୁର୍ଘଟଣଶର ଶିକାର ହୋଇ ଆଖି ବୁଜୁଛନ୍ତି। ବିଶେଷକରି ୪୦ ପ୍ରତିଶତ ବାଇକ ଚାଳକ ଦୁର୍ଘଟଣାର ଶିକାର ହେଉଛନ୍ତି। ଅନ୍ୟପକ୍ଷରେ ଯାନବାହାନର ଅତ୍ୟଧିକ ବେଗ ଯୋଗୁଁ ଗାଡ଼ି ଚାଳକ ଓ ପଦଚାରୀମାନେ ଅନେକ ସମୟରେ ଦୁର୍ଘଟଣାର ଶିକାର ହୋଇଥାନ୍ତି। ଏହି କାରଣରୁ ସେମାନଙ୍କ ପରିବାର ଓ ପ୍ରିୟଜନମାନେ ଅତ୍ୟନ୍ତ ଦୁଃଖ ଓ ଆର୍ଥିକ ଅନଟନର ବୋଝ ମୁଣ୍ଡାଇଥାନ୍ତି। ସଡ଼କ ଦୁର୍ଘଟଣା ଯୋଗୁଁ ଉପରୋକ୍ତ ସରକାରୀ ତଥ୍ୟ ଆଧାରରେ କେବଳ ଗତବର୍ଷ ହାରାହାରି ଦୈନିକ ପ୍ରାୟ ୧୨ ଜଣ ଲୋକ ମୃତ୍ୟୁ ହେଉଥିବାବେଳେ ୩୨ଜଣ ଲୋକ ଆଘାତପ୍ରାପ୍ତ ହୋଇଥିଲେ। ଏଡ଼୍‌ସ, ମ୍ୟାଲେରିଆ ଆଦି ରୋଗରୁ ଆମ ରାଜ୍ୟରେ ଯେତେ ମରୁଛନ୍ତି ତାହା ଠାରୁ ଢ଼େର ଅଧିକ ସଂଖ୍ୟକ ଲୋକ ସଡ଼କ ଦୁର୍ଘଟଣା ଯୋଗୁଁ ମୃତ୍ୟୁବରଣ କରୁଥିବା ଓ ପଙ୍ଗୁ ହେଉଥବା କାରଣରୁ ଏହି ଗୁରୁତର ସମସ୍ୟାର ସମାଧାନ ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କ୍ରିୟାଶିଳ ପଦକ୍ଷେପ ନେବା ସହିତ କେନ୍ଦ୍ର ସରକାରଙ୍କ ସଡ଼କ ନିରାପତ୍ତା ପରିଷଦ ଯେଉଁ ପରାମର୍ଶମାନେ ଦେଇଛନ୍ତି ତାହାକୁ ରାଜ୍ୟ ସରକାର ତୁରନ୍ତ ଅକ୍ଷରେ ଅକ୍ଷରେ ଅନୁପାଳନ କରିବାକୁ ଦାବି କରାଯାଇଛି। ଅନ୍ୟପକ୍ଷରେ ରାଜ୍ୟର ରାଜପଥରେ ଦ୍ରୁତ ଗତିରେ ଗାଡ଼ି ଚଳାଉଥିବା ଚାଳକମାନଙ୍କୁ ଦଣ୍ଡିତ କରିବା ପାଇଁ ସ୍ପିଡ ଡିଟେକ୍ସନ ରାଡ଼ାର ଓ ବ୍ରିଥ ଆନାଲାଇଜର ଖଞ୍ଜା ଯାଇଥିବାବେଳେ ୧୫ଟି ଇଣ୍ଟରସେପ୍ଟର ଯାନ ରାଜପଥଗୁଡ଼ିକରେ ମୁତୟନ କରାଯାଇଛି। ପରିବହନ ବିଭାଗର ଟ୍ରାଫିକ ନିରୀକ୍ଷକମାନେ ବର୍ଷତମାମ ରାସ୍ତାରେ ଦ୍ରୁତ ଗତି ତଥା ଅନ୍ୟାନ୍ୟ ମୋଟରଯାନ ଆଇନ ଉଲ୍ଲଘଂନକାରୀଙ୍କୁ ଧରପଗଡ଼ କରି ଦଣ୍ଡିତ କରୁଛନ୍ତି। ସଡ଼କ ଦୁର୍ଘଟଣା ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ନିୟମିତ ବ୍ୟବଧାନରେ ସଚେତନତା ବାର୍ତ୍ତା ପ୍ରଚାର ହେଉଛି। ଖୋର୍ଦ୍ଧା ଠାରୁ ଚଣ୍ଡିଖୋଲ ଓ ଭୁବନେଶ୍ୱରରୁ ପୁରୀ ଜାତୀୟ ରାଜପଥର କିଛି ଅଂଶରେ ରାସ୍ତାର ମେଡ଼ିଆନ ଇଣ୍ଟରସେକ୍ସନ ପଏଣ୍ଟରେ ଦୁର୍ଘଟଣା ରୋକିବା ପାଇଁ ସୌରଚାଳିତ ବ୍ଲିଙ୍କର ଲଗାଯାଇଛି। ରାତି ସମୟରେ ଦୁର୍ଘଟଣା ଏଡ଼ାଇବା ଯାନଗୁଡ଼ିକର ପଛପଟେ ରେଟ୍ରୋ ରିଫ୍ଲେକ୍ଟିଭ ଟେପ୍ ଲଗାଯାଉଛି। ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଅଧିକ ମାଲ ପରିବହନ କରୁଥିବା ଯାନର ଯାଞ୍ଚ ନିମନ୍ତେ ପୋର୍ଟେବଲ ୱେ ବ୍ରିଜ ଲଗାଯାଇଛି। ରାଜପଥଗୁଡ଼ିକରେ ୨୦ଟି ଆମ୍ବୁଲାନ୍ସ ଓ ୧୫ଟି କ୍ରେନ୍ ମୁତୟନ କରାଯାଇଛି ବୋଲି ସରକାରଙ୍କ ପକ୍ଷରୁ ଦର୍ଶାଯାଇଛି। ତଥାପି ଦୁର୍ଘଟଣା କମିବ କଣ ବଢ଼ିବାରେ ଲାଗିଛି। ଯାହାକି ଚିନ୍ତାର ବିଷୟ ହୋଇଯାଇଛି।

*ମଧୁପୁର, କୁଆଁପାଳ, କଟକ*
*ମୋ : ୯୪୩୭୦୦୪୮୮୮*

# ସୁରକ୍ଷା-ଅସୁରକ୍ଷା



ଲକ୍ଷ୍ମୀପ୍ରିୟା ଓଝା

ତିନି ମାସ ପରେ ଆଇଏସ୍‌ଆଇଏସ୍ କବଳରୁ ମୁକୁଳି ହ୍ୟୁମାନ ଟେରାଫିକିଙ୍ଗ ଆଉ ନାରୀ ସନମାନ ପାଇଁ ଲଢୁଥିବା ନାଦିଆ ମୁରାଦର କାହାଣୀ ଦେଉଥିଲା ଟିଭିରେ। ୟଡଜି ଧର୍ମର ବୋଲି ଆଇଏସ୍‌ଆଇଏସ୍‌ଆଇ ନରସଂହାର କରିଥିଲା ପୁରା ସମ୍ପ୍ରଦାୟକୁ ମାରି ଦେଇଥିଲା ତା' ବାପା, ମା, ଭାଇ, ଭଉଣୀ, ସାଙ୍ଗସାଥୀ ପଡୋଶୀ ଆଉ ଜଣା ଅଜଣା ତାଙ୍କ ଧର୍ମର ଏମିତି ଅନେକ ଲୋକଙ୍କୁ। କିନ୍ତୁ ବନ୍ଦୀ ବନେଇ ନେଇଯାଇଥିଲେ ସୁନ୍ଦରୀ ଝିଅ ମାନଙ୍କୁ। ନିଜ ଇଚ୍ଛା ଅନୁସାରେ ସେମାନଙ୍କ ହାଡ ମାଂସ ଖଣଇବାକୁ। ହଜାର ହଜାର ନିରୀହ ଅବଳା ନାରୀ ମାନଙ୍କର ଶିକାର କରିଥିଲେ ସେମାନେ। ଶିକାରୀ ଯେ ସଶ୍ରଦ୍ଧା ଶିଳାର ପାଖରେ ନିଜକୁ ସମର୍ପି ଦିଏ ତା ନୁହେଁ। କାକୁତି ମିନତି କରେ, ଯଥା ସମ୍ଭବ ପ୍ରତିବାଦ କରେ, ଫଡପଡାଏ, ମୁକୁଳିବାକୁ ଚେଷ୍ଟା କରେ। ଶିକାରୀ ଥାଏ ଶିକାର ଠୁ ଚାଲାକ। ଅନେକ ଦାଓପେଞ୍ଚ ଜଣାଥାଏ ତାକୁ। ସେଥିପାଇଁ ତ ସେ ଶିକାରୀ। ନାଦିଆକୁ ମିଳିଲା ନୋବେଲ ଶାନ୍ତି ପୁରସ୍କାର। ତା' ସହ ତାକୁ ମିଳିବ କିଛି ଆତ୍ମସନ୍ତୋଷ ଆଉ ଢେର ଦାୟିତ୍ୱ। କିନ୍ତୁ ଭୁଲି ପାରିବ କ'ଣ ସେ ତା'ସହ ଘଟିଥିବା ଘଟଣାକୁ ? କେବେ ନୁହେଁ। ଏ ଜୀବନ ଥିବା ଯାଏ ତ ନୁହେଁ। କିନ୍ତୁ ସେଇ ଘା'କୁ ରାମ୍ପୁଡି କାମୁଡି କ୍ଷତାକ୍ତ କରି ସେଇ ରକ୍ତିରେ ସେ ତିଆରି କରିବ ମଶାଲ। ସେଇ ମଶାଲ ଧରି ଆଗେ ଆଗେ ଚାଲିବ ସେ। ପଛେ ପଛେ ଅନେକ। ମୁକ୍ତ କରିବ ଅନେକଙ୍କୁ। ଦଣ୍ଡ ପାଇବେ ଅନେକ। ନିର୍ଭୟା ଆସିଫା ଏମିତି ଅନେକଙ୍କ ପାଇଁ ବି ଭାରତରେ ହେଇଛି ବିଦ୍ରୋହ। ବିଦ୍ରୋହ ହେବା କଥା ବି ବାହ୍ୟ ଦୁନିଆ ଡରିବ। ବଦଳିବ କିଛି, ହେଲେ ଭିତର ଦୁନିଆ ? ଖାଲି କ'ଣ ଆଇଏସ୍‌ଆଇ,ସ୍‌ଆଇ ଇରାକରେ ଅଛନ୍ତି ? ଏଠି ନାହାଁନ୍ତି ? ସବୁଠି ସେମାନଙ୍କର ସ୍ଥିତି, ଭିନ୍ନ ଭିନ୍ନ ରୂପରେ ଯେ ଆତଙ୍କ ସୃଷ୍ଟି କଲା ସେ ଆତଙ୍କବାଦୀ। ହେଇପାରେ କାମ ଭିନ୍ନ, ଡରେଇବାର ଉପାୟ ଭିନ୍ନ, ଲକ୍ଷ ଭିନ୍ନ।

ନାରୀର ଶରୀର ତା' ପାଇଁ ଆତଙ୍କର କାରଣ। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ-୪ ଅନୁସାରେ ବର୍ଷ ୨୦୧୫-୧୬ରେ ପନ୍ଦରରୁ ଉଣେଇଶି ବର୍ଷ ପଡିଲା ୮୩% ଶୋଷଣ ପରିବାରର ସଦସ୍ୟ, ବନ୍ଧୁ ବାନ୍ଧବ ଆଉ ଚିହ୍ନା ଜଣା ବ୍ୟକ୍ତି ମାନଙ୍କ ଦ୍ୱାରା ହିଁ ହେଇଥିଲା, କିନ୍ତୁ ପୋଲିସ ପାଖରେ ମାତ୍ର ୦.୧% ରିପୋର୍ଟ କରିଥିଲେ, ଆଉ ୧୫ ରୁ ୪୯ ବୟସର ୧୪ଲକ୍ଷ ମହିଳା ଶୋଷିତ, ତନ୍ମଧ୍ୟରୁ ୭୬% ପରିବାର ଲୋକଙ୍କ ଦ୍ୱାରା (ଏଥିରେ ସ୍ୱାମୀ ଅନ୍ତର୍ଭୁକ୍ତ ନୁହଁନ୍ତି) ୪୨% ମହିଳା କାହାକୁ କୁହନ୍ତିନି, ଚୁପ୍ ରୁହନ୍ତି। ୧.୯% ପୋଲିସରେ ରିପୋର୍ଟ କରନ୍ତି, ତେଣୁ ବାହାର ଅପେକ୍ଷା ଘରେ ଶୋଷଣ ଯେ ଅଧିକ ସେ କଥା ସମସ୍ତେ ମାନିବେ ଏ ରିପୋର୍ଟଠୁ ଢ଼େର ଅଧିକ ଶୋଷଣ। ବଜାରରେ, ବସ୍‌ରେ, ସ୍କୁଲରେ, କଲେଜରେ, ଅଫିସରେ, ହସ୍ପିଟାଲରେ ରୋଜ ସାମ୍ନା ହେଉଥିବା ଆତଙ୍କବାଦୀମାନଙ୍କ ସହ ଲଢ଼ି ହୁଏ ସହଜରେ ହରେଇ ହୁଏ ଏମାନଙ୍କୁ ଦୁନିଆ ଥାଏ ପଛରେ, ମିଳେ ଅନେକ ସମର୍ଥକ ହେଲେ ଘରେ ? ଆଶ୍ୱସ୍ତିର ଆଶ୍ରା ଏ ଘର, ହିଂସ୍ର ଜନ୍ତୁ ଭରା ଦୁନିଆରେ ସୁରକ୍ଷା ବଳୟ ଏ ଘର, ଅଭୟ ଆଶ୍ରୟ ଏ ଘର, ଯାହା ଆମେ ପଢ଼ିଛେ ପାଠ ବହିରୁ। ଶୁଣିଛୁ ବଡ ଲୋକଙ୍କଠୁ, କିଛି କାମରେ ଝିଅଟେ ବାହାରକୁ ଯାଇଥିଲେ ବାପା ମା'ଙ୍କ୍ର ତାଗିଦା ଥାଏ ରାତି ନହେଲା ପୂର୍ବରୁ ଘରକୁ ଫେରି ଯିବାକୁ। ଚେଷ୍ଟା କରେବି ସେ, ହେଲେ ସତରେ କ'ଣ ଏତେ ସୁରକ୍ଷିତ ଏ ସୁରକ୍ଷା ବଳୟ ? ମୁହଁରେ ପାଉଡର ମରା ହସ ହସ ଚେହେରା ବୁଝେଇ ଦିଏ ସବୁ ଠିକ ଅଛି ଚାରି କନ୍ଥ ଭିତରେ, ସତରେ କ'ଣ ସବୁ ଠିକ୍ ଥାଏ ?

ଏଇ ଚାରିକନ୍ଥ ଭିତରେ, ବନ୍ଦ କବାଟ ପଛରେ ଅନେକ ଅଘଟଣ ଘଯେ, ମୂକସାକ୍ଷୀ ଥାଏ ଏ ନିର୍ଜିବ ଲୁହରେ ଭିଜୁଥିବା ଚଟାଣ, ଦେହରୁ ଲୁଗା ଉଡିଗଲା ପରି ଚୁନ ଉତୁରା କାନ୍ଥ ଶୁଣୁଥାଏ ଏ ବିକଳ ପ୍ରତିବାଦ, କିନ୍ତୁ ନିର୍ବାକ ବୁଦ୍ଧଙ୍କ ମୂର୍ତ୍ତି ପରି ପ୍ରତ୍ୟୟ ଶୂନ୍ୟ ଏ ଘର, ବୋଧହୁଏ ସେ ବି ନିର୍ବାଣ ମାର୍ଗରେ। ପରିବାର ଏକ ଶକ୍ତ ବେଡି, ଏକ ଶୃଙ୍ଖଳିତ ଜୀବନ ପାଇଁ ନ ଛିଡୁଥିବା ବନ୍ଧନ। ହେଲେ ଏଇ ଶୃଙ୍ଖଳା ଭିତରେ ଅନେକ ବିଶୃଙ୍ଖଳା, ସମସ୍ତେ ଜାଣନ୍ତି, ସମସ୍ତେ ବୁଝନ୍ତି, କିନ୍ତୁ ସନମାନର ସୂତାରେ ଓଠକୁ ସିଲେଇ କରି ସାରା ଜୀବନ ହେଉଥାନ୍ତି ବେସନମାନ, ଅସହାୟତାର ଅନେକ ରୂପ, କେବେ ଆର୍ଥିକ, କେବେ ମାନସିକ, କେବେ ସାମାଜିକ ତ କେବେ ଶାରୀରିକ, ଏଇ ଅସୁରକ୍ଷା ବୋଧର ଲାଭ ଉଠାନ୍ତି ଏଇ ଆତତାୟୀମାନେ। ବାପା, ଦାଦା, ପିଉସା, ମଉସା, ମାମୁଁ, ଭାଇ, ଭିଣେଇ, ଶଶୁର, ଦିଅର ଆଦିଙ୍କ ରୂପରେ ଆଉ ଏହାର ମୁକ ସାକ୍ଷୀ ହେଇ ଏକଥାକୁ ବାହାରେ ପ୍ରକାଶ ନ କରିବାକୁ ନିର୍ଦ୍ଦେଶ ଦିଅନ୍ତି ମା', ଖୁଡି, ପିଇସୀ, ମାଉସି, ଭାଉଜ, ଶାଶୁ, ନଣନ୍ଦମାନେ। ସବୁ ନାରୀ, ଜୀବନରେ ଥରୁଟିଏ ହେଉପଛେ ଭୋଗିଛି ନାଦିୟାର ଜୀବନ। ସମସ୍ତଙ୍କର ଘର, ପରିବାର କି ବନ୍ଧୁବାନ୍ଧବ ଭିତରେ ଅଛନ୍ତି କେହିନା କେହି ଆତଙ୍କବାଦୀ। ସମସ୍ତେ ଭୋଗିଛନ୍ତି ସେ କ୍ଷଣଟିକୁ ଅଳ୍ପବହୁତ। ଖାଲି କ'ଣ ଶାରୀରିକ ଶୋଷଣ ବଳାତ୍କାର କି ? ମନର ଶୋଷଣ ବି ଢେର କଷ୍ଟ ଦିଏ ନାରୀକୁ। ପୁରୁଷ ସହଜରେ ଆଘ୍ରାଣ କରିପାରେ ନାରୀ ଶରୀରର ସୁଗନ୍ଧକୁ। ମତୁଆଲା ହୁଏ, ଆଉ ନାରୀ ସହଜରେ ବୁଝିପାରେ ପୁରୁଷ ମନକୁ ପଢ଼ିପାରେ ତା' ଆଖିର ଭାଷା, ଅତି ଆପଣାର ମଣିଷ ମନର ଭାବ ବୁଝିଲା ପରେ ଢେର କଷ୍ଟ ଭୋଗେ, ସେ ବୁଝେ ଅନେକ କଥା, ବୁଝେଇ ପାରେନି, ଆଉ ଯଦି ବୁଝେଇ ଦେଲା ତେବେ ମିଳେ ଚୁପ ରହିବାକୁ ନିର୍ଦ୍ଦେଶ। ଅସହାୟତାରେ ବନ୍ଧି ହେଇ ପଡେ ସେ ବିସ୍ଫୋରଣକୁ ଭିତରେ ରଖି।

*ବରୋଦା, ଗୁଜୁରାଟ*

# ମୋକ୍ଷ ପଥ

ଯୋଗୀ ଗଣେଶ୍ୱର

ଭାଗ-୨୯

"ଶୁଣିଣ ସୁନ୍ଦରୀ ହାଡ଼ିପାକୁ ଚାହିଁ ବଚନ
ଧୀର ଭାଷଇ।
ଦେଇଅଛ କେଉଁ ମନ୍ତ୍ରକୁ ଶିଖାଇ ରାଜା ଚିତ
ନ ଟଳଇ ॥"

ଗୋବିନ୍ଦଙ୍କର ଦିବ୍ୟ ଆଚରଣ ଦେଖି ବନଚାରୀ ମନେ ମନେ କୃତକୃତ୍ୟ ହେଲେ। ଇନ୍ଦ୍ରଙ୍କ ଅଭିଶାପରୁ ମୁକ୍ତ ହେବା ବେଳା ଉପନିତ ଜାଣି ପ୍ରଭୁ ନିରାକାରନାଥଙ୍କୁ ଗଭୀର ପ୍ରଣାମ ଜଣାଇଲେ। ସ୍ୱର୍ଗର ଅପସରା ସ୍ୱର୍ଗଲୋକ ଛାଡ଼ି ଜାଗତିକ ମାୟାମଣ୍ଡଳରେ ଜନ୍ମ ହୋଇ ବେଶ୍ୟା ରୂପରେ ଜୀବନ ବିତାଇବାର କାଳ ଅନ୍ତ ହୋଇଛି। ଗୋବିନ୍ଦଙ୍କ ମନସ୍ତାତ୍ତ୍ୱିକ ପରୀକ୍ଷଣ ସମାପ୍ତ ହେବା ପରେ ଏବେ ଗୁରୁ ହାଡ଼ିପାଙ୍କ ଫେରନ୍ତା ପଥକୁ ଚାହିଁ ରହିଥିଲେ ବନଚାରୀ। କାର୍ତ୍ତିକ ମାସର ପ୍ରଥମସପ୍ତାହ ବେଳାରେ ହାଡ଼ିପା ଚତୁର୍ମାସ୍ୟାବ୍ରତ ସାରି ପ୍ରତ୍ୟାବର୍ତ୍ତନ କଲେ। ନିଶାର୍ଦ୍ଧରେ ବେତାଳଗଣ ହାଡ଼ିପାଙ୍କୁ ଉଡ଼ନ୍ତା ଗାଲିଚାରେ ଆକାଶପଥରେ ଆଣି ବନଚାରୀଙ୍କ ବାସଭବନ ନିକଟରେ ପହଂଚାଇ ଦେଲେ। ହାଡ଼ିପା ବନଚାରୀଙ୍କ ଅନ୍ତଃପୁରରେ ପ୍ରବେଶ କରି ଦେଖିଲେ ଗୋବିନ୍ଦ ବନଚାରୀଙ୍କ ଅର୍ଦ୍ଧଉଲଗ୍ନ ଶରୀର ନିକଟରେ ବସି ପାଦମଂଚାଳି ଦେଉଛନ୍ତି। ସହସା ହାଡ଼ିପାଙ୍କୁ ଦେଖି ଉଭୟେ ହଡ଼ବଡ଼େଇ ଗଲେ। ହାଡ଼ିପାଙ୍କ ପାଦତଳେ ଲୋଟିପଡ଼ି ପ୍ରଣାମ ଜଣାଇଲେ। ହାଡ଼ିପା କଲ୍ୟାଣ ବଚନରେ କହିଲେ,ବନଚାରୀ ତୁମେ ଭାବପ୍ରବଣ ହୋଇ ପଡ଼ି ନାହଁ ତ ? ଯାଅ,ପ୍ରଥମେ ଅଙ୍ଗବସ୍ତ୍ର ପରିଧାନ କର। ଗୋବିନ୍ଦଙ୍କୁ ଚାହିଁ ପୁଛିଲେ ବତ୍ସ ଗୋବିନ୍ଦ,ତୁମ ସାଧନା କିପରି ଚାଲିଛି ? ତୁମେ ତ ମାୟାକୁ ଛାଡ଼ି ପାରି ନାହଁ, ମୋ ସଙ୍ଗରେ କୈଳାସପୁରୀ କିପରି ଯାଇ ପାରିଥାନ୍ତ !


ଗୁରୁ ହାଡ଼ିପାଙ୍କ କଟୁବାକ୍ୟ ଶ୍ରବଣ କରି ଗୋବିନ୍ଦ କରଯୋଡ଼ି କହିଲେ- ହେ'ବ୍ରହ୍ମନ୍,ମୋତେ ସନ୍ଦେହ ଚକ୍ଷୁରେ ଦେଖ ନାହିଁ। ତୁମେ ତ ମାତାଙ୍କ ପୟର ସେବା ପାଇଁ ନିର୍ଦ୍ଦେଶ ଦେଇଥିଲ। ମୁଁ କେବଳ ତୁମ ଆଜ୍ଞା ପାଳନ କରୁଥିଲି। ମାତାଙ୍କ ମାୟାରୂପକୁ ଏ ଯାବତ୍ ଦେଖି ନାହିଁ। ସେ ମୋର ଶାଶ୍ୱତ ବାନ୍ଧବୀ ଯାହାଙ୍କୁ ନିକଟରେ ପାଇ ଧନ୍ୟ ହୋଇଛି। ତାଙ୍କ କରୁଣାରୁ ମୋ ମନର ସବୁ ଭ୍ରମ ଦୂରେଇ ଯାଇଛି ! କାମନା ବାସନାର ଦୁଃଖଭାର ଅପସରି ଯାଇଛି। ସେଇ ମାତା ବନଚାରୀଙ୍କୁ ମୋର ଶତ କୋଟି ପ୍ରଣାମ। ଗୋବିନ୍ଦଙ୍କ ମୁଖରୁ ଏମନ୍ତ ବାକ୍ୟ ଶ୍ରବଣ କରି ହାଡ଼ିପା କହିଲେ,ହେ'ଗୋବିନ୍ଦ,ତୁମେ ଏଠାରେ ପାପ କରୁଥିଲ କିମ୍ବା ପୁଣ୍ୟକାର୍ଯ୍ୟରେ ଜଡ଼ିତଥିଲ ମୋତେ ଜଣା ନାହିଁ। ମାତ୍ର ମୁଁ ମୋର ଶିଷ୍ୟାଙ୍କ ମୁଖରୁ ସବୁ ସମ୍ବାଦ ଶ୍ରବଣ କରିବା ପରେ ବିଶ୍ୱାସ କରିବି। ଯଦି ବନଚାରୀ ତୁମ କର୍ମରେ ଅସନ୍ତୋଷ ପ୍ରକାଶ କରି କିଛି ଅଭିଯୋଗ କରନ୍ତି ତେବେ ତୁମେ ଏଇଠାରୁ ସ୍ୱଦେଶକୁ ପ୍ରତ୍ୟାବର୍ତନ କରିବ। ଯଦି ଜଣେ ସୁନ୍ଦରୀ ନାରୀକୁ ନିକଟରେ ପାଇ ଶୁଭ ଆଚରଣ ପ୍ରଦର୍ଶନ କରିଥିବ ତେବେ ତୁମେ ଅମରପୁର ଯିବା ପାଇଁ ଯୋଗ୍ୟ ବିବେଚିତ ହେବ। ତୁମ କଥାରେ ମୋର ବିଶ୍ୱାସ ନାହିଁ। ଶିଷ୍ୟା ବନଚାରୀଙ୍କ ସତ୍ୟବଚନ ଉପରେ ତୁମ ଭବିଷ୍ୟତ କଥା ବିଚାର କରାଯିବ। ତୁମେ ଏବେ ଏଇ କକ୍ଷତ୍ୟାଗ କରି ଅନ୍ୟ ସ୍ଥାନକୁ ଚାଲିଯାଅ।

ଗୁରୁଆଜ୍ଞା ବହନ କରି ଗୋବିନ୍ଦ ମଥାନତ ପୂର୍ବକ ବନଚାରୀଙ୍କ କକ୍ଷ ଛାଡ଼ି ଆମ୍ରବଣକୁ ଚାଲିଗଲେ। ତହିଁପରେ ବନଚାରୀ ହାଡ଼ିପାଙ୍କୁ ଚାହିଁ କହିଲେ ହେ'ଗୁରୁଦେବ,ରାଜପୁତ୍ର କାମନା ଶୂନ୍ୟ ହୋଇଗଲେଣି। ଦୀର୍ଘ ଚାରିମାସ ଧରି ଯେଉଁ ପରୀକ୍ଷଣ ଭିତରେ ମୁଁ ତାଙ୍କୁ ଦେଖି ଆସିଛି,ସତରେ ସେ ଯୁବକ ଅମର ହୋଇଯିବେ ! ଯେତେ ପ୍ରକାର ଉପାୟରେ ତାଙ୍କୁ ପରୀକ୍ଷିଲି ସବୁ ଚେଷ୍ଟା ବିଫଳ ହୋଇଛି। ତାଙ୍କ ମନରେ କାମଭାବ ଆଉ ନାହିଁ ! ତୁମ ମନ୍ତ୍ର ଠିକ୍ କାମ କରିଛି ! ତୁମ ଶିଷ୍ୟ ହେବା ପାଇଁ ଗୋବିନ୍ଦ ଉପଯୁକ୍ତ ସାଧକ। ଏବେ ମୋତେ ପାପୀ ବେଶ୍ୟା ଜୀବନରୁ ବିଦାୟ ଦିଅ ଗୁରୁଦେବ ! ତୁମ କରୁଣାରୁ ଇନ୍ଦ୍ରଦେବଙ୍କ ଅଭିଶାପ ବେଶ୍ୟାର ଭୂମିକା ଏବେ ସମାପ୍ତ ହୋଇଛି। ମୋର ହୃଦୟର ଭକ୍ତି ଓ କୃତଜ୍ଞତା ଗ୍ରହଣ କର ଗୁରୁଦେବ। ଏବେ ମୁଁ ପରୀବିଦ୍ୟା ସାହାଯ୍ୟରେ ଡେଣାମେଲାଇ ସ୍ୱର୍ଗପୁର ଅଭିମୁଖେ ଯାତ୍ରା କରୁଛି। ଗୋବିନ୍ଦଙ୍କ ସିଦ୍ଧିପ୍ରାପ୍ତିରେ ସହାୟକ ହୋଇ କାଳବକ୍ଷରେ ଯଶ ଅର୍ଜନ କର ଗୁରୁଦେବ। ବିଦାୟ ବେଳାରେ ପ୍ରଣାମ ଘେନ,ପ୍ରଣାମ ଘେନ ! ଏତିକି କହି ବନଚାରୀ ପକ୍ଷମେଲାଇ ଧୀରେ ଧୀରେ ଆକାଶମାର୍ଗରେ ଅନ୍ତର୍ଦ୍ଧାନ ହୋଇଗଲେ। ବନଚାରୀ ବେଶ୍ୟା ନାମରେ ଜନ୍ମିଥିବା ସ୍ୱର୍ଗ ଅପସରା ଗୋବିନ୍ଦଙ୍କ ବ୍ରହ୍ମକୁଣ୍ଡଳୀକୁ ସଂଯତ କରାଇ ଯେଉଁ ପୁଣ୍ୟକର୍ମ କଲେ,ସେଇ ପୁଣ୍ୟବଳରେ ସେ ପୂର୍ବର ଅପସରା ଶରୀର ପ୍ରାପ୍ତ ହେଲେ। ହାଡ଼ିପା ଯୋଗବଳରେ ବନଚାରୀଙ୍କ ଶାପ ବିଷୟରେ ଅବଗତ ହେବା ପରେ ଉଭୟଙ୍କ ମୁକ୍ତି ପାଇଁ ଚାରିମାସ ସମୟ ନେଇଥିଲେ। ପ୍ରଭୁ ଯୋଗୀନାଥଙ୍କ କୃପାରୁ ଯଥା ସମୟରେ ସବୁ କାମ ଶୁଭଲଗ୍ନରେ ସରିଛି। ହାଡ଼ିପା କରଯୋଡ଼ି କୈଳାସପତି ଶିବଙ୍କୁ ପ୍ରଣାମ ଜଣାଇଲେ ! କୃତଜ୍ଞତା ବାକ୍ୟରେ କହିଲେ ପ୍ରଭୁ,କେବଳ ତୁମ୍ଭ ଶରଣଂ ! ତହିଁପରେ ଆମ୍ରବଣରେ ପହଚିଂ ଦେଖିଲେ ଗୋବିନ୍ଦ ଯୋଗରତ !ରାତ୍ର ଦ୍ୱିପ୍ରହର ଉପନିତ। ହାଡ଼ିପା ଗୋବିନ୍ଦଙ୍କୁ ହଲାଇ ଉଠାଇଲେ। ଧୀର କଣ୍ଠରେ କହିଲେ-ଗୋବିନ୍ଦ,ତୁମ ତପସ୍ୟା କ୍ରମଶଃ ଅନନ୍ତ ଆକାଶର ଗଭୀରକୁ ପ୍ରବେଶ କରୁଛି ! କିଛି ସମୟ ପୂର୍ବରୁ ବନଚାରୀ ଇହଧାମରୁ ଚାଲିଗଲେ,ତୁମେ ଏ ଘଟଣା ଜାଣି ପାରିଲ ନାହିଁ ! ତୁମେ ତାଙ୍କର ପଦସେବନ କରି ଇନ୍ଦ୍ରିୟକୁ ନିରୋଧି ପାରିଛ,ତାହା ହେଉଛି ଗଭୀରଯୋଗର ଲକ୍ଷଣ ! ସେ ତୁମର ମାତୃସ୍ୱରୂପିଣୀ ସ୍ୱର୍ଗର ଅପସରା। ଉଭୟଙ୍କ ଦୈବୀସଂଯୋଗରୁ ବନଚାରୀ ପୂର୍ବାବସ୍ଥାକୁ ଫେରିଗଲେ ! ତୁମେ ମଧ୍ୟ ମୃତ୍ୟୁପାଶରୁ ରକ୍ଷା ପାଇଗଲ ! ତୁମର ମୃତ୍ୟୁ ସନ୍ନିକଟ ଜାଣି ଯମଦେବ ତୁମ ଉପରେ ଦୃଷ୍ଟି ଦେବାରୁ ତୁମକୁ ରକ୍ଷା କରିବା ନିମନ୍ତେ କୈଳାସପତିଙ୍କ ନିକଟରେ ଧ୍ୟାନମଗ୍ନ ଥିଲି। ଏଇ ଚାରିମାସ ମଧ୍ୟରେ ଯାହା ସବୁ ଘଟିଯାଇଛି,ତାହା କେବଳ ତୁମର ପରମ ମଙ୍ଗଳ ଉଦ୍ଦେଶ୍ୟରେ ଗୁରୁକୃପା ! ହରି ଓଁ ତତସତ୍ !


*ଦୂରଭାଷ-୯୬୬୮୬୩୧୨୫୭*

ଏକମାତ୍ର
ଅନୁସନ୍ଧାନ ପରେ ଖବର
ଉଲ୍ଲାସ
ଭୁବନେଶ୍ୱର, ୦୫ - ୧୧ ନଭେମ୍ବର, ୨୦୧୮


# ପିଲାଙ୍କ ଦୁନିଆ




**ସାଇସମ୍ପଦ ଶତପଥୀ**
ଷ୍ଟାଣ୍ଡାର୍ଡ - ୭
ଡିଏଭି ପବ୍ଲିକ ସ୍କୁଲ
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର




**ଅଙ୍କିତା ଲେଙ୍କା**
ଏଲ୍‌କେଜି
ମଦର ପବ୍ଲିକ ସ୍କୁଲ, ଆମଣାକୁଦ, ନିଆଳୀ

# ଦଗ୍ଧ ରାଗ



**ଉମାକାନ୍ତ ମହାପାତ୍ର**

**ଦୁଃ**ଖ ଶୋକ ସୋହାଗର
ସରହଦ ଡେଇଁବାକୁ
ଆଜି ଆଉ ନାହିଁ ମୋର ଯୁ'।
ସଭିଙ୍କୁ ଆପଣା ଭାବି
ଗଲା ଯେତେ ଜୀବନର
ଭଲଦିନ ଏବେ ଖାଲି ଉ'!
ତମେ କେବେ ବୁଝିବନି
ଜୀବନର ମଧୁରତା
କଷା-ପିତା-ନିଦାଘରେ ଥାଏ।
ଆପଣାର ଭାବିନେଲେ
ଏ ଜୀବନ ମଧୁମୟ
ପର ବି ତ ନିଜ ଲାଗୁଥାଏ!।
ଆପଣାର ଭାବିନାହଁ
ଭଲ ମନ୍ଦ ଶୁଣିନାହଁ
ଆଜି ତେଣୁ କଷା ମୋର କଥା।
କ୍ଷଣେ କେବେ ଆଖି ମୁଦି
ଭାବି ଦେଖ ଚାରିପାଖ
ସବୁକିଛି ମାଟିର କବିତା!।



*ସମ୍ପାଦକ - ଶ୍ରୀପର୍ଣ୍ଣା*
*ବାଲିସାହି, ପୁରୀ*

# ବିଭାଷା କବିତା

# ଜଙ୍ଗଲ



**ବ୍ରଜ ଶ୍ରୀବାସ୍ତବ**

**ଏ**ଠି ସଂଶୟର
କେତେଗୁଡ଼ିଏ ପକ୍ଷୀ
ସେଠି ଛାଇଟେ
ସୁଖ ପରି, ଯାହା ତୁମ ଦ୍ୱାରା
ଅଜାଣତରେ ରଖି ଦିଆଯାଇଛି
ଘନ ବୃକ୍ଷ ମାନଙ୍କ ସହ
ମିଶିକରି, ମୋ ପାଇଁ

ସେଠି ଡର ବି ଅଛି
ଆଶଙ୍କା ବି,
ଯେତେବେଳେ ନିର୍ମମ ପଶୁମାନେ
ଅତିକ୍ରମ କରନ୍ତି।

ଝରଣା ଆଉ ପର୍ବତ ମଝିରେ
କେବଳ ମୁଁ ହିଁ
କେବେ ଡରେ
କେବେ ଗର୍ବ କରେ
କେତେବେଳେ ରୋମାଞ୍ଚିତ ହୋଇ
ସବୁ ପ୍ରହର ବିତାଇ ଦିଏ।

ତୁମ ଭଲ ପାଇବା
ଏକ ଜଙ୍ଗଲ,
ଯେଉଁଠି ଏକ କାଠୁରିଆ
ପରି ନୁହେଁ,
ରାସ୍ତା ଭୂଲି ଯାଇଥିବା
ପଥିକ ପରି, ଏବେ ବି
ବୁଲୁଛି ମୁଁ।

*ଅନୁସୃଜନ : ପାରମିତା ଷଡଙ୍ଗୀ*
*ମୋ : ୯୮୬୭୧୧୩୧୧୩*

# ବନ୍ଧନ



**ପ୍ରଦୀପ ବନ୍ଧ**

**କା**ଲିର ପ୍ରଭାତ
ସିନ୍ଦୁରା ଫାଟିଲା ଭଳି
ମନେ ହୁଏ
ନବଯୌବନର ମନ ନେଇ
ଆଗେଇବାର ପ୍ରତିଶ୍ରୁତି ଦିଏ
ମେଳିଛିଆ କାଗଜ ପୃଷ୍ଠାରେ
କେତେଯେ ନୂଆ ଶବ୍ଦର ଭିଡ ଭିତରେ
ମୋତେ ଓ ମୋ ଦୁଃଖକୁ
କାଳି ରଙ୍ଗର ଛିଟା କରି
ଲୁଚେଇ ଦିଏ ଏହି କଲମ...।
ସତେ ଯେମିତି ମନେ ହୁଏ
ଏହି କାଗଜ ଆଉ କଲମ ସହ
ମୋ ନିଃସଙ୍ଗତା ପଣକୁ
ହାସ୍ୟମୟ କରନ୍ତି....
ଫିସ୍ ଫିସ୍ କଥାରେ
ମୋତେ ଆପଣାପଣରେ

ଚାହିଁ ବସିଛନ୍ତି
ଆପଣେଇ ନେବାକୁ ...
ଦୁଃଖର ପାହାଡ ମୋତେ
ରସାତଳକୁ ଚାପି ଦେଉଥିଲା ବେଳେ
କଲମ ଧରୁ ଧରୁ ସବୁ ଭୁଲିଯାଏ

ଆଉ ଏକ ନୂଆ ସ୍ୱପ୍ନର ଆଶାରେ
ନିଜକୁ ହଜେଇ ମୁଁ ଯେ
କେତେ ଆନନ୍ଦ ପାଏ

ତାର କଳ୍ପନା କରିବା
ମୋ ପାଇଁ ମୂର୍ଖାମୀ....
ସତ କହିବାକୁ ଗଲେ
ଏ ସାହିତ୍ୟ ଦୁନିଆରେ ମୁଁ ନିଜକୁ
ହଜେଇଲା ପରେ
କଲମ ସହ ଯେମିତି
ମୋର ଏକ ନିବିଡ ବନ୍ଧନ
ସାଥୀ କରି ବାଟ ଚାଲୁଛି...।

*ବାସୁଦେବପୁର, ଭଦ୍ରକ*
*ମୋ : ୮୦୭୨୭୮୩୨୨୦*

# 'ମା'



**ଉପାଳୀ ଦାଶ**

**ଯେ**ତେ ବହଳ ଅନ୍ଧାର ହେଉପଛେ
ତୋ ମୁହଁ ସ୍ପଷ୍ଟ ଦେଖାଯାଏ
ଦେଖାଯାଏ ହୃଦୟରେ ଲୁଚିଥିବା
ଅବଲୁପ୍ତ ପ୍ରେମ ଆଉ ସ୍ନେହର
ଫେନିଳ ଛିଟାରେ ସ୍ନାନ କରୁଥିବା
ସନ୍ତାନ ମାନଙ୍କର ମଳିନ ଶରୀର।
ଚାଲିଗଲୁ ଅଭିମାନ କରି
ଲୁଚିଗଲୁ ତାରାଙ୍କ ଗହଣରେ
କିମ୍ବା ବାଦଲର ସାଥୀ ହୋଇ
ମିଶିବାକୁ ଶୂନ୍ୟ ମଣ୍ଡଳରେ
ଅନୁସରି ତୋ ପଥ
ଚନ୍ଦ୍ର ସାଜି ଠିଆ ହେବି
ଜଳିବି ତୁ ଦେଇଥିବା ଆଲୋକ ପଥରେ।



ଜାଣିଛି ଫେରିବୁନି କେବେ
ଯେତେ ବାଜୁଥିଲେ
ହୃଦୟରେ ବୀଣାର ଝଙ୍କାର
ଅବା କୋହର ସାଗରେ
ଉଠିଲେବି ଢେଉର ଲହର।
ଆସକ୍ତିରେ ବନ୍ଧା ହୋଇ
ସମସ୍ତଙ୍କୁ କୋଳେଇ କାଖେଇ
ତୁ କ'ଣ ପାଇଲୁ ଯେ?
ପିଇ ପ୍ରତାରଣାର ମିଠା ଜହର
ପ୍ରାଣପଣେ ଚେଷ୍ଟାକରି
ସଜାଡୁଥିଲୁ ତୋ ଉଜୁଡିବା ଘର।
ହସ ହସ ବଦନରେ
କ୍ଷମାର ପ୍ରତିମୂର୍ତ୍ତି ସାଜି
ଆବୋରିଲୁ ଦୁଃଖର ପାହାଡ
ଯେମିତିକି କ୍ଷମା କରିବା
ତୋ ଦେହର ଉପମା
ସେଥିପାଇଁ ବୋଧେ
ଯୁଗେ ଯୁଗେ ଗୁଞ୍ଜରିତ ହୁଏ
ସୀମାହୀନ ଶବ୍ଦ କେବଳ ମା'।

*ଗୁଜୁରାଟ*
upali_kar@yahoo.com

# ଭଲଲୋକ



**ରବିନ୍ ଖଣ୍ଡାୟତରାୟ**

**ଆ**ଜିକାଲି କ'ଣ ଆଉ ଭଲଲୋକ ଅଛନ୍ତି? ଏମିତି ପ୍ରଶ୍ନବାଚୀ ଢଙ୍ଗରେ ମୁହଁ ଛିଚାଡ଼ି, ଆଖି ନଚେଇ କଥାଟିଏ ଆରମ୍ଭ କରିଦେଲେ ଭଜରାମ ବାବୁ ବନ୍ଧୁ ରାଧାମୋହନଙ୍କ ସମ୍ମୁଖରେ। ଫି'ଦିନ ସଂଜ ସକାଳେ ଦୁଇ ବେଳା ଦୁଇ ବନ୍ଧୁ ଏକାଠି ହୁଅନ୍ତି କଟକ କାଠଯୋଡ଼ି ନଦୀବନ୍ଧ ପକ୍‌କାବେଂଚ ଉପରେ। ସେହି ସମୟରେ ପରସ୍ପର ମଧ୍ୟରେ ଆଲୋଚନା ହୁଏ ଅନେକ କଥା ଆଉ ଦୂର ହୁଏ ଅନେକ ଚିନ୍ତା। ହେଲେ ଏଥର କାହିଁକି ଏମିତି କଥାଟିଏ ବନ୍ଧୁ ଉଠାଇଲେ ତାହାର ଖିଅ ଖୋଜୁଥିଲେ ରାଧାମୋହନ। କାରଣ, ଆଜିଯାଏ ସେ ଖଟିରେ ଗଠନମୂଳକ ଆଲୋଚନା ସମାଲୋଚନା ବ୍ୟତିରେକ କେବେ ବି ପରଚର୍ଚ୍ଚା କରାଯାଇନି। କାହିଁକି ଏ ପ୍ରଶ୍ନ ଆଉ କ'ଣ ହେବ ତାର ଉତ୍ତର ଏମିତି ଭାବୁ ଭାବୁ ହଠାତ୍ ତାଙ୍କପାଟିରୁ ବାହାରିପଡ଼ିଲା, 'କେବଳ ମୋତେ ଛାଡ଼ି ଏ ଦୁନିଆରେ ସମସ୍ତେ ଭଲଲୋକ'। ଅଜବ ଉତ୍ତର ଶୁଣି ଚକିତ ହୋଇଗଲେ ଭଜରାମ, ଆଉ ବିସ୍ମୟସୂଚକ ଭଙ୍ଗୀରେ ବନ୍ଧୁଙ୍କ ମୁହଁକୁ ଚାହିଁଲେ କଥାର ମର୍ମ ବୁଝିବା ଆଶାରେ!

ରାଧାମୋହନ ଗମ୍ଭୀରରୁ ଶାନ୍ତ ହୋଇ କଥାକୁ ସରଳଭାବରେ ବୁଝାଇବାକୁ ଯାଇ କହିଲେ- ବନ୍ଧୁ! ମନ ଜାଣେ ପାପ ଆଉ ମାଆ ଜାଣେ ବାପ। ମୁଁ କ'ଣ ଭଲ-ମନ୍ଦ କରିଛି ତାହା ମୋ ଛଡ଼ା ଆଉ କିଏ ଅଧିକ ଜାଣିଛି? ସେହି ସ୍ଥାନଟି ଯେତେ ନିର୍ଜନ ହୋଇଥାଉ! ଆଉ ତାକୁ ଘନ ଅନ୍ଧକାର ଆଚ୍ଛାଦିତ କରି ରଖିଥାଉ ପଛେ! ତଥାପି ସେ କାର୍ଯ୍ୟଟିକୁ ଉପରେ ଥାଇ ଦେଖୁଥାଆନ୍ତି, ଆଉ ତା'ବିଷୟରେ ଅବଗତ ଥାଆନ୍ତି ଭଗବାନ ଆଉ ଏସବୁକୁ ସମ୍ମୁଖରେ ଦେଖୁଥାଏ ମୋ ଆଖି ଆଉ ଅନୁଭବ କରୁଥାଏ ମୋ ମନ। ଅତଏବ ମୁଁ କେତେ ଭଲ ତାହା ମୋ ଅପେକ୍ଷା କିଏ ଆଉ ବେଶି ଜାଣିପାରିବ! ଅଥଚ ନିଜ ଭୁଲ୍ ଲୁଚେଇ ମୁଁ ଖୋଜୁଛି ଅନ୍ୟର ଭୁଲ୍। ହେଲେ ଗୁଡ଼ ଅନ୍ଧାରରେ ଖାଇଲେ ଯେମିତି ମିଠା, ଆଲୁଅରେ ଖାଇଲେ ମଧ୍ୟ ସେମିତି ମିଠା, ସେହି ନ୍ୟାୟରେ ଆମ କର୍ମ ଯେମିତି ଫଳ ମିଳିବ ମଧ୍ୟ ସେମିତି। କେବେ ଆଖୁ ଖଣ୍ଡକୁ କେହି ପିତା କରିପାରେନି କି ଲଙ୍କାଗୁଣ୍ଡକୁ କେହି ମିଠା କରିପାରେନି। ସଂସାର କ୍ଷେତ୍ର ଆଉ ଜୀବନପଥରେ ଯିଏ ଯେମିତି ମଂଜି ବୁଣିବ ସିଏ ସେମିତି ଫସଲ କାଟିବ। ଅଥଚ ଆମେ ଧାଇଁଛୁ ବିଷ ପଛରେ କିନ୍ତୁ ଖୋଜୁଛୁ ଅମୃତ ଯାହା ଏକବାରେ ଅସମ୍ଭବ! ଯେବେ ଏମିତି ବାସ୍ତବତା ସହିତ ନିଜକୁ ପରିଚିତ କରାଇପାରିବା ତେବେ ସିନା ଭଲ ହେବା? ଧାନ କୁଟିଲେ ସିନା ଚାଉଳ ବାହାରିବ, ବୃଥା ଚଷୁ କୁଟିବାରେ କି ଲାଭ?

ତଥାପି ବନ୍ଧୁ ଅବୁଝା, ଆହୁରି ସରଳ ଭାବରେ ଅନ୍ୟ ପ୍ରକାରରେ ଉଦାହରଣ ଦେଇ ବୁଝାଇବାକୁ ଚେଷ୍ଟା କଲେ ରାଧାମୋହନ। କେବଳ ଭଲକୁ ନେଇ ମଣିଷ ସଂସାରକୁ ଆସେନି କି କେବଳ ମନ୍ଦକୁ ନେଇ ଦୁନିଆରୁ ଯାଏନି; ବରଂ ଭଲ-ମନ୍ଦର ସମାହାର ହେଲା ସଂସାର। ତେବେ ମତେ ଛାଡ଼ି ଅନ୍ୟମାନେ ଭଲ ବୋଲି କହିବାର କାରଣ ହେଉଛି, ଭଲ ମନ୍ଦ ଉଭୟ ମୋ'ପରି ଅନ୍ୟମାନଙ୍କ ଭିତରେ ଥିଲେ ମଧ୍ୟ ମୁଁ କେବଳ ମୋର ଭଲକୁ ଦେଖୁଛି ଆଉ ଅନ୍ୟମାନଙ୍କର ମନ୍ଦକୁ ଦେଖୁଛି। ଅତଏବ ଲୁଚିଯାଉଛି ମୋର ମନ୍ଦ ଗୁଣ ଆଉ ଅନ୍ୟମାନଙ୍କର ଭଲ ଗୁଣ। ତେଣୁ ନିଜର ସ୍ୱାର୍ଥପାଇଁ ହେଉ କି ନିଜର ଦୋଷ ଦୁର୍ବଳତାକୁ ଲୁଚାଇବାକୁ ହେଉ, ମୁଁ ଯଦି ଜଣ ପାଇଁ ଗଣମାନଙ୍କର ଅପପ୍ରଚାର କଲି ଆଉ ଯାହା ଦ୍ୱାରା ସମାଜର କ୍ଷତି ହେଲା ତେବେ ମୁଁ ଭଲ ଲୋକ ହେଲି କେମିତି?

ସନ୍ଥକବି ଭୀମଭୋଇ କହିଛନ୍ତି, 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ'। ସେଠାରେ ନିଜର ଆତ୍ମପ୍ରଚାର ପାଇଁ ଅନ୍ୟ ମୁଣ୍ଡରେ ଅଠା ବୋଳିବା କି ମଣିଷପଣିଆ? ଏଥର କଥାର ମର୍ମ ବୁଝିଲେ ବନ୍ଧୁ ଆଉ ଶପଥ କଲେ ଯେ କାହା ବିଷୟରେ କିଛି ନ ବୁଝି ନଶୁଝି କୌଣସି ପ୍ରତିକୂଳ ମନ୍ତବ୍ୟ ଦେବେନେହିଁ।

ଅନ୍ୟକୁ ସାହାଯ୍ୟ କରିବା ଆମର ଏକାନ୍ତ କର୍ତ୍ତବ୍ୟ ହେଉ, ମାତ୍ର ତା' ପ୍ରତିବଦଳରେ ମନରେ ଗର୍ବ ଅଭିମାନର ଉଦ୍ରେକ ନହେଉ। ଗର୍ବ ଗଞ୍ଜନ ନରହରି କାହା ଗର୍ବ ସହନ୍ତିନି କି ଆମର ମଧ୍ୟ ସହିବେନି। ଯିଏ ଅନ୍ୟକୁ କରିଥିବା ସାହାଯ୍ୟ ଭୁଲିଯାଏ ଅଥଚ ଅନ୍ୟଠାରୁ ପାଇଥିବା ସାହାଯ୍ୟ ଆଜୀବନ ମନେରଖେ ସେ ପ୍ରକୃତରେ ପୁଣ୍ୟବାନ୍। କାରଣ ତା'ର ପୁଣ୍ୟ ସେତେଦିନ ପର୍ଯ୍ୟନ୍ତ ସଂରକ୍ଷିତ ଥାଏ ଯେତେଦିନ ଯାଏ ଆତ୍ମପ୍ରଶଂସା କରିନଥାଏ କି କାହାଠାରୁ ପ୍ରଶଂସା ଶୁଣି ନଥାଏ। ଆଉ ଯେତେବେଳେ ପ୍ରଶଂସା କାନ ଶୁଣିଦିଏ ନହେଲେ ପାଟି କହିଦିଏ ସେତେବେଳେ ସେହି ବାଟଦେଇ ସେ ପୁଣ୍ୟ ବାହାରିଯାଏ। ନନ୍ଦକିଶୋର ବଳ ଲେଖିଛନ୍ତି, 'ବଡ଼ ବଡ଼ ବୋଲି ନାଗରା ପିଟିଲେ, କେହି ତ ବଡ଼ ହୁଏନା। ବଡ଼ ଯାହାକୁ ବିଧାତା କରିଛି, ସେହି ଏକା ବଡ଼ ସିନା।।'

ଭଗବାନ ମଣିଷକୁ ଦିବ୍ୟଜ୍ଞାନର ଅଧିକାରୀ କରିଛନ୍ତି ସୃଷ୍ଟିର ଉନ୍ନତି ପାଇଁ, ବିନାଶ ପାଇଁ ନୁହେଁ। ଯେବେ ବିନାଶର ଗାତ ଖୋଳିବା ସେଥିରେ ନିଜେ ହିଁ ପଡ଼ିବା। ଆଉ ଯେବେ ବିକାଶର ପାହାଚ ଚଢ଼ିବା ତେବେ ନିଜେ ହିଁ ଚଢ଼ିବା। ଶାସ୍ତ୍ର କୁହନ୍ତି, ପରର ଉପକାର କରିବା ପୁଣ୍ୟ ଆଉ ପରକୁ ପୀଡ଼ାଦେବା ପାପ। ସେହି ନ୍ୟାୟରେ ପର ଉପକାର ପାଇଁ ନଦୀ ବହୁଛନ୍ତି, ବୃକ୍ଷ ଫଳୁଛନ୍ତି ଆଉ ଗାଇ ଦୁଗ୍ଧ ଦେଉଛନ୍ତି। କବି ଚିନ୍ତାମଣି ମହାନ୍ତି ଲେଖିଲେ, 'ତରଙ୍ଗିଣୀ ନିଜେ ଜଳ କରେନାହିଁ ପାନ। ଖାଏନାହିଁ ବୃକ୍ଷ ଫଳ, ପରେ କରେ ଦାନ। ବାରିଧର କୃଷକକୁ ଶସ୍ୟ ମାଗେ ନାହିଁ। ସଜ୍ଜନ ସମ୍ପଦ ସଞ୍ଚେ ପର ହିତପାଇଁ।' ଭଲ ଲୋକ ବା ସଜ୍ଜନର ଧନ ଅନ୍ୟକୁ ସାହାଯ୍ୟ କରିବାରେ ବ୍ୟୟ ହୁଏ, ଆଉ ସେ ନିଜେ ବଂଚିବା ସହିତ ପାଞ୍ଚଜଣଙ୍କୁ ବଂଚିବାରେ ସାହାଯ୍ୟକରେ। 'ଆପେ ତରି ସବାନ୍ଧବେ ତାରେ, ଧନ୍ୟ ତା' ଜୀବନ କ୍ଷିତି ମଧ୍ୟରେ।' ହେଲେ ଦୁର୍ଜ୍ଜନର ଧନ ଅନ୍ୟକୁ କଷ୍ଟଦେବାରେ ବ୍ୟୟ ହୋଇଥାଏ। ଧନର ଗତି ତ ପ୍ରବହମାନ, ହେଲେ କ୍ଷେତ୍ର ଅନୁସାରେ ତା'ର ଉପଯୋଗିତାକୁ ନେଇ ଫଳ ମିଳିଥାଏ।

ସିଦ୍ଧାନ୍ତରେ ଦୁଇ ବନ୍ଧୁ ଉପନୀତ ହେଲେ ଯେ, ଦୁନିଆ ପାଇଁ ଭଲ ମଣିଷର ଆବଶ୍ୟକତା ରହିଛି। ହେଲେ ମଣିଷ ଜୀବନ ତ ଦୁଃଖ, ଯନ୍ତ୍ରଣା ଆଉ ଜଂଜାଳମୟ ସେଥିରେ ଆମେ ଭଲ ହେବା କେମିତି? ପୁଣି ମନକୁ ଆସିଲା ପ୍ରଶ୍ନ। ଯାହାର ଉତ୍ତର ପାଇଥିଲେ ଛତିଆ ଉଦାସ ଆଶ୍ରମରେ ଅନୁଷ୍ଠିତ ସତସଙ୍ଗ ସଭାରେ ସଦ୍‌ଗୁରୁ ରବିନ୍ଦ୍ରନାଥ ଦାସଙ୍କ ପାଖରୁ। ସେ କହୁଥିଲେ ବନ୍ଧନରେ ଯିଏ ବାନ୍ଧିଛନ୍ତି, ଦୁଃଖ ଯନ୍ତ୍ରଣାରେ ଯିଏ ଛନ୍ଦିଛନ୍ତି, ସେଥିରୁ ମୁକୁଳିବାର ଚାବି କେବଳ ତାଙ୍କରି ପାଖରେ ଅଛି। ସେ ଦୁଃଖପାସୋରାଙ୍କୁ ମନେ ପକାଇବାକୁ ହେବ। ଯେ କୌଣସି ପରିସ୍ଥିତିରେ ମଧ୍ୟ ତାଙ୍କ ସହିତ ସମ୍ପର୍କ ଛିନ୍ନ କରିବା ଅନୁଚିତ୍, କାରଣ ଛିନ୍ନମୂଳ ମଣିଷକୁ ଠିକ୍ ଢଙ୍ଗରେ ବଂଚିବାର କଳା ପ୍ରାପ୍ତ ହୋଇନଥାଏ। ବସ୍ତୁବାଦି ଦୁନିଆରେ ସର୍ବଦା ପରାଜୟର ଭୟ ଆଉ ବିପଦର ଆଶଙ୍କାରେ ସେ ବିଚଳିତ ଅବସ୍ଥାରେ ଥାଏ। ହେଲେ ସେ ପରାଜୟକୁ ସମ୍ମୁଖୀନ ହେବାକୁ ଶକ୍ତି ଆଉ ଭଲ ହେବାକୁ ଭଗବାନଙ୍କ ପାଖରେ ଭକ୍ତି କରିବାକୁ ସଦ୍‌ଗୁରୁ ହିଁ ଶିକ୍ଷା ଦେଇଥାଆନ୍ତି। ସେ ଶିଖାନ୍ତି ଡରିଲେ ଡର ବେଶି ଡରାଇବ, ଆଉ ପଡ଼ିଗଲେ ଝଡ଼ ତୁମ ଉପରେ ବହିଯିବ, ହେଲେ ଭୟ ହେଉ ଅବା ଝଡ଼ ତାହାକୁ ସାମ୍ନା କଲେ ସେଥିରୁ ମୁକୁଳିବାର ବାଟ ମିଳିଯିବ। ଏମିତି ମଣିଷ ତିଆରି କାରଖାନାରୁ ଭଲ ମଣିଷଟିଏ ଉତୁରିଗଲେ, ତା'ଦ୍ୱାରା ଗଢ଼ିହୁଏ ଗୋଟିଏ ଭଲ ପରିବାର ଆଉ ସେମିତି ଭଲ ପରିବାରକୁ ନେଇ ଭଲ ରାଜ୍ୟ, ଭଲ ଦେଶ ଆଉ ଭଲ ପୃଥିବୀ। ଏମିତି ଭଲ ହେବାକୁ ତ ସମସ୍ତଙ୍କର ଆଶା, ହେଲେ ତଦନୁରୂପେ କାର୍ଯ୍ୟକଳାପ, ଶିକ୍ଷାଦୀକ୍ଷା ଗ୍ରହଣ କରିବାକୁ ଆଗ୍ରହ ଥିବା ଦରକାର। ସେମିତି ଆଗ୍ରହ ଆମ ଭିତରେ ସୃଷ୍ଟି କରିବାକୁ ଜ୍ଞାନଦାତା ଗୁରୁ ମହାରାଜ ଓ ସୃଷ୍ଟିକର୍ତ୍ତା ପରମାତ୍ମାଙ୍କ ନିକଟରେ ନିବେଦନ କରୁଅଛି।



*କିସ୍ ମାନିତ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର*
*ମୋ : ୯୭୭୬୬୯୨୨୦୭*

# ଖୋଲିଲା ଶିମିଳିପାଳ; ସୁରକ୍ଷା କଡାକଡି




**ବାରିପଦା :** ଦୀର୍ଘ ୫ ମାସର ବନ୍ଦ ପରେ ପୁଣି ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ଖୋଲିଯାଇଛି ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଶିମିଳିପାଳ ଅଭୟାରଣ୍ୟ। ବର୍ଷା ଋତୁ ପାଇଁ ଗତ ଜୁନ୍ ମାସରୁ ଏହାରି ମଧ୍ୟକୁ ପ୍ରବେଶ ଉପରେ କଟକଣା ଜାରି କରାଯାଇଥିଲା। ପର୍ଯ୍ୟଟକଙ୍କ ଯାତାୟାତର ସୁବିଧା ପାଇଁ ଶିମଳିପାଳ ଅଭୟାରଣ୍ୟର ବାରିପଦାର ଲୁଳଂ ରାସ୍ତା ଓ ଯଶୀପୁରର କାଳିଆଣି ଅଞ୍ଚଳ ଦେଇ ପର୍ଯ୍ୟଟକମାନେ ଅଭୟାରଣ୍ୟ ଭିତରକୁ ପ୍ରବେଶ କରିପାରିବେ। ପିଠାବଟା ରେଞ୍ଜ ବାଟ ଦେଇ ଯିବାପାଇଁ ହେଲେ ୨୨କିଲୋମିଟର ଏବଂ୯୮କିଲୋମିଟର ଯଶୀପୁର ମଧ୍ୟ ଦେଇ ଯିବାକୁ ପଡ଼ିଥାଏ। ତେବେ ଗୁରୁବାର ଶିମିଳିପାଳ ଖୋଲିବାର ପ୍ରଥମ ଦିନରେ ପିଠାବଟା ରାସ୍ତା ଦେଇ ୮ଟି ଗାଡ଼ି ସହ ୫୦ରୁ ଅଧିକ ପର୍ଯ୍ୟଟକ ଯାଇଥିବା ବେଳେ ଯଶୀପୁର ରାସ୍ତା ଦେଇ ୫ଟି ଗାଡ଼ିରେ ପର୍ଯ୍ୟଟକମାନେ ଶିମିଳିପାଳ ମଧ୍ୟକୁ ଯାଇଥିବା ଜଣାପଡିଛି। ତେବେ ମୋଟ ୧୩ଟି ଗାଡ଼ିକୁ ଯିବା ପାଇଁ ଅନୁମତି ପ୍ରଦାନ କରାଯାଇଥିବା ବେଳେ ଛୋଟ ପିଲାମାନଙ୍କ ମିଶାଇ ମୋଟ ୧୫୦ରୁ ପର୍ଯ୍ୟଟକ ଆସିଥିବା ସୂଚନା ମିଳିଛି। ଏହି ସବୁ ଗାଡି ଗୁଡ଼ିକୁ ଶିମିଳିପାଳର ପ୍ରବେଶ ପଥ ଠାରେ କଡାକଡି ଭାବେ ଯାଞ୍ଚ କରାଯାଇଥିଲା। ପର୍ଯ୍ୟଟକଙ୍କ ପାଇଁ ମଧ୍ୟ କୁମାରୀ, ରାମତୀର୍ଥ, ଗୁଡୁଗୁଡିଆ ଓ ଜାମୁଆଣୀରେ ଥିବା ଯାତ୍ରୀ ନିବାସ ଗୁଡିକରେ ରାତ୍ରୀଯାପନର ବ୍ୟବସ୍ଥା ରହିଛି। ରାତ୍ରୀଯାପନ କରିବାକୁ ଥିବା ପର୍ଯ୍ୟଟକଙ୍କ ଛଡା ଅନ୍ୟ ସମସ୍ତ ପର୍ଯ୍ୟଟକ ଅପରାହ୍ଣ ୫ଟା ପରେ ପଳାଇଆସିଛନ୍ତି। ବନ୍ୟ ଜନ୍ତୁଙ୍କ ସୁରକ୍ଷା ଦୃଷ୍ଟିରୁ ଅଭୟାରଣ୍ୟ ମଧ୍ୟକୁ ପ୍ଲାଷ୍ଟିକ ବ୍ୟାଗ ବା ପ୍ୟାକେଟ ନେବାକୁ ପର୍ଯ୍ୟଟକଙ୍କ ପାଇଁ ବାରଣ କରାଯାଇଥିବା ବେଳେ ବଣ ଭୋଜି ପାଇଁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ରାତ୍ରୀ ଯାପନ କରୁଥିବା ପର୍ଯ୍ୟଟକମାନେ ସାଙ୍ଗରେ ଶୁଖିଲା କିମ୍ବା ରନ୍ଧା ଖାଦ୍ୟ ନେଇ ସେଠାରେ ରହିଛନ୍ତି ବୋଲି ଜଣାଯାଇଛି। ପ୍ରଥମ ଦିନରେ ଶିମଳିପାଳକୁ ଯାଉଥିବାରୁ ଗେଟ ନିକଟରେ ବନବିଭାଗ ପକ୍ଷରୁ ପର୍ଯ୍ୟଯକମାନଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ କରାଯାଇଥିଲା। ଚଳିତବର୍ଷ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ କର୍ତ୍ତୃପକ୍ଷ ମଧ୍ୟ ନୂଆ ନୂଆ ଯୋଜନା ପ୍ରସ୍ତୁତ କରୁଛନ୍ତି। ଅଭୟାରଣ୍ୟର ବିଭିନ୍ନ ସ୍ଥାନରେ ଖାଦ୍ୟ ଓ ଚା’ ପାନର ବ୍ୟବସ୍ଥା କରାଯାଇଛି ତା ସହ ଆଦିବାସୀ ଖାଦ୍ୟର ମଜା ପର୍ଯ୍ୟଟକମାନେ ଉଠାଇପାରିବେ ବୋଲି ପିଠାବଟା ରେଞ୍ଜ ଅଧିକାରୀ ଉଗ୍ରସେନ ଜେନା କହିଛନ୍ତି। ଏହାଛଡା ଭାଜମ ଠାରେ ଛୁଟି ଦିନ ମାନଙ୍କରେ ୩୦ରୁ ଅଧିକ ବିଭିନ୍ନ ପ୍ରଜାତିର ଉଦ୍ଭିଦ,ବୃକ୍ଷ ଓ ଚାରୁଲତା ସମ୍ବନ୍ଧରେ ଲୋକଙ୍କୁ ଅବଗତ କରାଯିବାର ବ୍ୟବସ୍ଥା ମଧ୍ୟ କରାଯାଇଛି। ରାତ୍ରୀ ଯାପନ କରୁଥିବା ପର୍ଯ୍ୟଟକମାନେ ନୂତନ ଭାବେ ନିର୍ମିତ ହୋଇଥିବା ୱାଚ ଟାୱାର ଉପରୁ ବନ୍ୟଜନ୍ତୁଙ୍କୁ ଦେଖିବାର ସୁଯୋଗ ପାଇବେ। ତେବେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ମଧ୍ୟ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି। ସୂଚନା ଯୋଗ୍ୟ ଯେ,ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଏବେ ବାଘ,କଳରାପତରିଆ ବାଘ, ଜଙ୍ଗଲୀ ବିରାଡ଼ି, ବିଲୁଆ, କୁକୁର, ଗଧିଆ ଆଦି ମାଂସାଶୀ ଜୀବ ରହିଛନ୍ତି। ଏହା ସହ ହାତୀ,ଗୟଳ, ସମ୍ବର,କୁଟୁରା, ହରିଣ, ଗୁରାଣ୍ଡି ଆଦି ଆଦି ତୃଣଭୋଜୀ ଜୀବ ଓ ବାରାହା, ବଜ୍ରକାପ୍ତା, ଝିଙ୍କ, କଇଁଛ, ଅଜଗର ଏବଂ ମଗର ମାନ ଏହି ଅଭୟାରଣ୍ୟ ମଧ୍ୟରେ ରହିଛନ୍ତି।

# କଳିଙ୍ଗ ବାଲିଯାତ୍ରା ପାଇଁ ଭୂମିପୂଜା




**ପାରାଦୀପ :** ଐତିହାସିକ ପାରାଦୀପ ବାଲିଯାତ୍ରା ପାଇଁ ଶୁକ୍ରବାର ଅପରାହ୍ନରେ ସ୍ଥାନୀୟ ବିଜୁ ମଇଦାନ ସମୁଦ୍ରକୂଳ ବାଲିଯାତ୍ରା ପଡିଆରେ ଭୂମିପୂଜା ଅନୁଷ୍ଠିତ ହୋଇଛି ଏହାପରେ ବାଲିଯାତ୍ରା ଷ୍ଟଲମଞ୍ଚ ଆଦି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି ବାଲିଯାତ୍ରା କମିଟି ତଥା ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଭୂମିପୂଜା କର୍ମରେ ପାରାଦୀପର ଅତିରିକ୍ତ ଜିଲ୍ଲାପାଳ ଡକ୍ଟର କାହ୍ନୁଚରଣ ଧୀର ବସିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପୌରଧୀକ୍ଷ ବସନ୍ତ ବିଶ୍ୱାଳ, ଉକ୍ତ କାର୍ଯ୍ୟକ୍ରମରେ ପୌରଧକ୍ଷ ବସନ୍ତ ବିଶ୍ୱାଳ, ଉପାଧ୍ୟକ୍ଷ ବିଷ୍ଣୁଚରଣ ମିଶ୍ର, ସବିତା ମହାପାତ୍ର ଚପଳା ସ୍ୱାଇଁ, ସୁମନ୍ତ ବିଶ୍ୱାଳ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଆସନ୍ତା ନଭେମ୍ବର ୨୨ତାରିଖରୁ ବାଲିଯାତ୍ରା ଆରମ୍ଭ ହୋଇ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ ସୂଚନା ମୁତାବକ ,ଏହି ଉତ୍ସବକୁ ଉଦଘାଟନ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସିବାର କାର୍ଯ୍ୟକ୍ରମ ଅଛି। ଏହି ଭୂମିପୂଜା ଉତ୍ସବରେ ପାରାଦୀପ ବନ୍ଦରର କୌଣସି ଉଚ୍ଚପଦସ୍ଥ କର୍ମଚାରୀ ଯୋଗ ଦେବାର ଦେଖାଯାଇନଥିଲା।

# ଦଶପଲ୍ଲାରେ ପଞ୍ଚାୟତସ୍ତରୀୟ ‘ମୁଁ ହିରୋ’ କାର୍ଯ୍ୟକ୍ରମ




**ଦଶପଲ୍ଲା :** ସମାଜର ଉନ୍ନତି ତଥା ଜନକଲ୍ୟାଣ ଓ ଗଠନ ମୂଳକ କାର୍ଯ୍ୟରେ ନିଜକୁ ନିୟୋଜିତକରି ରାଜନୀତି ଠାରୁ ଉର୍ଦ୍ଧରେ ରହି ଅନ୍ୟକୁ ସାହାଯ୍ୟ କରିବା ଲକ୍ଷ୍ୟ ନେଇ ଗଠିତ ହୋଇଥିବା ବିଜୁ ଯୁବବାହିନୀ ପକ୍ଷରୁ ଆୟୋଜିତ ହୋଇଥିବା ମୁଁ ହିରୋ କାର୍ଯ୍ୟକ୍ରମ ଦଶପଲ୍ଲା ବ୍ଲକର ବିଭିନ୍ନ ପଞ୍ଚାୟତରେ ଅନୁଷ୍ଠିତ ହୋଇଛି । ଏହି ପରିପ୍ରେକ୍ଷୀରେ ତା ୨୬.୧୦.୨୦୧୮ରିଖ ଦିନ ଘୋଳାହାଣ୍ଡି ଗ୍ରାମ ପଚଂାୟତରେ ଆୟୋଜିତ ହୋଇଥିବା ମୁଁ ହିରୋ କାର୍ଯ୍ୟକ୍ରମରେ ଦଶପଲ୍ଲା ବ୍ଲକ ଅଧ୍ୟକ୍ଷ ସୁନନ୍ଦା ସାହୁ, ତା ୨୮.୧୦.୨୦୧୮ରିଖ ଦିନ କୁଲୁରୁକୁମ୍ପା ଗ୍ରାମ ପଚଂାୟତରେ ଦଶପଲ୍ଲା ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜ ଯୁବବାହିନୀର କାର୍ଯ୍ୟକଳାପକୁ ଉଚ୍ଚ ପ୍ରଶଂଶା କରିବା ସଂଙ୍ଗେ ସଂଙ୍ଗେ ବଡ ବଡ ସ୍ୱପ୍ନ ଦେଖି ବଡ ହେବାପାଇଁ ଆହ୍ୱାନ ଦେଇଥିଲେ । ସେହିପରି ଭାବରେ ତା ୨୭.୧୦.୨୦୧୮ରିଖ ଦିନ ନଛିପୁର, ଘୁଗୁଡିପଡା ଏବଂ ତା ୨୮.୧୦.୨୦୧୮ରିଖ ଦିନ ତୁମାଣ୍ଡି ଓ ଦୁଡା ଠାରେ ଅନୁଷ୍ଠିତ ମୁଁ ହିରୋ କାର୍ଯ୍ୟକ୍ରମରେ ସରପଂଚ ମାନେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ।ସମସ୍ତ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଦଶପଲ୍ଲା ବ୍ଲକ ସଂଯୋଜକ ବରୁଣ କୁମାର ସାହୁ ଯୋଗ ଦେଇ ଘୁଗୁଡିପଡା ପଚଂାୟତର ବାଲୁକାଶିଳ୍ପୀ ବୃନ୍ଦାବନ ସେଠୀଙ୍କୁ ମୁଁ ହିରୋ ପ୍ରତିଭାରେ ସମ୍ମାନୀତ କରିବା ସହିତ ଯୁବ ପିଢି ମାନଙ୍କୁ ବିଜୁଯୁବବାହିନୀର ଗଠନ ଓ ଆଭିମୁଖ୍ୟକୁ ଉଚିତ୍ ମାର୍ଗରେ ନିବେଶ କରିବା ପାଇଁ ପରାମର୍ଶ ଦେଇଥିଲେ । ନାଚ,ଗୀତ,ଖେଳ,ଡିବେଟ୍, ଇତ୍ୟାଦିରେ ପାରଦର୍ଶୀତା ଲାଭ କରିଥିବା ପ୍ରତିଭା ମାନଙ୍କୁ ଅତିଥି ମାନେ ମୁଁ ହିରୋ ପ୍ରାଇଜ୍ ଦେଇ ଥିଲେ । ବିଶେଷ କରି ଏହି କାର୍ଯ୍ୟକ୍ରମକୁ ସମସ୍ତ ବିଜୁ ଯୁବବାହିନୀର ସଭାପତି ଓ ସମ୍ପାଦକ ମାନେ ପରିଚାଳନା କରିଥିଲେ।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ



**ବାରିପଦା :** କେନ୍ଦ୍ର ଭିଜିଲାନ୍ସ ଆୟୋଗ ନିର୍ଦ୍ଦେଶକ୍ରମେ ଦୁର୍ନୀତି ବିରୁଦ୍ଧରେ ସଚେତନତା ସୃଷ୍ଟି କରାଯିବା ମୁଖ୍ୟ ଉଦ୍ଦେଶ୍ୟ ନେଇ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଚଳିତ ୨୯ ଠାରୁ ନଭେମ୍ବର ୩ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ମାଧ୍ୟମରେ ଦେଶର ସମଗ୍ର ରାଜ୍ୟରେ ପାଳନ କରାଯାଉଅଛି । ଏହି ଉପଲକ୍ଷେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହଠାରେ ଅତିରିକ୍ତ ଜିଲ୍ଲାପାଳ ମୟୂରଭଞ୍ଜ ବ୍ରଜବନ୍ଧୁ ଭୋଳଙ୍କ ଅଧ୍ୟକ୍ଷତାରେ ଏକ ଶପଥ ପାଠ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଭାଗୀୟ ପଦାଧିକାରୀ ଓ କର୍ମଚାରୀମାନେ ଯୋଗଦେଇ ପ୍ରତ୍ୟେକ ସ୍ତରରୁ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ବିନା ଦ୍ୱିଧାରେ ସର୍ବଦା ସତର୍କତା ଅବଲମ୍ବନ ପୂର୍ବକ ସମସ୍ତ କାର୍ଯ୍ୟରେ ସାଧୁତା ଏବଂ ସ୍ୱଚ୍ଛତା ବଜାୟ ରଖି କାର୍ଯ୍ୟ ସମ୍ପାଦନ କରିବା ପାଇଁ ଶପଥ ନେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଚୌକି ପାଇଁ ପ୍ରତିଶ୍ରୁତି ...

ବଞ୍ଚିତ ହେଲେ, ଏହା ମୋତେ ବହୁତ ବାଧିଲା। ଆପଣଙ୍କ ଟଙ୍କାରେ, ଓଡ଼ିଶବାସୀଙ୍କ ଟଙ୍କାରେ ଆମେ ଆରମ୍ଭ କଲୁ- ବିଜୁ ପକ୍କା ଘର, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଏବଂ ମଧୁବାବୁ ପେନ୍‌ସନ୍ ଓ ଆହୁରି ଅନେକ ସାମାଜିକ ନିରାପତ୍ତା ଯୋଜନା। ଏହି କାର୍ଯ୍ୟକ୍ରମର ସୁବିଧା ଯେପରି ସବୁ ହିତାଧିକାରୀଙ୍କ ପାଖରେ ପହଞ୍ଚିପାରିବ, ସେଥିପାଇଁ ଆମେ କାମ କରୁଛୁ। ବସ୍ତିର ଗରିବ ଲୋକଙ୍କ କଲ୍ୟାଣ ପାଇଁ ଆମେ ଅନେକ ପଦକ୍ଷେପ ନେଇଛୁ। ସେମାନଙ୍କ ପାଇଁ ମଧ୍ୟ ହାଉସିଂ ପ୍ରୋଜେକ୍ଟ କରାଯାଇଛି। ସମସ୍ତଙ୍କ ବିକାଶ ବିଜୁ ଜନତା ଦଳର ଲକ୍ଷ୍ୟ, ଏ ଦିଗରେ ଆମେ କାମ କରି ଚାଲିବା। ଆପଣମାନେ ଜାଣନ୍ତି ୨୦୦୦ରୁ ୨୦୦୯ ମସିହା ପର୍ଯ୍ୟନ୍ତ ବିଜେଡି-ବିଜେପି ଏକାଠି ସରକାର କରିଥିଲେ। ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା ମାନ୍ୟତା ଦେବା ପାଇଁ ଆମେ ଏକାଠି ଲଢୁଥିଲୁ। ୨୦୦୯ ପରେ ବିଜୁ ଜନତା ଦଳ ଓ ବିଜେପି ଏଥିପାଇଁ ତାଙ୍କର ଲଢ଼େଇ ଜାରି ରଖିଛନ୍ତି। ୨୦୧୪ ସାଧାରଣ ନିର୍ବାଚନରେ ବିଜେପିର ନିର୍ବାଚନୀ ଇସ୍ତାହାରରେ ପ୍ରଥମ ଏଜେଣ୍ଡା ଥିଲା ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା ମାନ୍ୟତା ପ୍ରଦାନ କରିବା। ଏହା ଦେଖି ମୁଁ ସବୁଠାରୁ ବେଶୀ ଖୁସି ହୋଇଥିଲି। ଆଶା ଥିଲା ଓଡ଼ିଶାବାସୀ ନ୍ୟାୟ ପାଇବେ। ସ୍ୱତନ୍ତ୍ର ପାହ୍ୟା ମାନ୍ୟତା ଦ୍ୱାରା ଓଡ଼ିଶାର ଯୁବକମାନେ ସବୁଠାରୁ ଅଧିକ ସୁଯୋଗ ପାଇବେ। ଓଡ଼ିଶାକୁ ଟ୍ୟାକ୍ସ ରିବେଟ୍ ମିଳିବ। ଅନେକ ଶିଳ୍ପ ଆସିବ, ନିଯୁକ୍ତିର ସୁଯୋଗ ମଧ୍ୟ ବଢ଼ିବ। ନମ୍ବର ୨ରେ ଲାଭ ହେବ, ବର୍ତ୍ତମାନ ବିଭିନ୍ନ କେନ୍ଦ୍ରୀୟ ଯୋଜନାରେ ଓଡ଼ିଶା ସରକାର ଓ କେନ୍ଦ୍ର ସରକାରଙ୍କ ଭାଗ ପଚାଶ-ପଚାଶ ରହୁଛି। କିନ୍ତୁ ସ୍ୱତନ୍ତ୍ର ପାହ୍ୟା ମାନ୍ୟତା ପାଇଲେ, ଏହି ଭାଗ ନବେ ଓ ଦଶ ପ୍ରତିଶତ ରହିବ। ଏହାଦ୍ୱାରା ବଳକା ଅର୍ଥକୁ ଆମେ ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି ଓ ଅନ୍ୟାନ୍ୟ ବିକାଶ କାମରେ ଖର୍ଚ୍ଚ କରିପାରିବା। କିନ୍ତୁ ଦୁଃଖର କଥା, ଚୌକି ପାଇଁ ବିଜେପି ତା’ର ପ୍ରତିଶ୍ରୁତିକୁ ଭୁଲି ଗଲା। ଓଡ଼ିଶାବାସୀଙ୍କ ଆଶା ଆଶାରେ ହିଁ ରହିଗଲା। ଆପଣମାନେ ଜାଣନ୍ତି, ଓଡ଼ିଶା ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରୁଛି। ବହୁ ଧନ ସଂପତ୍ତି ନଷ୍ଟ ହେଉଛି। ସ୍ୱତନ୍ତ୍ର ପାହ୍ୟା ମାନ୍ୟତା ପାଇଁ ଏହା କ’ଣ ଏକ ଯୁକ୍ତିଯୁକ୍ତ କାରଣ ନୁହେଁ? ୨୦୧୪ର ଏହି ପ୍ରତିଶ୍ରୁତି ବିଷୟ ଲୋକମାନେ ବିଜେପିକୁ ୨୦୧୯ ନିର୍ବାଚନରେ ମନେ ପକାଇଦେବେ। ସ୍ୱତନ୍ତ୍ର ପାହ୍ୟା ରାଜ୍ୟ ମାନ୍ୟତା ଆମର ହକ୍। ଏଥିପାଇଁ ଆମର ଲଢ଼େଇ ଜାରି ରହିବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ଭୁବନେଶ୍ୱର-ମଧ୍ୟ ବିଧାୟକ ବିଜୟ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଜନସଂପର୍କ ପଦଯାତ୍ରାରେ ଭୁବନେଶ୍ୱର ଜିଲ୍ଲା ବିଜେଡି ସଭାପତି ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର-ଉତ୍ତର ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଖୋର୍ଦ୍ଧା ଜିଲ୍ଲା ପର୍ଯ୍ୟବେକ୍ଷକ ତଥା ବିଧାୟକ ଦେବାଶିଷ ନାୟକ, ସାଂସଦ ପ୍ରସନ୍ନ ପାଟଶାଣୀ, ମେୟର ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ଜିଲ୍ଲା କାର୍ଯ୍ୟକାରୀ ସଭାପତି ବାବୁ ସିଂହ, ଯୁବ ବିଜେଡି ସଭାପତି ଅମରେଶ ପତ୍ରୀ, ଛାତ୍ର ବିଜେଡି ସଭାପତି ରାଣାପ୍ରତାପ ପାତ୍ର ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସଂପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ମେୟର କେ. ଶାନ୍ତି, ସୁଲତା ଦେଓ, ଏକାମ୍ର-ଭୁବନେଶ୍ୱର ମହିଳା ବିଜେଡି ସଭାନେତ୍ରୀ ମହାମାୟା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସ୍ଥାନୀୟ କର୍ପୋରେଟର୍ ରାଜଲକ୍ଷ୍ମୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ‘ଉଦ୍ୟୋଗ ବିକାଶରେ ...

କେବଳ ସେତିକି ନୁହେଁ, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଦେଶର ଅର୍ଥନୈତିକ ବିକାଶ ନିମନ୍ତେ ମୋଟ ୬୫୦ଟି ଜିଲ୍ଲା ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୧୦୦ଟି ଜିଲ୍ଲାରେ ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ସୁଦୃଢ଼ କରିବା ପାଇଁ ପ୍ରଚାର ଅଭିଯାନ ଆରମ୍ଭ କରିଛନ୍ତି। ଏହି ଜିଲ୍ଲାମାନଙ୍କ ମଧ୍ୟରେ କଟକ ଗୋଟିଏ ମହତ୍ତ୍ୱପୂର୍ଣ୍ଣ ଜିଲ୍ଲା। ଏଠାରେ ଗୋଟିଏ ନୁହେଁ ଅନେକ ପ୍ରକାର କୁଟୀରଶିଳ୍ପ ବା କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ହୋଇପାରିବ। ତେଣୁ କେନ୍ଦ୍ର ସରକାର ବିତ୍ତୀୟ ସେବା ବିଭାଗ ଓ ଅର୍ଥ ମନ୍ତ୍ରଣାଳୟ ଦକ୍ଷତା ବିକାଶ ଏବଂ ଉଦ୍ୟମିତା ଉପରେ ଗୁରୁତ୍ୱ ଦେଇ କଟକ ଜିଲ୍ଲାକୁ ଅଗ୍ରାଧିକାର ଦେଇଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି। ଶ୍ରୀ ପ୍ରଧାନ କହିଥିଲେ, ଓଡ଼ିଶା ଭଳି ଗୋଟିଏ ସମ୍ପଦଭରା ରାଜ୍ୟରେ ଦୀର୍ଘ ଦିନ ଧରି ଅର୍ଥନୈତିକ ବିକାଶ ହୋଇପାରୁନାହିଁ। ଏହାର କାରଣ ରାଜ୍ୟରେ କ୍ଷୁଦ୍ର, ଲଘୁ ଓ ମଧ୍ୟମ ଶିଳ୍ପର ଆବଶ୍ୟକତା ଅନୁସାରେ ବିକାଶ ହୋଇ ପାରିନାହିଁ। ଏଥିପାଇଁ ପ୍ରଧାନମନ୍ତ୍ରୀ ଓଡ଼ିଶାରେ ଏହାର ବିକାଶ ପାଇଁ କଟକ, ପୁରୀ, ପାରଦ୍ୱୀପ, ବରଗଡ଼ ଅଞ୍ଚଳକୁ ଗୁରୁତ୍ୱ ଦେଇଛନ୍ତି। ସେଥିମଧ୍ୟରେ ମୁଖ୍ୟତଃ କଟକ ଜିଲ୍ଲା ଏମଏସଏମଇର ଏକ ମୁଖ୍ୟ ସ୍ଥାନ। କଟକର ତାରକସୀ ଗହଣାଠାରୁ ଆରମ୍ଭ କରି ମାଣିଆବନ୍ଧର ବୟନ ଶିଳ୍ପ ପର୍ଯ୍ୟନ୍ତ ସବୁଠାରେ କଟକର ସ୍ୱତନ୍ତ୍ର ସ୍ଥାନ ରହିଛି। ଏହାର ବିକଳ୍ପ ସାରା ବିଶ୍ୱରେ ନାହିଁ। ଜିଲ୍ଲାରେ ଚମଡ଼ା ଶିଳ୍ପ, ଶିଙ୍ଗ ଶିଳ୍ପଠାରୁ ଆରମ୍ଭ କରି ଚୌଦ୍ୱାର ଓ ଜଗତପୁରରେ ଶତାଧିକ ଏମ୍‌ଏସ୍‌ଏମ୍‌ଇ ଶିଳ୍ପ ଦୟନୀୟ ଅବସ୍ଥାରେ ରହିଛି। ସେଗୁଡ଼ିକର ବିକାଶ କରାଗଲେ କେବଳ କଟକ ଜିଲ୍ଲା ନୁହେଁ ସାରା ଓଡ଼ିଶା ମଧ୍ୟ ଅର୍ଥନୈତିକସ୍ତରରେ ଆଗକୁ ବଢ଼ିପାରିବ। ଏହି ଯୋଜନା ମଧ୍ୟରେ ପୁରୀର ହସ୍ତଶିଳ୍ପ, ବରଗଡ଼ର ବୟନଶିଳ୍ପ ସହିତ ପାରାଦୀପରେ ମେରାଇନ ସି ଫୁଡ୍ କ୍ଷେତ୍ରରେ ମଧ୍ୟ ଯଥେଷ୍ଟ ସୁନାମ ରହିଛି। ଯଦି ଏଗୁଡ଼ିକର ବିକାଶ କରାଯାଏ, ରାଜ୍ୟର ବିକାଶକୁ କେହି ରୋକିପାରିବେ ନାହିଁ।ଏହି ସବୁ କାମ ପାଇଁ ରାଜ୍ୟ ସରକାର ଆବଶ୍ୟକ ଜମି ଯୋଗାଇ ଦେଲେ ରାଜ୍ୟର ବିକାଶ ଆହୁରି ହୋଇପାରିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ୟୁକୋ ବ୍ୟାଙ୍କର କାର୍ଯ୍ୟକାରୀ ନିର୍ଦ୍ଦେଶକ ଚରଣ ସିଂ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏମ୍‌ଏସ୍‌ଏମ୍‌ଇର ଯୁଗ୍ମ ସଚିବ ଯତୀନ୍ଦ୍ରନାଥ ସ୍ୱାଇଁ, ନିର୍ଦ୍ଦେଶକ ଡ. ଏସ.କେ. ସାହୁ, ଉତ୍କଳ ଚାମ୍ବର ଅଫ କମର୍ସ ଉପସଭାପତି ଅଶୋକ ସାରଦା, ସିଏସଏସଆଇ ପ୍ରଶାନ୍ତ ପାଣିଗ୍ରାହୀ, ୟୁକୋ ବ୍ୟାଙ୍କ ସାଧାରଣ ପରିଚାଳକ ସି. ମଜୁମଦାର, ଫିଲିଗ୍ରୀ ଆସୋସିଏସନ ସଭାପତି ବ୍ରହ୍ମାନନ୍ଦ ମହାରଣା, ଏଫ୍‌ଆଇସିସିଆଇ ମୁଖ୍ୟ ସତ୍ୟଜିତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ୟୁକୋ ବ୍ୟାଙ୍କର ମୁଖ୍ୟ ପରିଚାଳକ ସ୍ୱାଗତମ ଦାସ ବ୍ୟାଙ୍କ ଏମଏସଏମଇ ଶିଳ୍ପଗୁଡ଼ିକୁ କିଭଳି ତୁରନ୍ତ ଋଣ ପ୍ରଦାନ କରୁଛି ସେ ସମ୍ପର୍କରେ ବୁଝାଇଥିଲେ। ଏହି ଅବସରରେ ଆଇନବହି ଛାପିବା କ୍ଷେତ୍ରରେ ଗୌତମ ସାମଲ, ତାରକସି କାର୍ଯ୍ୟପାଇଁ ଗୌର ଘଡ଼ାଇ, ଭାରତ ଫୁଟରେ ମହମ୍ମଦ ଫାରୁକ, ନିର୍ମାଣ କ୍ଷେତ୍ରରେ ମିର୍ଜା ସେହେନୱାଜ ବେଗ, ବିୟୁଟି ପାର୍ଲର କ୍ଷେତ୍ରରେ ଉମା ବାରିକ, ବିଭିନ୍ନ ଡିଜାଇନ୍‌ର ମହିଳାଙ୍କ ପୋଷାକ ତିଆରି କ୍ଷେତ୍ରରେ ଯଶମିନ ବେଗମଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଏମଏସଏମଇ କ୍ଷେତ୍ରରେ ଋଣ ମାଗିଥିବା ବହୁ ଉଦ୍ୟୋଗୀଙ୍କୁ ଚେକ୍ ପ୍ରଦାନ କରାଯାଇଥିଲା।

### ଏକତାର ପ୍ରତିମୂର୍ତ୍ତି ...

ଏହି ପ୍ରତିମୂର୍ତ୍ତି ଯୁକ୍ତରାଷ୍ଟ୍ର ଆମେରିକାର ଷ୍ଟାଚ୍ୟୁ ଅଫ୍ ଲିବର୍ଟି ଉଚ୍ଚତାର ଦୁଇଗୁଣ। ସ୍ୱାଧୀନ ଭାରତର ପ୍ରଥମ ସ୍ୱରାଷ୍ଟ୍ର ମନ୍ତ୍ରୀ ବଲ୍ଲଭ ଭାଇ ପଟେଲ ୫୦୦ ଗଡ଼ଜାତ ଅଞ୍ଚଳକୁ ଭାରତରେ ମିଶାଇଥିଲେ। ବିଶାଳ ଭାରତ ଗଠନ କରିବା ଲକ୍ଷ୍ୟରେ ସେ ଜୁନାଗଡ଼ର ନବାବ୍ ଓ ହାଇଦ୍ରାବାଦର ନିଜାମଙ୍କ ବିରୋଧରେ ବଳପ୍ରୟୋଗ କରିବାକୁ ପଛାଇ ନଥିଲେ। ଜୁନାଗଡ଼ ନବାବ ଓ ହାଇଦ୍ରାବାଦର ନିଜାମ ଭାରତ ସହ ମିଶିବାକୁ ରାଜି ହୋଇ ନଥିଲେ। ପଟେଲ ଜୁନାଗଡ଼ ନବାବଙ୍କୁ ବନ୍ଧୁକ ଦେଖାଇ ଧମକ ଦେଇ କହିଥିଲେ,‘ଆଜି ଦୁଇଜଣ ସର୍ଦ୍ଦାରଙ୍କ ମଧ୍ୟରୁ ଜଣେ ମରିବ।’ ପଟେଲଙ୍କ ଧମକରେ ନବାବ୍ ଛାନିଆ ହୋଇଯାଇଥିଲେ। ସେହିପରି ଭାରତୀୟ ସେନା ନିକଟରେ ହାଇଦ୍ରାବାଦ ନିଜାମ ମାତ୍ର ତିନିଦିନର ଯୁଦ୍ଧ ପରେ ନଇଁ ଯାଇଥିଲେ। ପଟେଲଙ୍କ ୧୪୩ତମ ପୂଣ୍ୟ ଜନ୍ମତିଥି ଉତ୍ସବରେ ଗୁଜରାଟ ରାଜ୍ୟପାଳ ଓପି କୋହଲି, ମୁଖ୍ୟମନ୍ତ୍ରୀ ବିଜୟ ରୁପାନୀ ଓ ବିଜେପି ମୁଖ୍ୟ ଅମିତ ଶାହଙ୍କ ସମେତ ଗୁଜରାଟର ବହୁ ନେତାମାନେ ଯୋଗ ଦେଇଥିଲେ। ପଟେଲଙ୍କ ସୁଉଚ୍ଚ ମୂର୍ତ୍ତି ଭାରତକୁ ବିଶ୍ୱ ଦରବାରରେ ନୂଆ ପରିଚୟ ପ୍ରଦାନ କରିଛି। ଦେଶର ଭବିଷ୍ୟ ପିଢ଼ୀ ଏହି ପ୍ରତିମୂର୍ତ୍ତିକୁ ଦେଖି ପଟେଲଙ୍କ ସାହସ, ଦକ୍ଷତା ଓ ପରାକାଷ୍ଠାକୁ ମନେ ପକାଇବା ସହ ଦେଶ ପ୍ରତି ତାଙ୍କର ଅବଦାନକୁ ଝୁରି ହେଉଥିବେ। ଏହି ପ୍ରତିମୂର୍ତ୍ତି ଦେଶ ବିଭାଜନକାରୀଙ୍କୁ ଏକତାର ମୂଳମନ୍ତ୍ର ପ୍ରଦାନ କରିବ। ‘ଏକ ଭାରତ ଶ୍ରେଷ୍ଠ ଭାରତ’ ଗଠନ ପାଇଁ ପ୍ରତ୍ୟେକ ଦେଶବାସୀଙ୍କୁ ଉଦ୍‌ବୁଦ୍ଧ କରିବ ବୋଲି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି।

### ସବୁଦିନିଆ ଫସଲ ...

ରେଶମ ଆଦି ଚାଷ କ୍ଷେତ୍ରରେ ନଷ୍ଟ ହୋଇଥିବା ୨୦ ହଜାର ହେକ୍ଟର ଜମିକୁ ପୁନରୁଦ୍ଧାର କରାଯିବ। କ୍ଷତିଗ୍ରସ୍ତ ହୋଇଥିବା ୨୦୦୦ ହେକ୍ଟର୍ ଆଖୁ ଫସଲକୁ ସ୍ୱତନ୍ତ୍ର ସହାୟତା ଦିଆଯିବ। ଆମ୍ବ, କଦଳୀ, କାଜୁ ପାଇଁ ୩ ବର୍ଷ ପର୍ଯ୍ୟନ୍ତ ସହାୟତା ମିଳିବ। ସେହିପରି ଆଖୁଚାଷ ପାଇଁ ହେକ୍ଟର ପିଛା ୨୦ ହଜାର ଟଙ୍କା କ୍ଷତିପୂରଣ ମିଳିବ। କନ୍ଦ ଓ ଆଳୁ ପାଇଁ ୟୁନିଟ୍ ପିଛା ୭ ହଜାର ଓ ଛତୁ ପାଇଁ ୟୁନିଟ୍ ପିଛା ୧୦ ହଜାର ଟଙ୍କା ମିଳିବ। ୫୦ ପ୍ରତିଶତ ରିହାତିରେ ୧୦୦୦ ପମ୍ପସେଟ୍ ଯୋଗାଇ ଦିଆଯିବ। ଏହା ସର୍ବାଧିକ ୧୫ ହଜାର ଟଙ୍କା ହେବ। ସୌର ଜଳନିଧି ଯୋଜନାରେ ୯୦ ପ୍ରତିଶତ ରିହାତିରେ ୧୦୦୦ ସୌର ପମ୍ପସେଟ୍ ଦିଆଯିବ। ୫୦ ପ୍ରତିଶତ ରିହାତିରେ ୫୦୦୦ ସ୍ପ୍ରେୟର୍ ଯୋଗାଇ ଦିଆଯିବ। ଗୃହପାଳିତ ପଶୁ ମୃତ୍ୟୁ କ୍ଷେତ୍ରରେ ଗାଈ ଓ ମଇଁଷି ପାଇଁ ସର୍ବାଧିକ ୩ଟ୩୦ ହଜାର ଟଙ୍କା, ବଳଦ କ୍ଷେତ୍ରରେ ୨୫ ହଜାର ଟଙ୍କା, ବାଛୁରୀ ପିଛା ୧୬ ହଜାର ଟଙ୍କା, ଛେଳି ପିଛା ୩ ହଜାର ଟଙ୍କା, କୁକୁଡ଼ା ପିଛା ୫୦ ଟଙ୍କା ପ୍ରଦାନ କରାଯିବ। ଗୋରୁ ଗୁହାଳ ପୁନରୁଦ୍ଧାର ପାଇଁ ୧୦ ହଜାର ଚାଷୀଙ୍କୁ ଜଣ ପିଛା ୧.୧୩ ଲକ୍ଷ ଟଙ୍କା ଦିଆଯିବ। ଛେଳି ଗୁହାଳ ପୁନରୁଦ୍ଧାର ପାଇଁ ୧୦ ହଜାର ଚାଷୀଙ୍କୁ ଗୁହାଳ ପିଛା ୪୪ ହଜାର ଟଙ୍କା ଓ କୁକୁଡ଼ା ପାଳନ ଜରିଆରେ ୨୦ ହଜାର ଚାଷୀଙ୍କୁ ସହାୟତା ଯୋଗାଇ ଦିଆଯିବ। ମାଛ ଚାଷରେ କ୍ଷତି ସହିଥିବା ଚାଷୀମାନଙ୍କୁ ୭୫ ପ୍ରତିଶତ ରିହାତିରେ ହେକ୍ଟର ପିଛା ୧.୧୨୫ ଲକ୍ଷ ଟଙ୍କା ଯୋଗାଇ ଦିଆଯିବ। ଡଙ୍ଗା ପିଛା ୨୨,୫୦୦ ଓ ଜାଲ ପିଛା ୧୫,୦୦୦ ଟଙ୍କା ସହାୟତା ଦିଆଯିବ। ସାମୁଦ୍ରିକ ଅଞ୍ଚଳ ଓ ଚିଲିକାର ମତ୍ସ୍ୟଜୀବୀମାନଙ୍କ ପାଇଁ ଡଙ୍ଗା ପିଛା ୬୦,୦୦୦ ଓ ଜାଲ ପିଛା ୧୫,୦୦୦ ଟଙ୍କା ସହାୟତା ଦିଆଯିବ। ହସ୍ତତନ୍ତ ଓ ହସ୍ତଶିଳ୍ପ କ୍ଷେତ୍ରରେ କାରିଗରମାନଙ୍କୁ ନୂଆ ଯନ୍ତ୍ରପାତି ପାଇଁ ବ୍ୟକ୍ତି ପିଛା ୪୧୦୦ ଟଙ୍କା ଏବଂ କଞ୍ଚାମାଲ ପାଇଁ ବ୍ୟକ୍ତି ପିଛା ୪୧୦୦ ଟଙ୍କା ଦିଆଯିବ। ରେଶମ ଚାଷୀମାନଙ୍କୁ ହେକ୍ଟର ପିଛା ୪୮୦୦ ଟଙ୍କା ଇନ୍‌ପୁଟ ସବ୍‌ସିଡି ଦିଆଯିବ। ରେଶମ ଚାଷରେ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ରିଅରିଂ ହାଉସ ପୁନରୁଦ୍ଧାର ପାଇଁ ୧.୭୫ ଲକ୍ଷ ଟଙ୍କା ଓ ଆଂଶିକ କ୍ଷତିଗ୍ରସ୍ତ ରିଅରିଂ ହାଉସ ପାଇଁ ୫୭ ହଜାର ଟଙ୍କା ଦିଆଯିବ। ସମୁଦାୟ ୧୨୫ ରେଶମ ଚାଷୀଙ୍କୁ ସହାୟତା ଦିଆଯିବ। କ୍ଷତିଗ୍ରସ୍ତ ଅଞ୍ଚଳରେ ସରକାରଙ୍କ ସହାୟତା ବୃଦ୍ଧି ପାଇଁ ପ୍ରାୟ ୩୦ ହଜାର ଚାଷୀ ଥିବା ୨୦୦ ପ୍ରଡ୍ୟୁସର ଗ୍ରୁପକୁ ପ୍ରୋତ୍ସାହନ ଦିଆଯିବ। ପ୍ରତ୍ୟେକ ପ୍ରଡ୍ୟୁସର ଗ୍ରୁପକୁ ୩ ଲକ୍ଷ ଟଙ୍କା ଲେଖାଏ ଦିଆଯିବ। ଚାଷ କାର୍ଯ୍ୟରେ ଲିପ୍ତ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଅତିରିକ୍ତ ୫ ହଜାର ଟଙ୍କା ଲେଖାଏ ସିଡ୍ ମନି ଦିଆଯିବ। ୩୩ ପ୍ରତିଶତ ବା ଅଧିକ ଫସଲ କ୍ଷତି କ୍ଷେତ୍ରରେ ଚାଷୀମାନଙ୍କୁ ଭୂ ରାଜସ୍ୱ ବାବଦ ସେସ୍ ଏବଂ ଜଳକର ସମ୍ପୂର୍ଣ୍ଣ ଛାଡ଼ କରାଯିବ। ବୈଠକରେ ଉନ୍ନୟନ କମିଶନର୍ ଆର୍ ବାଲକ୍ରିଷ୍ଣନ୍, ଏସ୍‌ଆର୍‌ସି ବିଷ୍ଣୁପଦ ସେଠୀ, ଶକ୍ତି ସଚିବ ହେମନ୍ତ ଶର୍ମା, କୃଷି ସଚିବ ସୌରଭ ଗର୍ଗ, ବିପର୍ଯ୍ୟୟ ଓ ପ୍ରଶମନ ସଚିବ ଡ. ଚନ୍ଦ୍ରଶେଖର କୁମାରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

### ହାଇକୋର୍ଟ ବାର୍‌ରୁ ...

ଏଥିରେ ହାଇକୋର୍ଟ ବାର୍ ଆସୋସିଏସନ୍‌ର ସଭାପତି ଶ୍ରୀକାନ୍ତ ନାୟକ, ବାର୍‌ର ସମ୍ପାଦକ ସତ୍ୟବ୍ରତ ମହାନ୍ତି, କଟକ ବାର୍‌ର ସଭାପତି ଉମାକାନ୍ତ ନନ୍ଦ, ଉପ ସଭାପତି କୃପାସିନ୍ଧୁ ସାହୁ, କ୍ରିମିନାଲ୍ କୋର୍ଟସ୍ ବାର୍ ଆସୋସିଏସନ୍‌ର ସଭାପତି ଅକ୍ଷୟ କୁମାର ପତି, ସମ୍ପାଦକ ପ୍ରଦୀପ୍ ପରିଡ଼ା, ଆଇନଜୀବୀ ବିଭୁ ପ୍ରସନ୍ନ ମହାପାତ୍ର, ଆଇନଜୀବୀ ତାପସ ଦ୍ୱିବେଦୀ ସର୍ବେଶ୍ୱର ନାୟକ, ଘନଶ୍ୟାମ ମୁଦୁଲି, ଗିରିଜା ଶଙ୍କର ନାୟକ, ସୂର୍ଯ୍ୟକାନ୍ତ ପଲାଇ ପ୍ରମୁଖ ଯୋଗ ଦେଇଥିଲେ। ସୂଚନା ଅନୁଯାୟୀ ଶନିବାର ଭୁବନେଶ୍ୱର ବାର ଆସୋସିଏସନ ପକ୍ଷରୁ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି।

## ଶୈଶବ ହିଁ ସର୍ବଶ୍ରେଷ୍ଠ ସମୟ : ରାଜ୍ୟପାଳ

**ଭୁବନେଶ୍ୱର :** ଶୈଶବରେ ହିଁ ବ୍ୟକ୍ତିର ଭବିଷ୍ୟତ ନିର୍ଦ୍ଦିଷ୍ଟ ହୋଇଥାଏ । ଜୀବନର ଏହି ସମୟ ସବୁଠୁ ଗୁରୁତ୍ୱପୂର୍ଣ୍ଣ । ଶିଶୁମାନେ ଅସୀମ ଶକ୍ତି ଓ ସାମର୍ଥ୍ୟର ଆଧାର । ଏହାର ସଫଳ ଉପଯୋଗ ନିମନ୍ତେ ଅନୁକୂଳ ପରିବେଶ ନିର୍ମାଣ କରିବାକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଆହ୍ୱାନ ଦେଇଛନ୍ତି। ଶୁକ୍ରବାର କିଟ୍ ବିଶ୍ୱବିଦ୍ୟାଳୟ କନ୍‌ଭେନ୍‌ସନ୍ ହଲ୍‌ରେ ଆୟୋଜିତ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଷ୍ଟମ ପ୍ରତିଷ୍ଠା ଉତ୍ସବ ଓ ଦୁଇଦିନିଆ ଜାତୀୟ ସମ୍ମିଳନୀର ଉଦ୍‌ଯାପନ ସମାରୋହରେ ଯୋଗଦେଇ ରାଜ୍ୟପାଳ କହିଲେ ଯେ ଶିଶୁମାନେ ହେଉଛନ୍ତି ଅଜ୍ଞାନ ସନ୍ଥ ଓ ସନ୍ଥମାନେ ହେଉଛନ୍ତି ଜ୍ଞାନୀ ଶିଶୁ। ଶିଶୁମାନଙ୍କର ବିକାଶ ଏକ ରାଷ୍ଟ୍ରୀୟ କର୍ତବ୍ୟ ଓ ଦାୟିତ୍ୱ । ଏଥିପାଇଁ ସମସ୍ତେ ନିଷ୍ଠା ଓ ଆନ୍ତରିକତା ସହ କାର୍ଯ୍ୟ କରିବାକୁ ରାଜ୍ୟପାଳ କହିଛନ୍ତି । ପରିବେଶ ପ୍ରଦୂଷଣ ବର୍ତମାନର ସବୁଠୁ ବଡ଼ ସମସ୍ୟା ।ଏହାର ବେଶୀ ଶିକାର ହେଉଛନ୍ତି ପିଲାମାନେ । ଜଳ, ବାୟୁ, ପୃଥିବୀ ଆଦି ସବୁ ପ୍ରଦୁଷିତ । ପରମାଣୁ ଯୁଦ୍ଧର ଭୟ ସବୁବେଳେ ରହୁଛି । ଏଭଳି ସ୍ଥିତିରେ ପିଲାମାନଙ୍କୁ କିଭଳି ଭବିଷ୍ୟତ ଦେବା ତାହା ହିଁ ଚିନ୍ତାର ବିଷୟ । ସେ ଓଡ଼ିଶାର ବିଭିନ୍ନ ଅଂଚଳକୁ ଗସ୍ତ କରୁଛନ୍ତି ଏବଂ ଗସ୍ତ ସମୟରେ ଜିଲ୍ଲାପାଳମାନଙ୍କୁ ଜିଲ୍ଲାକୁ ଶିଶୁ ଶ୍ରମିକମୁକ୍ତ କରିବା ସହ ସବୁ ପିଲା ଯେଭଳି ବିଦ୍ୟାଳୟକୁ ଯିବେ, ସେଥି ନିମନ୍ତେ ବିଶେଷ ବ୍ୟବସ୍ଥା କରିବାକୁ ପରାମର୍ଶ ଦେଉଛନ୍ତି । ଶିଶୁମାନେ ହିଁ ଦିବ୍ୟତ୍ୱ ଓ ଦେବତ୍ୱର ପ୍ରତୀକ ଏହାକୁ ଅନୁଭବ କରି ଶିଶୁମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି । ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଶିଶୁ ଅଧିକାର ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇ ଏହି କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ, କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହୃଷିକେଶ ମହାନ୍ତି, ୟୁନିସେଫ୍‌ର ରାଜ୍ୟ ଅଧିକାରୀ ଅଳକା ଗୁପ୍ତା, ଶିଶୁ ଅଧିକାର କର୍ମୀ ଇନାକ୍ଷୀ ଗାଙ୍ଗୁଲୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ ।ଏହି ଉପଲକ୍ଷେ ଶିଶୁ ଅଧିକାର ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟକରୁଥିବା ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଜାତୀୟ ସମ୍ମିଳନୀରେ ଆନ୍ଧ୍ରପ୍ରଦେଶ, ଚଣ୍ଡିଗଡ଼, ଗୋଆ, କେରଳ, ହରିଆଣା, ମଧ୍ୟପ୍ରଦେଶ, ମଣିପୁର, ନୂଆଦିଲ୍ଲୀ, ପଞ୍ଜାବ, ରାଜସ୍ଥାନ, ସିକିମ୍, ତାମିଲନାଡୁ, ଉତରାଖଣ୍ଡ ଓ ପଶ୍ଚିମବଙ୍ଗର ପ୍ରତିନିଧିମାନେ ଯୋଗଦେଇଥିଲେ।




# ମହତ ଉଦ୍ଦେଶ୍ୟ ଥିଲେ କାର୍ଯ୍ୟରେ ସଫଳତା ମିଳେ

ନିଜସ୍ୱ ଅନୁଭୂତିକୁ ଅନ୍ୟମାନଙ୍କ ପାଖରେ ବାଣ୍ଟିବା ଏବଂ ତାହା ଏକ ଗଣମାଧ୍ୟମରେ ପ୍ରକାଶିତ ହେବା ଏହା ବହୁତ କମ୍ ଲୋକଙ୍କ ଭାଗ୍ୟରେ ଜୁଟିଥାଏ। କିନ୍ତୁ ମୋର ସୌଭାଗ୍ୟ ଯେ, ଆପଣମାନଙ୍କ ପାଖରେ ମଧ୍ୟ ପହଞ୍ଚି ପାରୁଛି। ତେବେ ଏପରି ଏକ ସ୍ତମ୍ଭ ଲେଖିବା ବେଳକୁ ଭାବିଥିଲି ଯେ, କେବଳ ଗୋଆ ସମ୍ପର୍କରେ ମୋ ଅନୁଭତି ସମ୍ପର୍କରେ ଆପଣମାନଙ୍କୁ ସୂଚନା ଦେବି। ହେଲେ ପ୍ରଥମ ଦୁଇ ତିନିଟି ସ୍ତମ୍ଭ ପରେ ମୋ ଭାବନାରେ ପରିବର୍ତ୍ତନ ଆଣିଲି। କାରଣ ଆପଣ ବି ମୋ ଅନୁଭୂତିକୁ ଅନୁଭବ କଲେ ହିଁ ପ୍ରକୃତ ପର୍ଯ୍ୟଟକର ମଜା ନେଇ ପାରିବେ। ତେବେ ଏଇ କଥାକୁ ଏଇଠି ରଖି ଏବେ ଆସନ୍ତୁ ଆମେ ଗୋଆର ଆଉ ଏକ ଚର୍ଚ୍ଚ ବିଷୟରେ ଜାଣିବା। ଗାଡି ଆଗକୁ ବଢ଼ିବା ସହ ମୋତେ ମୋର ଗାଡି ଚାଳକ ସୂଚନା ଦେବାରେ ଲାଗିଥିଲେ ଯେ, ଆଜି ଆମେ ସେଣ୍ଟ୍ କାଜଟୋନ୍ସ ଚର୍ଚ୍ଚକୁ ଯାଉଛେ। ଯାହା ଗୋଆର ଅନ୍ୟତମ ପ୍ରାଚୀନ ଚର୍ଚ୍ଚ। ତେବେ କଥାବାର୍ତ୍ତା ହେବା ଭିତରେ ଆମେ ପହଞ୍ଚିଥିଲୁ ପୁରୁଣା ଗୋଆର ଏହି ଚର୍ଚ୍ଚ ନିକଟରେ। ପ୍ରକୃତରେ ଏହି ଚର୍ଚ୍ଚଟି ବାହାରୁ ଦେଖିବାକୁ ଖୁବ ସୌନ୍ଦର୍ଯ୍ୟମୟ ଥିଲା। ମୋ ସହିତ କିଛି ଦିନ ହେବ ଯୋଡି ହୋଇଥିବା ସୁମିତ୍ ଅର୍ଥାତ୍ ଗାଇଡ୍ ଏବଂ ଡ୍ରାଇଭର ମୋତେ ସୂଚନା ଦେଲେ ଯେ, ଏହି ଚର୍ଚ୍ଚର ନିର୍ମାଣ ଶୈଳୀ ରୋମ୍‌ରେ ସେଣ୍ଟ ପିଟର୍ସ ବାସିଲିକାର ଶୈଳୀ ସହ ସାମଞ୍ଜସ୍ୟ ରହିଛି। ସେ ଆହୁରି ମଧ୍ୟ ସୂଚନା ଦେଲେ ଯେ, ଏହି ଚର୍ଚ୍ଚଟି ୧୬୬୫ ମସିହା ବେଳକୁ ନିର୍ମିତ ହୋଇଥିଲା। ସତ ହେଲେ ମୁଁ କିନ୍ତୁ ଚର୍ଚ୍ଚର ନିର୍ମାଣ ଶୈଳୀ ଦ୍ୱାରା ଏତେ ପ୍ରଭାବିତ ଥିଲି ଯେ, କୌଣସି ପ୍ରତିକ୍ରିୟା ଦେଉ ନଥିଲି। ପ୍ରକୃତ କଥା ହେଲା ମୁଁ ଏପର୍ଯ୍ୟନ୍ତ ଯେତେ ଗୁଡିଏ ଚର୍ଚ୍ଚର ଚିତ୍ରକୁ ଦେଖିଥିଲି ସେ ସବୁଠାରୁ ଏ ଚର୍ଚ୍ଚର ନିର୍ମାଣ ଶୈଳୀ ସମ୍ପୂର୍ଣ୍ଣ ଭିନ୍ନ ଥିଲା। ଆପଣମାନେ ମଧ୍ୟ ଏହି ଚର୍ଚ୍ଚର ଚିତ୍ରକୁ ଦେଖିଲେ ଅନୁମାନ କରି ପାରିବେ। ତେବେ ଆମେ ଯେତେବେଳେ ଭିତରକୁ ପ୍ରବେଶ କଲୁ ଚର୍ଚ୍ଚ ଭିତରର କାରୁକାର୍ଯ୍ୟ ମଧ୍ୟ ଦେଖିବା ଭଳିଆ। ଭିତରେ ରହିଛି ଆଠୋଟି ସ୍ତମ୍ଭ ଏବଂ ୬ ଗୋଟି ବେଦୀ। ମୁଖ୍ୟ ବେଦୀଟି ଲେଡି ଅଫ୍ ଡିଭାଇନ୍ ପ୍ରୋଭିଡେନ୍ସଙ୍କ ଉଦ୍ଦେଶ୍ୟରେ ସମର୍ପିତ। ମଦର ମେରୀ ଏଠାରେ ଉପସିତ ହେଉଛନ୍ତି। ସବୁ ସ୍ଥାନରେ ସେହି ମାତୃଶକ୍ତି। ଆପଣ ଜୀବନ ସଂଘର୍ଷରେ ଯେତେବେଳେ କେଉଁଠାରେ ବି ବିପଦରେ ପଡିବେ ସେତେବେଳେ ମାତୃଶକ୍ତିଙ୍କୁ ସ୍ମରଣ କରନ୍ତୁ ନିହାତି ଆପଣଙ୍କୁ ସଫଳତା ମିଳିବ। ଏଇକଥାଟି ବୋଧେ ବିଶ୍ୱର ସବୁ ଧର୍ମରେ ରହିଛି। ଏହିକଥାକୁ ମନେ ମନେ ଭାବି ମୁଁ ମଦର ମେରୀଙ୍କ ନିକଟରେ ପ୍ରାର୍ଥନା କରିବାରେ ଲାଗିଲି। ଏହାପରେ ଆମେ ଚର୍ଚ୍ଚର ବିଭିନ୍ନ ସ୍ଥାନ ବୁଲିବାରେ ଲାଗିଲୁ। ପ୍ରକୃତରେ ଚର୍ଚ୍ଚଟି ଏତେ ସୁନ୍ଦର ପରିବେଶରେ ଅବସ୍ଥିତ ଯେ, ଆପଣ ଅନେକ ସମୟରେ ଏଠାରେ କାଟିବାକୁ ଇଚ୍ଛା କରିବେ। ଆଉ ଏକ ବିଶେଷତ୍ତବ ମଧ୍ୟ ଦେଖିବାକୁ ପାଇଲି ଚର୍ଚ୍ଚ ଭିତରେ ଅନେକ ଦେଶୀ ବିଦେଶୀ ପର୍ଯ୍ୟଟକ ଉପସ୍ଥିତ ଥିଲେ ମଧ୍ୟ ପରିବେଶ ଥିଲା କିନ୍ତୁ ପୁରା ଶାନ୍ତ। ପ୍ରକୃତରେ ଏହି ଚର୍ଚ୍ଚ ନିର୍ମାଣ ପଛରେ ମଧ୍ୟ ଏକ ସୁନ୍ଦର ଇତିହାସ ରହିଛି। ଯାହା ମୁଁ ଚର୍ଚ୍ଚ ବୁଲିବା ସମୟରେ ମୋର ଗାଇଡ ସୁମିତ୍





ମୋତେ ଶୁଣାଇଲେ। ପ୍ରକୃତରେ ତିନିଜଣ ଥିଟାଇନ୍ ଭିକ୍ଷୁ ଖ୍ରୀଷ୍ଟ ଧର୍ମର ପ୍ରଚାର କରିବା ପାଇଁ ଭାରତ ଆସିଥିଲେ। ସେମାନେ ପ୍ରଥମେ ଗୋଲକୁଣ୍ଡାରେ ଏହି ଧର୍ମ ପ୍ରଚାର କରିବା ପାଇଁ ଚେଷ୍ଟା କରିଥିଲେ ହେଲେ ସେଠାରେ ତାହା ସମ୍ଭବ ହୋଇ ପାରିନଥିଲା। ଏହାପରେ ସେମାନେ ଗୋଆକୁ ଆସିଥିଲେ। ସେମାନେ ଗୋଆରେ ଏକ ହସ୍ପିଟାଲ ପ୍ରତିଷ୍ଠା କରିବା ପାଇଁ ଚେଷ୍ଟା କରିଥିଲେ ହେଲେ ତତ୍କାଳୀନ ପର୍ତ୍ତୁଗୀ ଶାସକ ସେମାନଙ୍କୁ ଏହି ହସ୍ପିଟାଲ ନିର୍ମାଣ କରିବା ପାଇଁ ଅନୁମତି ଦେଇ ନଥିଲେ। ହେଲେ ଏଥିରେ ହାରି ନଯାଇ ସେମାନେ ପର୍ତ୍ତୁଗୀଜ ଯାଇ ସେଠାକାର ରାଜାଙ୍କୁ ଗୋଆରେ ଏକ ହସ୍ପିଟାଲ ନିର୍ମାଣ କରିବା ପାଇଁ ଅନୁମତି ମାଗିଥିଲେ ତତ୍କାଳୀନ ରାଜା ଭିକ୍ଷୁ ମାନଙ୍କର ମହତ ଉଦ୍ଦେଶ୍ୟ ସମ୍ପର୍କରେ ଜାଣି ସାରିବା ପରେ ସେମାନଙ୍କୁ ଗୋଆରେ ଏକ ହସ୍ପିଟାଲ ନିର୍ମାଣ କରିବା ପାଇଁ ଅନୁମତି ଦେଇଥିଲେ। ଆଉ ତା'ପରେ ସେମାନେ ଗୋଆକୁ ଆସିଲେ ଏବଂ ହସ୍ପିଟାଲ ନିର୍ମାଣ କଲେ ଏବଂ ପରବର୍ତ୍ତୀ ସମୟରେ ଏଠାରେ ନିର୍ମାଣ କଲେ ଏହି ସେଣ୍ଟ କାଟେଜାନ୍ ଚର୍ଚ୍ଚ। ଏହି କଥାଟି ଶୁଣୁ ଶୁଣୁ ଆମର ଚର୍ଚ୍ଚ ବୁଲିବା ଶେଷ ହୋଇଥିଲା। କିନ୍ତୁ ମୋର ଗାଇଡ୍ ମୋତେ ଶୁଣାଇଥିବା ଇତିହାସର ସେହି କଥାଟି ମୋର ମନରେ ଗୋଟିଏ ଭାବନା ସୃଷ୍ଟି କରିଥିଲା। ତାହା ହେଲା ଯଦି ଆପଣ ମହତ ଉଦ୍ଦେଶ୍ୟ ରଖି କୌଣସି କାର୍ଯ୍ୟ ଆରମ୍ଭ କରିବେ ତା'ହେଲେ ଯେତେ ବାଧା ବନ୍ଧକ ଆସିଲେ ମଧ୍ୟ କାର୍ଯ୍ୟରେ ପ୍ରାୟତଃ ସଫଳତା ମିଳିଥାଏ।

*କ୍ରମଶଃ...*




ଉପସ୍ଥାପନା
ଜାହ୍ନବୀସୁତ





# ନିରବ ଘାତକ ସାଜିଛି କେମିକାଲ

**ପାରାଦୀପ :** ପାରାଦୀପ ବନ୍ଦରରେ ପରିବେଶ ପ୍ରଦୂଷଣର ମାତ୍ର ଚରମ ସୀମାରେ ପହଞ୍ଚିଥିବାବେଳେ ଏବେ ବିଭିନ୍ନ ପ୍ରକାର କେମିକାଲ ଖାଦ୍ୟରେ ମିଶ୍ରଣକୁ ନେଇ ଦିନକୁ ଦିନନୂଆ ବ୍ୟବସ୍ଥା ମାନ ନଜରକୁ ଆସୁଛି । ଏସବୁ କେମିକାଲ ବିଭିନ୍ନ ଉପାୟରେ ଭିନ୍ନ ଭିନ୍ନ ଖାଦ୍ୟ ମାଧ୍ୟମରେ ପେଟକୁ ଯାଇ ଶରୀର ପାଇଁ ନୀରବ ଘାତକ ସାଜୁଛି ଏଠାରେ ସୂଚନା ଯୋଗ୍ୟ ଗତ ୧୦ବର୍ଷ ହେଲା ମାଛ ଓ ଶୁଖୁଆରେ ବ୍ୟବସାୟୀ ମାନେ ଫର୍ମାଲିନ କେମିକାଲ ମିଶାଇ ବଜାରକୁ ଛାଡୁ ଥିବାବେଳେ ସରକାରୀ ସ୍ତରରେ ଏନେଇ କୌଣସି ପ୍ରତିକାର ବ୍ୟବସ୍ଥା କରାଯାଇ ପାରୁନାହିଁ । ଏଭଳି ପରିସ୍ଥିତିରେ କୁକୁଡା ମାସଂକୁ ନେଇ ଚାରିଆଡେ ଚର୍ଚ୍ଚା ଆରମ୍ଭ ହୋଇଗଲାଣି । କୁକୁଡା ମାସଂକୁ ଅଧିକ ସମୟ ସତେଜ ରଖିବା ପାଇଁ ଏକ ପ୍ରକାର କେମିକାଲ ମିଶାଯାଉଛି ତାହା ନାମ ହେଲା କୋଲିଷ୍ଟିନ । ଏଠାରେ ସୂଚନା ଯୋଗ୍ୟ ଯେ ଭାରତ ସମେତ ୩୬ଟି ଦେଶ ଏହି କୋଲିଷ୍ଟିନକୁ ନିଷିଦ୍ଧ କରିଛନ୍ତି । ଏହି ଅଭିଯୋଗ ଖୋଦ କେନ୍ଦ୍ରମନ୍ତ୍ରୀ ମେନେକା ଗାନ୍ଧୀ ଗତ ଅଗଷ୍ଟ ୧୩ରେ କହିଥିଲେ । ଏସମ୍ପର୍କରେ କେତେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମଧ୍ୟ ସରକାରଙ୍କ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଲେଣି । ଏଠାରେ କହିବା ବାହୁଲେଯେ ମାଛରେ ଫର୍ମାଲିନ ଓ ମାସଂରେ କୋଲିଷ୍ଟିନ୍‌କୁ ତଦାରଖ କରିବା ପାଇଁ ପଶୁପାଳନ, ସ୍ୱାସ୍ଥ୍ୟ ଓ ପରିବେଶ ମନ୍ତ୍ରଣାଳୟଟିଏ ଅଛି କିନ୍ତୁ ସଂପୃକ୍ତ ବିଭାଗର ଉଦାସୀନତା ବଳରେ ନିଷକ କେମିକାଲ ଦେଶର ପ୍ରାୟ ସବୁ ଅଞ୍ଚଳରେ ଅବାଧରେ ବ୍ୟବହାର ହେଉଛି । ନଦୀ, ପୋଖରୀ,ଘେରୀ, ସମୁଦ୍ରକରୁ ଧରାଯାଉଥିବା ମାଛକୁ ଅଧିକଦିନ ସତେଜ ରଖିବା ପାଇଁ ବରଫ ବ୍ୟବହାର ହୋଇଛି । ସେହି ବରଫ ବାକ୍ସ ବା ପେଟିରେ ଫର୍ମାଲିନ କେମିକାଲ ମିଶାଇ ଦେଲେ ମାଛ ଆଉ ଦବିବ ନାହିଁ। ଆହୁରି ମଧ୍ୟ ଶୁଖୁଆ କରିବା ପାଇଁ ସେଥିରେ ଭିନ୍ନ ଭାବରେ କେମିକାଲ ମିଶାଯାଉଛି । ଫର୍ମାଲିନ ସାଧାରଣତଃ ପ୍ଲାଷ୍ଟିକ୍, ଚମଡା କାରଖାନାରେ ବ୍ୟବହାର ହୁଏ ଏହା ବ୍ୟତୀତ ମୃତଦେହ ଧରି ସଂରକ୍ଷିତ ରଖିବା ପାଇଁ ଏଭଳି କେମିକାଲ ବ୍ୟବହାର କରାଯିବ଼ଶ । ସେହିଭଳି କୁକୁଡା ଚାଷୀ ମାନଙ୍କ କୁକୁଡାକୁ ଅଧିକ ଦିନ ବଞ୍ଚାଇ ରଖିବା ପାଇଁ କୋଲିଷ୍ଟି ନାମକ କେମିକାଲ ବ୍ୟବହାର କରନ୍ତି ଫର୍ମାଲିନ ଓ କୋଲିଷ୍ଟିନ କେମିକାଲ ଗୁଡିକ ଲୋକମାନେ ବିଭିନ୍ନ ପ୍ରକାର ରୋଗରେ ପଡନ୍ତି ଲୋକମାନଙ୍କର ଶରୀର କୁ ଗଲେ ଶରୀରରେ ରୋଗପ୍ରତିରୋଧକ ଶକ୍ତି କମିଯାଏ ଏହାଫଳରେ କିଡିନୀ ଅଚଳ ହେବା ସହ ଚର୍ମରୋଗ ରକ୍ତହୀନତା ଶକ୍ତି କମିଯାଏ ଏହା ଫଳରେ କିଡିନୀ ଅଚଳ ହେବା ସହ ଚର୍ମରୋଗ ରକ୍ତହୀନତା ସ୍ନାୟୁଗତ ରୋଗ ଆଦି ଦେଖାଯାଏ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀମତୀ ଗାନ୍ଧୀ ଉଲ୍ଲେଖ କରିଛନ୍ତି । ବିଡମ୍ବନାର ବିଷୟ ଏହିକି ଯେ ଲୋକମାନେ ଏହାର ପ୍ରତିବାଦରୁ ନଥିବାରୁ ସରକାରଙ୍କ ଚେତା ପଶୁନାହିଁ ଏବେ ଏହି ପ୍ରସଙ୍ଗକୁ ନେଇ ପାରାଦୀପର ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ପଶୁପାଳନ ମନ୍ତ୍ରାଳୟ, ପରିବେଶ ମନ୍ତ୍ରାଳୟ ଓ ସ୍ୱାସ୍ଥ୍ୟ ମନ୍ତ୍ରାଳୟକୁ ତଥ୍ୟ ମାଗିଛି ଉପରୋକ୍ତ ୩ ବିଭାଗ କିଭଳି ଏହାର ଯାଞ୍ଚ କରୁଛନ୍ତି ତାହା ଦେଖିବାକୁ ଏବେ ବାକି ରହିଲା ।

# ଦଲାଲଙ୍କ କବ୍‌ଜାରେ ଗରଦପୁର ବ୍ଲକ

**ଗରଦପୁର :** ବଦବେତରା ପଞ୍ଚାୟତର କୁସୁନପୁର ଗ୍ରାମର କଲ୍ୟାଣୀ ମଣ୍ଡପ ଓ ଶବଦାହ ଗୃହ ଦୀର୍ଘ ଦୁଇବର୍ଷ ଧରି କାର୍ଯ୍ୟ ଅଧା ହୋଇ ପଡିରହିଛି। ଏନେଇ ଆମେ ବିଡିଓଙ୍କ ପ୍ରତିକ୍ରିୟା ନେବା ପାଇଁ ବ୍ଲକ ପରିସରରେ ପହଞ୍ଚିଥିଲୁ। କୌଣସି କାରଣବସତଃ ବିଡିଓ ବ୍ଲକରେ ଉପସ୍ଥିତ ନଥିଲେ। ବ୍ଲକ ପରିସରରେ ଥିବା ଅଫିସ ଗୃହ ମାନଙ୍କରେ ନାମଫଳକ ନଥିବା କାରଣରୁ ଆମେ ଦ୍ୱନ୍ଦ୍ୱରେ ପଡିଯାଇଥିଲୁ। ଦୀର୍ଘ ଏକଘଣ୍ଟା ଧରି ଏପଟ ସେପଟ ହେବା ପରେ ଆମେ ପହଞ୍ଚିଥିଲୁ ବଡବାବୁଙ୍କ ପାଖରେ। ବଡବାବୁ ଅଫିସ ଗୃହ ମଧ୍ୟରେ ଖାଉଥିବାର ଦେଖିବାକୁ ମିଳିଥିଲା। ବଡବେତରା ପଞ୍ଚାୟତର ମଶାଣି ଗୃହ ଓ କଲ୍ୟାଣୀ ମଣ୍ଡପ ଅଧାହୋଇ ପଡିଥିବାରୁ ଆମେ ଜେଇଙ୍କ ପ୍ରତିକ୍ରିୟା ନେବା ପାଇଁ ବଡବାବୁଙ୍କୁ କହିଥିଲୁ। କିନ୍ତୁ ସେ ଅନୁପସ୍ଥିତ ଥିବାର ସୂଚନା ଦେଇଥିଲେ। ପରେ ଆମେ ଆସି ପହଞ୍ଚିଥିଲୁ ସାଧାରଣ କିରଣରୀଙ୍କ ପାଖରେ। ସେଠାକାର ଗୃହ ଲାଇନ ନଥିବା କାରଣରୁ ଅନ୍ଧକାର ଥିଲା। ବ୍ଲକ ପରିସରରେ ଜେନେରେଟର ଆଉ ମଧ୍ୟ ଜଳୁନଥିବାର ଦେଖିବାକୁ ମିଳିଥିଲା। ଏହାର କାରଣ ଆମେ ବୁଝିବାକୁ ଚେଷ୍ଟା କରୁଥିବା ସମୟରେ ହଠାତ୍ ଏକ ଦଲାଲ ସାମ୍ବାଦିକମାନଙ୍କୁ ଦୁର୍ବ୍ୟବହାର କରିଥିଲେ। ବଡବାବୁ ଯେତେ କହିଲେ ମଧ୍ୟ ସେ ଦଲାଲ ଶୁଣିବା ପାଇଁ ପ୍ରସ୍ତୁତ ନଥିଲେ। ଯେତେ ବୁଝାଇଲେ ମଧ୍ୟ ଭର୍ତ୍ସନା କରିଚାଲିଥିଲେ। ଏଭଳି ପରିସ୍ଥିତିରେ ଗରଦପୁର ବ୍ଲକ କାହା ଛତ୍ରଛାୟା ତଳେ ଚାଲୁଛି ଓ ଏଠାରେ କିଭଳି ଭାବେ ଅଫିସରମାନେ କାମ କରୁଛନ୍ତି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।



# ଲମ୍ବା ବାଣ ବିକ୍ରି ସମ୍ପୂର୍ଣ୍ଣ ନିଷେଧଃ ଏସ୍‌ପି

**ସୋନପୁର :** ଦେଶର ଦୀପାବଳି ଦିନ ଶବ୍ଦ ପ୍ରଦୂଷଣ କମ କରିବା ସାଙ୍ଗକୁ ବିପଜ୍ଜନକ ଅବସ୍ଥାରେ ବାଣ ଫୁଟା ସର୍ବୋଚ୍ଚ ନ୍ୟାୟାଳୟ ଜାରି କରିଥିବା ସ୍ୱତନ୍ତ୍ର କଟକଣାକୁ ସୁବର୍ଣ୍ଣପୁର ଜିଲାରେ କଡାକଡି ପାଳନ କରାଯିବ ବୋଲି ଆରକ୍ଷୀ ଅଧୀକ୍ଷକ ଦେବୀ ପ୍ରସାଦ ଦାସ ଏକ ସାମ୍ବାଦିକ ସମ୍ମିଳନୀରେ ସ୍ୱଷ୍ଟ କରିଛନ୍ତି । ପୁଲିସ ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ଆରକ୍ଷୀ ଅଧିକ୍ଷକ ସୂଚନା ଦେଇ କହିଛନ୍ତି ଯେ, ଦୀପାବଳି ରାତି ୮ ଟାରୁ ୧୦ ଟା ମଧ୍ୟରେ ହିଁ ବାଣ ଫୁଟା ଯାଇପାରିବ । ଚେନ୍ ଥିବା ବାଣ କିମ୍ବା ଲମ୍ବା ବାଣ ବିକ୍ରୀ ସମ୍ପୂର୍ଣ୍ଣ ନିଷେଧ କରାଯିବା ସହ ଅନ୍ ଲାଇନରେ କ୍ରୟ କରାଯାଇଥିବା ବାଣକୁ ମଧ୍ୟ ନିଷେଧ କରାଯାଇଛି । ଜିଲାର ପ୍ରତ୍ୟେକ ସହରାଞ୍ଚଳ କିମ୍ବା ଗ୍ରାମାଞ୍ଚଳରେ ଲୋକେ ନିଜ ଘର ଆଗରେ ବାଣ ନଫୁଟାଇ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ପରିବେଶ ପ୍ରଦୂଷିତ କରୁ ନଥିବା ବାଣ ଫୁଟାଇବେ। ଏଥିପାଇଁ ସମ୍ପୃକ୍ତ ପଞ୍ଚାୟତର



ସରପଞ୍ଚ କିମ୍ବା ଲୋକ ପ୍ରତିନିଧିଙ୍କ ସହ ଯୋଗାଯୋଗ ରକ୍ଷା କରି ସ୍ଥାନ ନିରୁପଣ କରାଯିବ। ସେହିପରି ଡାକ୍ତରଖାନା, କୋର୍ଟ, ଶିକ୍ଷାନୁଷ୍ଠାନ, ନର୍ସିଂ ହୋମ ଆଦି ନିରବ ଅଞ୍ଚଳରେ ବାଣ ଫୁଟାଇବାକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । ବାଣ ବିକ୍ରି ପାଇଁ ଲାଇସେନ୍ସ ଦେବା ସମୟରେ ବାଣ ବିକ୍ରି କରୁଥିବା ଦୋକାନୀ ବାଣ କ୍ରୟ କରିଥିବା ବିଲ ଦାଖଲ କରିବେ ନଚେତ ବାଣ ସବୁକୁ ଜବତ କରାଯିବ ବୋଲି ସେ ସ୍ୱଷ୍ଟ କରି ଦେଇଛନ୍ତି। ଏହା ସହିତ ପ୍ରତ୍ୟେକ ସହରାଞ୍ଚଳରେ ଏକ ନିର୍ଦ୍ଦିଷ୍ଟ ଖୋଲା ଅଞ୍ଚଳରେ ବାଣ ବିକ୍ରି ପାଇଁ ଅନୁମତି ଦିଆଯିବ । ତେବେ ପୂର୍ବ ବର୍ଷ ମାନଙ୍କରେ ଜିଲା ସଦର ମହକୁମାର ଟାଉନ ହଲରେ ବାଣ ବିକ୍ରି ପାଇଁ ଅନୁମତି ଦିଆଯାଉଥିବା ବେଳେ ଲୋକ ଗହଳିକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଟାଉନ ହଲ ପରିବର୍ତ୍ତେ ରୟାଲ ପଡିଆରେ ବାଣ ବିକ୍ରି ପାଇଁ ଅନୁମତି ଦିଆଯିବ ବୋଲି ଆରକ୍ଷୀ ଅଧୀକ୍ଷକ ସୂଚନା ଦେଇଛନ୍ତି । ଏଥିପାଇଁ ଜିଲାର ପ୍ରତ୍ୟେକ ଥାନା ଅଞ୍ଚଳରେ ସମ୍ପରକ୍ତ ଥାନା ଅଧିକାରୀ ମାନେ ବିଶେଷ ଧ୍ୟାନ ଦେବା ସହ ଏଥିପାଇଁ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଆବଶ୍ୟକ ଜନସଚେତନତା ମଧ୍ୟ ସୃଷ୍ଟି କରିବାକୁ ସେ ପରାମର୍ଶ ଦେଇଥିଲେ। ଏପରିକି ସର୍ବୋଚ୍ଚ ନ୍ୟାୟାଳୟଙ୍କ କଟକଣାକୁ ପ୍ରଚାରପତ୍ର ମାଧ୍ୟମରେ ମଧ୍ୟ ବଣ୍ଟାଯିବାକୁ ସେ ପରାମର୍ଶ ଦେଇଛନ୍ତି।






## ଫେବୃଆରୀ ୨୦ରୁ ବିଶ୍ୱସ୍ତରୀୟ ପୁସ୍ତକ ମେଳା

**ଭୁବନେଶ୍ୱର :** ଆସନ୍ତା ଫେବୃଆରୀ ୨୦ରୁ ୨୮ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଭୁବନେଶ୍ୱରରେ ଅନୁଷ୍ଠିତ ହେବ ବିଶ୍ୱସ୍ତରୀୟ ପୁସ୍ତକମେଳା। ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ଏହି ମେଳାରେ ଓଡ଼ିଆ ଏବଂ ଅନ୍ୟାନ୍ୟ ଭାଷାରେ ପ୍ରକାଶିତ ପୁସ୍ତକଗୁଡ଼ିକର ବିକ୍ରି ଉପରେ ୧୦ ଓ ୫ ପ୍ରତିଶତ ରିହାତି ପ୍ରଦାନର ବ୍ୟବସ୍ଥା କରାଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ, ଓଡ଼ିଆ ଭାଷା ପ୍ରତିଷ୍ଠାନ, ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ଏବଂ ଓଡ଼ିଶା ପୁସ୍ତକ ପ୍ରକାଶକ ଓ ବିକ୍ରେତା ସଂଘ ମେଳା ପରିଚାଳନାର ଦାୟିତ୍ୱ ନେବେ। ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ବିଭାଗୀୟ ନିର୍ଦ୍ଦେଶକ ବିଜୟ ନାୟକ, ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ତମସା ରାଣୀ ଦାସମହାପାତ୍ର, ହରେକୃଷ୍ଣ ମହତାବ, ରାଜ୍ୟ ଗ୍ରନ୍ଥାଗାରର ମୁଖ୍ୟ ଗ୍ରନ୍ଥାଧ୍ୟକ୍ଷ ସନ୍ତୋଷ ଚାଟାର୍ଜୀଙ୍କ ସମେତ ଓଡ଼ିଶା ପୁସ୍ତକ ପ୍ରକାଶକ ଓ ବିକ୍ରେତା ସଂଘ ପକ୍ଷରୁ ଶୁଭେନ୍ଦୁ ଶେଖର ରଥ, ଅଜୟ କୁମାର ପଣ୍ଡା ଓ ବିଭୁପ୍ରସାଦ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ମେ’ ୧୨ରେ ଓଜେଇଇ

**ଭୁବନେଶ୍ୱର :** ୨୦୧୯ ଓଜେଇଇ( ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା) ମେ’ ୧୨ତାରିଖରେ ଅନୁଷ୍ଠିତ ହେବ। ସେହିପରି ଜୁଲାଇ ୨୧ତାରିଖରେ ସ୍ୱତନ୍ତ୍ର ଓଜେଇଇ ହେବ। ଏହାବ୍ୟତୀତ ବୈଷୟିକ ଶିକ୍ଷାର ସମସ୍ତ ପିଜି ପାଠ୍ୟକ୍ରମ ଯଥା, ଏମ୍‌ଟେକ୍, ଏମ୍‌ସିଏ, ଏମ୍‌ବିଏ, ଏମ୍ ଫାର୍ମା ଆଦି ନାମଲେଖା ଲାଗି ପ୍ରବେଶିକା ପରୀକ୍ଷା ପରିଚାଳନାରେ ମଧ୍ୟ ପରିବର୍ତ୍ତନ କରାଯାଇଛି। ଏଣିକି ଏହି ପାଠ୍ୟକ୍ରମଗୁଡ଼ିକର ପ୍ରବେଶିକା ପରୀକ୍ଷା ଅଫ୍ ଲାଇନ୍ ମାଧ୍ୟମରେ ହେବ ନାହିଁ। ଏହି ପିଜି ପାଠ୍ୟକ୍ରମରେ ନାମଲେଖା ଲାଗି ପ୍ରବେଶିକା ପରୀକ୍ଷାଗୁଡ଼ିକୁ ଅନ୍‌ଲାଇନ୍ ମାଧ୍ୟମରେ କରିବାକୁ ମଧ୍ୟ ନିଷ୍ପତ୍ତି ହୋଇଛି। ତେବେ ଓଜେଇଇ ଲାଗି ଫର୍ମ ପୂରଣ ତାରିଖ ଘୋଷଣା କରାଯାଇ ନାହିଁ। ଆସନ୍ତା ଜାନୁଆରୀରେ ଆଉ ଏକ ବୈଠକ ଅନୁଷ୍ଠିତ ହେବା ପରେ ତାହା ସ୍ପଷ୍ଟ ହେବ।

# ଦୁର୍ଘଟଣା, ରୋଗ କାର୍ଡ ଦେଖି ଆସେନାହିଁ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ବିଜୁ ଜନତା ଦଳ ପକ୍ଷରୁ ଉତ୍ତର ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀର ୯ ନମ୍ବର ୱାର୍ଡସ୍ଥିତ ମଣ୍ଡପ ବସ୍ତିରେ ଜନ ସଂପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହ ପଦଯାତ୍ରାରେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଂଶଗ୍ରହଣ କରି ଦଳର ଅନ୍ୟ ନେତା ଓ କର୍ମୀମାନଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇଥିଲେ। ଶ୍ରୀ ପଟ୍ଟନାୟକ ତାଙ୍କ ଅଭିଭାଷଣରେ କହିଥିଲେ ଯେ “ବିଜୁ ଜନତା ଦଳର ପଦଯାତ୍ରା କାର୍ଯ୍ୟକ୍ରମକୁ ମୁଁ ଆପଣମାନଙ୍କୁ ସ୍ୱାଗତ କରୁଛି। ଅକ୍ଟୋବର ୨ରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ସାରା ରାଜ୍ୟରେ ବେଶ୍ ଭଲ ଭାବରେ ଚିଳିଛି। ଏଥିପାଇଁ ଆମର କର୍ମୀ ଭାଇଭଉଣୀମାନଙ୍କୁ ମୋର ଧନ୍ୟବାଦ। ଓଡ଼ିଶାର ସାଢ଼େ ଚାରିକୋଟି ଓଡ଼ିଆଙ୍କ ଭରସାର ପ୍ରତୀକ ହେଉଛି ବିଜୁ ଜନତା ଦଳ ସରକାର। ଆମେ ସବୁବେଳେ ଲୋକଙ୍କ ସାଥିରେ ଅଛୁ ଓ ଲୋକଙ୍କ ପାଇଁ କାମ କରିଚାଲିଛୁ। ଆମେ କଥା ନୁହେଁ, କାମରେ ବିଶ୍ୱାସ କରୁ। ମୁଁ ଆପଣମାନଙ୍କୁ ୪ଟି କଥା କହିଥିଲି। ନମ୍ବର-୧ ଖାଦ୍ୟ ସୁରକ୍ଷା, ନମ୍ବର-୨-ଘର, ନମ୍ବର-୩- ସ୍ୱାସ୍ଥ୍ୟ ଓ ନମ୍ବର-୪- ସାମାଜିକ ନିରାପତ୍ତା। ଭାରତ ସରକାରଙ୍କ ନିୟମରେ ବହୁ ଗରିବ ଲୋକ ଯୋଗ୍ୟ ହିତାଧିକାରୀ ଏ ସବୁ ସୁବିଧାରୁ ବଞ୍ଚିତ ହେଲେ, ଏହା ମୋତ ବହୁତ ବାଧିଲା। ଆପଣଙ୍କ ଟଙ୍କାରେ ଓଡ଼ିଶାବାସୀଙ୍କ ଟଙ୍କାରେ ଆମେ ଆରମ୍ଭ କଲୁ ବିଜୁ ପକ୍କା ଘର, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଏବଂ ମଧୁବାବୁ ପେନ୍‌ସନ୍ ଓ ଆହୁରି ଅନେକ ସାମାଜିକ ନିରାପତ୍ତା ଯୋଜନା। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଆମର ଏକ ଐତିହାସିକ ପଦକ୍ଷେପ।




ବି.ପି.ଏଲ୍, ଏ.ପି.ଏଲ୍ ସମସ୍ତେ ଏ ସୁବିଧା ପାଇବେ। ଆୟୁଷ୍ମାନ ଯୋଜନା ଠାରୁ ଆମ ଯୋଜନା ବହୁତ ଭଲ। ଆପଣ କୁହନ୍ତୁ, ରୋଗ କ’ଣ ବି.ପି.ଏ.ଲ୍ କାର୍ଡ ଦେଖିକି ଆସେ? ଦୁର୍ଘଟଣା କ’ଣ ବି.ପି.ଏଲ୍ କାର୍ଡ଼ ଦେଖିକି ଆସେ? ଯାହାର ବି.ପି.ଏଲ୍ କାର୍ଡ଼ ନାହିଁ, ସେ କ’ଣ କରିବ? ସେମାନଙ୍କ ପାଇଁ ରାଜ୍ୟ ସରକାର ଅଛି। ଆପଣମାନଙ୍କ ସମସ୍ତଙ୍କ ପାଇଁ ରାଜ୍ୟ ସରକାର ଅଛି। ଆୟୁଷ୍ମାନ ଯୋଜନାରେ କେବଳ ବି.ପି.ଏଲ୍ କାର୍ଡ଼ ହୋଲ୍‌ଡରମାନେ ସୁବିଧା ପାଇବେ। କିନ୍ତୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସମସ୍ତେ ସୁବିଧା ପାଇବେ। ଆମ ଯୋଜନା ସମସ୍ତଙ୍କ ପାଇଁ। ଓଡ଼ିଶାର ଲୋକମାନେ ରାଜ୍ୟ ବାହାରେ ମଧ୍ୟ ଚିକିତ୍ସା ସୁବିଧା ପାଇବେ। ଓଡ଼ିଶା ବାହାରେ ରହୁଥିବା ଓଡ଼ିଆମାନେ ମଧ ଏ ସୁବିଧା ପାଇବେ। ବସ୍ତିର ଗରିବ ଲୋକଙ୍କ କଲ୍ୟାଣ ପାଇଁ ଆମେ ଅନେକ ପଦକ୍ଷେପ ନେଇଛୁ। ସେମାନଙ୍କ ପାଇଁ ମଧ୍ୟ ହାଉସିଂ ପ୍ରୋଜେକ୍ଟ କରାଯାଇଛି। ସମସ୍ତଙ୍କ ବିକାଶ ବିଜୁ ଜନତା ଦଳର ଲକ୍ଷ୍ୟ। ଏ ଦିଗରେ ଆମେ କାମ କରି ଚାଲିବା।” ଭୁବନେଶ୍ୱର-ଉତ୍ତର ବିଧାୟକ ପ୍ରିୟଦର୍ଶୀ ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ଆଜିର ଏହି ପଦଯାତ୍ରାରେ ଭୁବନେଶ୍ୱର ଜିଲ୍ଲା ସଭାପତି ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ବିଜୟ ମହାନ୍ତି, ଦେବାଶିଷ ନାୟକ, ସାଂସଦ ପ୍ରସନ୍ନ ପାଟଶାଣୀ, ମେୟର ଅନନ୍ତ ନାରାୟଣ ଜେନା, ଡେପୁଟି ମେୟର କେ. ଶାନ୍ତି, ଭୁବନେଶ୍ୱର ଜିଲ୍ଲା କାର୍ଯ୍ୟକାରୀ ସଭାପତି ବାବୁ ସିଂହ, ଯୁବ ବିଜେଡି ସଭାପତି ଅମରେଶ ପତ୍ରୀ, ପୂର୍ବତନ ମେୟର ମିହିର ମହାନ୍ତିଙ୍କ ସମେତ ଦଳର ବହୁ ନେତା ଓ କର୍ମୀ ଅଂଶଗ୍ରହଣ କରିଥିଲେ।

## ଶିଶୁ କ୍ରୀଡ଼ାବିତ୍ ପ୍ରାର୍ଥନାଙ୍କୁ ‘ରାମେଶ୍ୱର ସମ୍ମାନ’

**ଭୁବନେଶ୍ୱର :** ରାଜଧାନୀର ପୁରାତନ ରାମେଶ୍ୱର ମହାଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଚଳିତ ବର୍ଷ ପାଇଁ ‘ରାମେଶ୍ୱର ସମ୍ମାନ’ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମାଉସୀ ମା’ ଛକଠାରେ ଆୟୋଜିତ ଏହି ଉତ୍ସବରେ ଅତିଥି ଭାବେ ଉତ୍କଳ ସାମ୍ବାଦିକ ସଂଘର ସଭାପତି ବିଭୁତି ଭୂଷଣ କର, ବିଜେପି ନେତା ଅମିୟ ଦାଶ, ମଦନ ମୋହନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ବରିଷ୍ଠ ବୁଦ୍ଧିଜୀବୀ ସୁରେଶ ମନ୍ତ୍ରୀ, ସାମ୍ବାଦିକ ଦୁର୍ଗା ପ୍ରସାଦ ସାମନ୍ତରାୟ, ବରିଷ୍ଠ ଆଇନଜୀବୀ ହୃଦାନନ୍ଦ ରାଉତରାୟ, ଓକିଲ ସଂଘ ସଭାପତି ଦୁର୍ଗାମାଧବ ମିଶ୍ର, ଶିଶୁ କ୍ରୀଡ଼ାବିତ୍ ପ୍ରାର୍ଥନା ଦାଶ, ଆଇନଜୀବୀ ଅଶୋକ ବେହେରା, ଅଭିନେତ୍ରୀ ସଙ୍ଗୀତା ପଟ୍ଟନାୟକ, ଅଭିନେତା ଉଦ୍ୟାନ ଅପରାଜିତ, ବରିଷ୍ଠ ମାନବ ଅଧିକାର ସଙ୍ଗଠକ ଲିଙ୍ଗରାଜ ସାହୁ, ରୋଟାରିଆନ୍ ପିକେ ଜେନା, ଏୟାର କ୍ରାପ୍ଟ ମିହିର କୁମାର ସରନ,



ଯୁବ ସଂଗଠକ ଜ୍ଞାନ ପ୍ରକାଶ ପାଲ, ସାଂସ୍କୃତିକ ଅନୁଷ୍ଠାନ ସୁକନ୍ୟା ଭାରତୀୟ ସାଂସ୍କୃତିକ ଟ୍ରଷ୍ଟକୁ ‘ରାମେଶ୍ୱର ସମ୍ମାନ’ ପ୍ରଦାନ କରାଯାଇଥିଲା। ପରିଶେଷରେ ସୁକନ୍ୟା ପକ୍ଷରୁ ଓଡ଼ିଶୀ ନୃତ୍ୟ, ଭଜନ, ସମ୍ବଲପୁରୀ ନୃତ୍ୟ, ଶିଶୁ ନୃତ୍ୟ ଓ ମେଲୋଡ଼ି ସହ ଆଧୁନିକ ନୃତ୍ୟ ପରିବେଷଣ କରାଯାଇଥିଲା। ଟ୍ରଷ୍ଟ ତରଫରୁ ଲୋପାମୁଦ୍ରା ମିଶ୍ର, ବୁଦ୍ଧନାଥ ବେହେରା, ପ୍ରେମାଞ୍ଜଳୀ ମିଶ୍ରଙ୍କ ସଂଯୋଜନାରେ ଓଡ଼ିଶୀ, ସମ୍ବଲପୁରୀ, ଆଧୁନିକ ନୃତ୍ୟ ସହ ଭଜନ ପରିବେଷଣ କରାଯାଇଥିଲା। ଯାହା ଦର୍ଶକଙ୍କୁ ମନମୁଗ୍ଧ କରିଥିଲା। ସମାଜସେବୀ ଗଦାଧର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରସନ୍ନ ଚୌଧୁରୀ ସଂଯୋଜନା କରିଥିଲେ। ପ୍ରଭାତ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶଶୀଭୂଷଣ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।

## ଆଉ ନାହାନ୍ତି ଶୈଳବାଳା

**ଭୁବନେଶ୍ୱର :** ବଡଗଡ ଗାଁର ଜଣାଶୁଣା ବ୍ୟକ୍ତିତ୍ୱ ସ୍ୱର୍ଗତଃ ଯୋଗେନ୍ଦ୍ର ଜେନାଙ୍କ ଧର୍ମପତ୍ନୀ ତଥା ଧର୍ମପ୍ରାଣା ମହିଳା ଶୈଳବାଳା ଜେନାଙ୍କର ୭୮ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଗତ ୧ ସପ୍ତାହ ଧରି ମସ୍ତିଷ୍କରୁ ରକ୍ତସ୍ରାବ ଜନିତ ରୋଗରେ ପୀଡିତ ଥାଇ ରାଜଧାନୀର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ସ୍ୱର୍ଗତା ଜେନା ୧୯୪୦ ମସିହା ଅଗଷ୍ଟ ୨୬ ତାରିଖରେ ନାରଗୋଦାରେ ଜନ୍ମଗ୍ରହଣ କରିଥିଲେ। ସ୍ୱର୍ଗତ ଜେନା ଅସହାୟମାନଙ୍କୁ ବିଭିନ୍ନ ସମୟରେ ସାହାଯ୍ୟର ହାତ ବଢ଼ାଇବା ସହ ଅଧିକାଂଶ ସମୟ ଧାର୍ମିକ କାର୍ଯ୍ୟରେ ମନୋନିବେଶ କରୁଥିଲେ। ତାଙ୍କ ନିକଟରେ ପର ଆପଣାର ଭେଦଭାବ ନଥିଲା। ସେ ସମସ୍ତଙ୍କୁ ନିଜର ପରି ଭଲ ପାଉଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଯାଇଛି। ତାଙ୍କ ମଧ୍ୟମ ପୁତ୍ର ପୂର୍ବତନ କର୍ପୋରେଟର ତଥା ବିଜେଇଏମ୍ ସ୍କୁଲର



ପରିଚାଳକ ପ୍ରତାପ ଜେନା ମୁଖାଗ୍ନି ଦେଇଥିଲେ। ସ୍ୱର୍ଗଦ୍ୱାରରେ ପ୍ରତାପଙ୍କ ସମେତ ଜ୍ୟେଷ୍ଠପୁତ୍ର ପ୍ରଫୁଲ୍ଲ, କନିଷ୍ଠ ପୁତ୍ର ପ୍ରଶାନ୍ତ, ଆତ୍ମୀୟସ୍ୱଜନ ଏବଂ ପରିବାରର ଅନ୍ୟମାନେ ଉପସ୍ଥିତ ରହିଥିଲେ।

## ପାରାଦୀପ ବନ୍ଦରର ନୂଆ ସଫଳତା



**ପାରଦୀପ :** ପ୍ରଥମ ଥର ପାଇଁ ଏକ ନୂତନ ଜ୍ଞାନ କୌଶଳରେ ପାରାଦୀପ ବନ୍ଦରରେ ପଣ୍ୟ ଖଲାସ କାର୍ଯ୍ୟକ୍ରମ କରାଯାଇଅଛି। ସୂଚନା ମୁତାବକ ଜାହାଜଟି ବର୍ଥକୁ ନ ଆସି ବର୍ଥ ଠାରୁ ବହୁ ଦୂରରେ ସମୁଦ୍ର ମଧ୍ୟରେ ରଖାଯାଇ ଏହି ଖଲାସ କାର୍ଯ୍ୟକ୍ରମ କରାଯାଇ ଅଛି । ତେବେ ଏହି କୌଶଳ ପାରଦୀପ ବନ୍ଦରର ନିଜସ୍ୱ ହୋଇଥିବା ବେଳେ ଏହା ଭାରତରେ ପ୍ରଥମ ଥର ପାଇଁ ପାରାଦୀପ ବନ୍ଦରରେ କରାଯଇଥିବା ଜଣାଯାଇଛି । ଡେଲ ଫାଇନ ନାକମ ଏହି ଜାହାଜ ମାଲେସିଆରୁ ପ୍ରାୟ ୧୫୦୦୦ ମେଟ୍ରିକ୍ ଟନ୍ ଏଡିବଲ ଅଏଲ ଆମଦାନୀ କରାଯାଇଛି । ତେବେ ଏହି ଜାହାଜଟି ବର୍ଥିଙ୍ଗ ହେବା ପରେ ଏହାର ଖଲାସ କାର୍ଯ୍ୟକ୍ରମ ବହୁ ସମୟ ସାପେକ୍ଷ ହୋଇଥିବାରୁ ପୂର୍ବରୁ ଏହି କାର୍ଯ୍ୟ କରିବା ପାଇଁ ମାତ୍ର ୫୦୦୦ ମେଟିକ୍ ଟନ୍ ପାଇଁ ୪ଦିନ ସମୟ ଲାଗୁଥିଲା ୧୫୦୦୦ ମେଟ୍ରିକ ଟନ ପାଇଁ ୧୨ଦିନ ସମୟ ଲାଗିଥାନ୍ତା ଯାହାଦ୍ୱାରା ବନ୍ଦରର ଅନେକ କ୍ଷତି ହୋଇଥାନ୍ତା । ତେଣୁ ଅଧିକ ସମୟ ଅପଚୟ ଓ କ୍ଷତିକୁ ଦୃଷ୍ଟିରେ ରଖି ବନ୍ଦର ଅଧକ୍ଷ ଶ୍ରୀ ରିଙ୍କେଶ ରାୟଙ୍କ ନିର୍ଦ୍ଦେଶ କ୍ରମେ ପାରାଦୀପ ବନ୍ଦରର ମେରାଇନ୍ ବିଭାଗର କର୍ମଚାରୀ ଓ ଅଧିକାରୀ ମାନେ ଅତ୍ୟନ୍ତ ସତର୍କତାର ସହିତ ଜାହାଜକୁ ସମୁଦ୍ର ଭିତରେ ରଖି ସଫଳତାର ସହିତ ଖଲାସ କାର୍ଯ୍ୟକରିଛନ୍ତି । ଯାହା ଫଳରେ ବନ୍ଦରର କୌଣସି ବର୍ଥ ବ୍ୟବହାର ହୋଇନାହିଁ ଅନାୟସରେ ଏହି କାର୍ଯ୍ୟ ସମ୍ପାଦନ ହୋଇଥିବା ଯାହାଦ୍ୱାରା ବନ୍ଦରର କ୍ଷମତା ବୃଦ୍ଧି ହେବା ସହ ରାଜସ୍ୱ ସଂଗ୍ରହ ବେଶ ସଫଳ ହେବ ବୋଲି ବନ୍ଦର ପକ୍ଷରୁ କୁହାଯାଇଛି।


## ସନ୍ଦେହ ଘେରରେ ସୌମ୍ୟରଞ୍ଜନଙ୍କ ମୃତ୍ୟୁ

**ଜଗତସିଂହପୁର,(ସୁଶାନ୍ତ ରାଉତ):** ରଘୁନାଥପୁର ଥାନା ଅନ୍ତର୍ଗତ ତଅଁରା ଗ୍ରାମର ଅଜୟ ସ୍ୱାଇଁଙ୍କ ପୁତ୍ର ସୌମ୍ୟରଞ୍ଜନ ସ୍ୱାଇଁ(୨୬)ଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଥିବା ଜଣାଯାଇଛି। ମାତ୍ର ମୃତ୍ୟୁର ଅସଲ କାରଣକୁ ଲୁଚାଇବା ପାଇଁ ହତ୍ୟାକାରୀମାନେ ରେଳଧାରଣା ନିକଟରେ ସୌମ୍ୟରଞ୍ଜନକୁ ପକାଇଦେଇ ତାହା ଏକ ଆତ୍ମହତ୍ୟାର ରୂପ ଦେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି ପରିବାର ଲୋକ। ସୂଚନା ଅନୁସାରେ ତଅଁରା ଗ୍ରାମର ଅଜୟ କୁମାର ସ୍ୱାଇଁ କଲିକତାରେ କାମଧନ୍ଦା କରି ଘର ଚଳାଇ ଥାଆନ୍ତି। ଘରେ ସ୍ତ୍ରୀ କବିତା ସ୍ୱାଇଁ ଓ ଏକମାତ୍ର ପୁତ୍ର ସୌମ୍ୟ ରଞ୍ଜନ ସ୍ୱାଇଁ ରହିଥାନ୍ତି। ଗତ ୩୧.୧୦(ବୁଧବାର) ରାତ୍ରରେ ଗୁଆଳିପୁର ଗ୍ରାମରେ ଲକ୍ଷ୍ମୀ ଭଷାଣ ଚାଲିଥିଲା। ପୁତ୍ର ସୌମ୍ୟ ମଧ ଭଷାଣିଉତ୍ସବ ଦେଖିବାକୁ ଯାଇ ଆଉ ଫେରିନଥିଲା। ସକାଳୁ ସକାଳୁ ଗୁଆଳିପୁର ରେଳ ଷ୍ଟେସନ ଠାରୁ ପୂର୍ବକୁ ପ୍ରାୟ ୫ଶହ ମିଟର ଦୂରରେ ରେଳଧାରଣା ନିକଟରେ ସୌମ୍ୟର ଅକ୍ଷତ ମୃତ ଶରୀର ମିଳିଥିଲା। ମାତ୍ର ଗ୍ରାମର କେତେକ ପ୍ରଭାବଶାଳୀ ବ୍ୟକ୍ତି କବିତା ସ୍ୱାଇଁଙ୍କୁ ରେଳବିଭାଗ କେଶ୍‌ରେ ଫସିଯିବାର ଭୟ ଦେଖାଇବା ସହିତ ତରବରରେ ପୁତ୍ର ସୌମ୍ୟକୁ ପୋଡି ପକାଇଥିଲେ। ଏପରିକି ବାପା ଅଜୟ ଓ ମା କବିତା ମଧ ପୁତ୍ରକୁ ଦେଖିବାର ସୁଯୋଗ ପାଇନଥିଲେ ବୋଲି ଆଜି ବାପା, ମା, ପଡିଶା ଓ ଜ୍ୱାଇଁ ମାନସ ନାୟକ ଦୁଃଖର ସହିତ ଏହି ଖବରକୁ ଗଣମାଧ୍ୟମରେ ପ୍ରକାଶ କରିଛନ୍ତି ଏବଂ ସେମାନେ ଦୃଢତାର ସହିତ କହିଛନ୍ତି ଯେ ଆମ୍ଭ ପୁତ୍ର ରେଳଧକ୍କାରେ ମରିନାହିଁ ତାକୁ କେହି ମାରିଦେଇଛି। ଏ ସମ୍ପର୍କରେ ରଘୁନାଥପୁର ଥାନା ଆଇଆଇସି ରଂଜନ କୁମାର ମଲ୍ଲିକ୍‌ଙ୍କୁ ପଚାରିବାରେ ସେ କୁହନ୍ତି ଯେ ରେଳ ଦୁର୍ଘଟଣା ସହିତ ଆମର କିଛି ସମ୍ପର୍କ ନାହିଁ। ଏହି ଘଟଣାକୁ ରେଳବାହୀ ପୋଲିସ୍ ତଦନ୍ତ କରିବ। ତେବେ ଏହି ଅପାଠୁଆ ଗରୀବ ପରିବାରକୁ କିପରି ନ୍ୟାୟ ମିଳିବ ତାହା ସମଗ୍ର ରଘୁନାଥପୁର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।


## କମଳାକାନ୍ତଙ୍କ ଆତ୍ମଜୀବନୀ ‘ଜନମରୁ ମରଣ’

### ସର୍ବଭାରତୀୟ ପୁରସ୍କାର ପାଇଁ ମନୋନୀତ

**ଭୁବନେଶ୍ୱର :** ସମ୍ଭ୍ରାନ୍ତ ପ୍ରକାଶନ ସଂସ୍ଥା ‘ଧଉଳି ବୁକ୍ସ’ ପକ୍ଷରୁ ନିକଟରେ ପ୍ରକାଶିତ ବିଶିଷ୍ଟ କଥାକାର ଓ ଅନୁବାଦକ କମଳାକାନ୍ତ ମହାପାତ୍ରଙ୍କ ଆତ୍ମଜୀବନୀ ‘ଜନମରୁ ମରଣ’କୁ ପୁରସ୍କାର ପାଇଁ ମନୋନୀତ ହୋଇଛି। ସର୍ବଭାରତୀୟ ସ୍ତରରେ ‘ପବ୍ଲିସିଙ୍ଗ୍ ନେକ୍ସଟ୍’ ତରଫରୁ ଏହା ଘୋଷଣା କରାଯାଇଛି। ଏହି ପୁରସ୍କାର ବର୍ଗରେ




ଥିବା ମୋଟ ପାଞ୍ଚୋଟି ବହି ମଧ୍ୟରୁ ‘ହାର୍ପର କଲଇନ୍ସ’ ଓ ‘କପର କଏନ୍ସ’ ପ୍ରକାଶନ ସଂସ୍ଥାକୁ ଯାଇଥିବାବେଳେ, ଏକମାତ୍ର ଓଡ଼ିଆ ପ୍ରକାଶକ ଭାବେ ପ୍ରଥମ ଥର ପାଇଁ ‘ଧଉଳି ବୁକ୍ସ’ର ପୁସ୍ତକକୁ ମନୋନିତ କରାଯାଇଛି। ଓଡ଼ିଆରେ ଲିଖିତ କମଳାକାନ୍ତ ମହାପାତ୍ରଙ୍କ ଜୀବନୀ ‘ଜନମରୁ ମରଣ’ ସମାଲୋଚକଙ୍କ ସଶ୍ରଦ୍ଧ ଦୃଷ୍ଟି ଆକର୍ଷଣ କରିବା ସହ ପାଠକୀୟ ଆଦୃତି ଲାଭ କରିଛି। ୨୦୧୪ରୁ ‘ପବ୍ଲିସିଙ୍ଗ୍ ନେକ୍ସଟ୍’ ଦ୍ୱାରା ଏହି ପୁରସ୍କାର ପ୍ରକାଶନର ବିଭିନ୍ନ ବର୍ଗ ପାଇଁ ଦିଆଯାଉଛି।



PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455



PLOT FOR SALE@BHUBANESWAR
Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571445



30ft Internal Road
Mouza : Pandiapada
Contact Immediately :
8658607286 / 8917571455

Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି